RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-191 ◆BHUBANESWAR ◆FRIDAY ◆5 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୧ ◆ଭୁବନେଶ୍ୱର ◆ଶୁକ୍ରବାର ◆୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ମାର୍ଚ୍ଚ ୩୧ରେ
'କଲ୍କି ୨୮୯୮
ଏଡି'ର ଟ୍ରେଲର୍
▶ପୃଷ୍ଠା ୨ ଦେଖନ୍ତୁ...

## ରାଜ୍ୟବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ ଜଳ ସମ୍ପଦର ବିକାଶ

# ୪୪୧ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି



**ସ୍ୱଚ୍ଛତା, ପାରଦର୍ଶିତା ଓ ପ୍ରତିବଦ୍ଧତା ହେଉ ଜନସେବାର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ**

**ମୋଟ ନିଯୁକ୍ତ ଯନ୍ତ୍ରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ମହିଳା**

**ଲୋକଙ୍କ ଆଶା ପୂରଣ ପାଇଁ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ ଆହ୍ୱାନ**

■ **ଭୁବନେଶ୍ୱର, ୪।୧ (ସମିସ):** ରାଜ୍ୟର ବିକାଶରେ ଜଳ ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଏହି ବିଭାଗକୁ ଆହୁରି ଦକ୍ଷ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଆଜି ଏକ ସଙ୍ଗରେ ୪୪୧ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ୍)ଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ମୋଟ ନିଯୁକ୍ତ ଯନ୍ତ୍ରୀଙ୍କ ମଧ୍ୟରୁ ୫୦% ହେଉଛନ୍ତି ମହିଳା ଯନ୍ତ୍ରୀ। ଲୋକସେବା ଭବନରେ ଆୟୋଜିତ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବ ନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ ସହ '୫-ଟି' ଉପକ୍ରମ ଆଧାରରେ ଜନସାଧାରଣଙ୍କ ସେବା କରିବା ଲାଗି ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂତନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ରାଜ୍ୟର ପ୍ରମୁଖ ଜଳସେଚନ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ କରାଯାଉଛି। ଏପରିସ୍ଥଳେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ଯନ୍ତ୍ରୀମାନେ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବା ସହିତ ପ୍ରତିକୂଳ ପରିସ୍ଥିତିର ସଫଳ ମୁକାବିଲା କରିବା ଆବଶ୍ୟକ। ଯେହେତୁ ଆପଣମାନେ ସରକାରୀ ଚାକିରୀରେ ଯୋଗ ଦେଇଛନ୍ତି, ନିଷ୍ଠା, ପାରଦର୍ଶିତା ଓ ପ୍ରତିବଦ୍ଧତାର ସହ ରାଜ୍ୟବାସୀଙ୍କ ସେବା କରିବା ଆପଣମାନଙ୍କର ମୂଳ କର୍ତ୍ତବ୍ୟ । ଆମର ପ୍ରତ୍ୟେକ କାର୍ଯ୍ୟର ସିଧାସଳଖ ପ୍ରଭାବ ଓଡ଼ିଶାବାସୀଙ୍କ ଜୀବନ ଜୀବିକା ଉପରେ ପଡିଥାଏ। ଲୋକଙ୍କ ଆଶା ଓ ଆକାଂକ୍ଷା ପ୍ରତି ଆମେ ସର୍ବଦା ସମ୍ବେଦନଶୀଳ ରହିବା ସହ ଜନସେବାରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବା ଉଚିତ। ଜଳ ସମ୍ପଦ ବିଭାଗ ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ବିଭାଗ। ବିଭିନ୍ନ ବିକାଶ କାର୍ଯ୍ୟ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି, ଯାହା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଜୀବନକୁ ସ୍ପର୍ଶ ▶ପୃଷ୍ଠା-୧୪

## ସଶକ୍ତ ଓଡ଼ିଶା ଗଠନ ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ସ୍ୱପ୍ନ: '୫-ଟି' ଅଧ୍ୟକ୍ଷ

# ୮ ମାସରେ ସୁନ୍ଦରଗଡ଼କୁ ୯୭୦ କୋଟି

■ **ସୁନ୍ଦରଗଡ଼/ରାଉରକେଲା,୪।୧(ସମିସ):** ମୁଖ୍ୟମନ୍ତ୍ରୀ କଥା କମ୍ କହନ୍ତି, କାମ ବେଶୀ କରନ୍ତି। ମୁଁ ବି ଭାଷଣ ଦେବାକୁ ଆସିନି, କାମ କରିବାକୁ ଆସିଛି। ଆପଣମାନେ ଦେଇଥିବା ଦାୟିତ୍ୱକୁ କାର୍ଯ୍ୟକାରୀ କରିବାକୁ ଅଛି। ଆପଣମାନଙ୍କ ଦାବି ସମ୍ପର୍କରେ ୧୦ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ନିଜ ସୁନ୍ଦରଗଡ ଜିଲ୍ଲା ଗସ୍ତ ଦ୍ୱିତୀୟ ଦିନରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜଗାଙ୍ଗପୁରର ଜାମପାଲି ପଡ଼ିଆଠାରେ ଆୟୋଜିତ ଏକ ବିରାଟ ଜନ ସମାଗମରେ ସ୍ଥାନୀୟ ଜନସାଧାରଣଙ୍କୁ ଦେଇଛନ୍ତି ଏହି ଆଶ୍ୱାସନା। ଏହା ସହ ଦ୍ୱିତୀୟଦିନ ସୁନ୍ଦରଗଡ଼ ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷା ସହ ସୁନିଦରଗଡ, ରାଜଗାଙ୍ଗପୁର, ନୂଆଗାଁ ଓ ବଣାଇ ବ୍ଲକରେ ଆୟୋଜିତ ସମାବେଶରେ ଲୋକଙ୍କ ଆପତ୍ତି, ଅଭିଯୋଗ ଗ୍ରହଣ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ୨ୟ ଦିନରେ ଶ୍ରୀ ପାଣ୍ଡିଆନ ଗୁରୁବାର ସୁନ୍ଦରଗଡ଼ଠାରେ ସମଲେଇ ମନ୍ଦିର ▶ପୃଷ୍ଠା-୧୪

- ମା'ମାନେ ଆଗେଇ ଆସିଲେ ଦୌଡ଼ିବ ଓଡ଼ିଶା: ପାଣ୍ଡିଆନ
- ୧୫ ବର୍ଷର ରାଜଗାଙ୍ଗପୁର ରେଳ ଓଭରବ୍ରିଜ ସମସ୍ୟା ସମାଧାନ
- ପ୍ରକଳ୍ପ ନିମନ୍ତେ ୪୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ
- ବେଦବ୍ୟାସର ରୂପାନ୍ତରଣ ପାଇଁ ୧୪.୫୦ କୋଟି ମଞ୍ଜୁର
- ଜନ ପ୍ରସ୍ତାବ ଆଧାରରେ ୨ ବ୍ଲକରେ ୩ ନୂଆ ଡିଗ୍ରୀ କଲେଜ
- ବଣେଇଁରେ ଡାଏଲେସିସ ସେଣ୍ଟର ପାଇଁ ୧.୮୧ କୋଟି



# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ହେବ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର



**ବର୍ଷକ ମଧ୍ୟରେ ନିର୍ମାଣ ହେବ ପ୍ରେକ୍ଷାଳୟ**

**ଆଗାମୀ ପିଢ଼ିକୁ ମାର୍ଗ ଦେଖାଇବ ଗବେଷଣା**

■ **ଭୁବନେଶ୍ୱର, ୪।୧ (ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି। ୧୯୯୯ ମସିହାରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ଏହା ତାଙ୍କର ସ୍ୱପ୍ନର ପ୍ରକଳ୍ପ। ବିଶ୍ୱବିଦ୍ୟାଳୟର କାୟାକଳ୍ପ ପରିବର୍ତ୍ତନ କରିବା ପାଇଁ ଆସନ୍ତା ଶନିବାର ବୈଠକ ବସିବ। ବୈଠକରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯିବ। ବିଶ୍ୱବିଦ୍ୟାଳୟର ରୌପ୍ୟ ▶ପୃଷ୍ଠା-୧୪


DSPL-507




OIPR-50001/13/0003/2324

ସମ୍ପୂର୍ଣ୍ଣ

ସକାଳ THE SAKALA www.sakalaepaper.com




# ପିଏଚ୍‌ଡି ପରିବାବାଲା

'ଏମ୍‌ବିଏ ଚାଏବାଲା', 'ବି-ଟେକ୍ ଚାଏବାଲା' ପରେ ଏବେ ଚର୍ଚ୍ଚାରେ ଅଛନ୍ତି 'ପିଏଚ୍‌ଡି ପରିବାବାଲା'। ଏ କାହାଣୀ ହେଉଛି ପଞ୍ଜାବ ନିବାସୀ ଡ. ସନ୍ଦୀପ ସିଂହଙ୍କର। ସେ ଚାରିଟି ବିଷୟରେ ମାଷ୍ଟର ଡିଗ୍ରୀ କରିଥିବାବେଳେ ଗୋଟିଏ ବିଷୟରେ ପିଏଚ୍‌ଡି ବି କରିଛନ୍ତି। ସନ୍ଦୀପ ପରିବା ବିକ୍ରି କରିବା ପୂର୍ବରୁ ୧୧ ବର୍ଷ ପର୍ଯ୍ୟନ୍ତ ସେ ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଆଇନ ବିଭାଗରେ ଚୁକ୍ତିଭିତ୍ତିକ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ଏହି ଚାକିରିରେ ଦରମା କାଟ୍ ଏବଂ ଦରମା ଠିକ୍ ସମୟରେ ନ ମିଳିବାରୁ ସନ୍ଦୀପଙ୍କୁ ବହୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିଲା। ଫଳରେ ସେ ଚାକିରି ଛାଡ଼ିବା ନିଷ୍ପତ୍ତି ନେଲେ । ପରିବାର ପ୍ରତିପୋଷଣ ପାଇଁ ସେ ପରିବା ବିକ୍ରି କରିବା ନିଷ୍ପତ୍ତି ନେଲେ। ସେ ଏବେ କେବଳ ପରିବା ବିକ୍ରି କରୁ ନାହାନ୍ତି, ତା'ସହ ନିଜେ ମଧ୍ୟ ବି.ଏଲ୍‌ବି ପଢ଼ା ଜାରି ରଖିଛନ୍ତି। ଦିନ ଯାକ ପରିବା ବିକ୍ରି କରିବା ପରେ ରାତିରେ ସେ ଆଇନ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି। ଏହାବାଦ୍ ସେ ଜୀବନ ତମାମ ପଢ଼ା ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏବେ ସେ ଘର ଘର ବୁଲି ଠେଲାରେ ପରିବା ବିକ୍ରି କରୁଛନ୍ତି। ସେ ତାଙ୍କ ଠେଲାଗାଡ଼ିରେ ଏକ ଫଳକ ଲଗାଇଛନ୍ତି। ଯେଉଁଥିରେ ପଞ୍ଜାବୀ ଓ ଇଂରାଜୀରେ 'ପିଏଚ୍‌ଡି ପରିବାବାଲା' ଲେଖାଯାଇଛି ଏବଂ ଏହି ଫଳକ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ପ୍ରଫେସର ଚାକିରି ତୁଳନାରେ ପରିବା ବିକ୍ରି କରି ସେ ଅଧିକ ରୋଜଗାର କରୁଥିବା କହିଛନ୍ତି। ଅନ୍ୟପଟେ ପରିବା ବିକ୍ରିରୁ ଯେତିକି ଆୟ କରୁଛନ୍ତି, ସେଥିରୁ ଅର୍ଥ ସଞ୍ଚୟ କରି ନିଜର ଏକ କୋଚିଂ ସେଣ୍ଟର ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି।

# ବିଶ୍ୱ ପକ୍ଷୀ ଦିବସ



ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର। ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି। ପରିତାପର ବିଷୟ ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୫ ତାରିଖକୁ 'ବିଶ୍ୱ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ। ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ। କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ। କିନ୍ତୁ କମ୍ପ୍ୟୁଟର ଓ ମୋବାଇଲ୍‌ରେ ବ୍ୟସ୍ତ ମଣିଷ ଏବେ ଅନେକ ପକ୍ଷୀଙ୍କ ନାମ ପାସୋରି ଦେଲାଣି। ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି। ଉପକାରୀ ପକ୍ଷୀ, ଶାଗୁଣା ଓ ଘରଚଟିଆ ବଂଶ ହ୍ରାସ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ଏହି ପରିପେକ୍ଷୀରେ ପକ୍ଷୀଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା 'ବିଶ୍ୱ ପକ୍ଷୀ ଦିବସ' ପାଳନର ଉଦ୍ଦେଶ୍ୟ। ପ୍ରତିବର୍ଷ ଏହି ସମୟରେ ଆମ ରାଜ୍ୟର ମରାଳ ମାଳିନୀ 'ଚିଲିକା'ରେ ପକ୍ଷୀ ଗଣନା ଆରମ୍ଭ ହୋଇଥାଏ।

# ଗୋଲ୍ଡେନ ରକ୍



ବିଶ୍ୱରେ ପ୍ରତ୍ୟେକ ସ୍ଥାନର ଏମିତି କିଛି ରହସ୍ୟମୟ କଥା ରହିଛି ଯାହାର ରହସ୍ୟ ଉନ୍ମୋଚନ କରିବାରେ ବୈଜ୍ଞାନିକମାନେ ମଧ୍ୟ ସଫଳ ହୋଇ ନାହାନ୍ତି। ଏହିକ୍ରମରେ ମିଆଁମାର, ମୋନ୍ ରାଜ୍ୟରେ ୨୫ ଫୁଟ ଉଚ୍ଚରେ ରହିଥିବା ଏକ ସୁନେଲୀ ରଙ୍ଗର ପଥରର ସ୍ୱତନ୍ତ୍ରତା ରହିଛି। ଏହି ପଥରଟି ଆଉ ଏକ ପଥରର ଢାଲ ହୋଇ ରହିଛି। ତେବେ ଏହି ପଥରର ସନ୍ତୁଳନକୁ ଲୋକେ ଭଗବାନ ବୁଦ୍ଧଙ୍କର ଚମତ୍କାର ବୋଲି କୁହନ୍ତି। ଏହା 'ଗୋଲ୍‌ଡେନ୍ ରକ୍' ନାମେ ଜଣାଶୁଣା। ପ୍ରକୃତରେ ପଥରଟି ସୁନାରେ ନିର୍ମିତ ନୁହେଁ। ପଥର ଉପରେ ବୌଦ୍ଧ ଧର୍ମାବଲମ୍ବୀ ଲୋକେ ସୁନାର ପତ୍ର ଚିପ୍‌କାଉଥିବାରୁ ଏହାର ରଙ୍ଗ ଏପରି ଦେଖାଯାଉଛି। ଏହା ମିଆଁମାରର ପ୍ରସିଦ୍ଧ ବୌଦ୍ଧ ତୀର୍ଥସ୍ଥଳ। ଏହି ପଥର ପାଖକୁ ଯିଏ ବର୍ଷରେ ତିନି ଥର ଯାଏ ତାର ସବୁ ଦୁଃଖକଷ୍ଟ ଦୂର ହୋଇଯାଏ ବୋଲି କୁହାଯାଏ। ଏବେ ଏହି ଗୋଲଡେନ୍ ରକ୍‌ର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ରେ ଏହି ଗୋଲଡେନ୍ ରକ୍‌ର ଭିଡିଓ @stunningworlds ନାମକ ଜଣେ ୟୁଜର୍ ସେୟାର୍ କରିଛନ୍ତି। ଭୂମିଠାରୁ ପ୍ରାୟ ୧୧ଶହ ମିଟର ଉଚ୍ଚରେ ରହିଛି ଏହି ଭାରୀ ସୁବର୍ଣ୍ଣ ପଥର । ଏହି ପଥର ଗୋଟିଏ ଖାଲ ଉପରେ ରହିଛି । ଏହି ପଥର ଭଗବାନ ବୁଦ୍ଧଙ୍କ କେଶ ଉପରେ ରହିଛି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଯାହାକୁ ଏକାଦଶ ଶତାବ୍ଦୀରେ ଜଣେ ବୌଦ୍ଧ ଭିକ୍ଷୁ ଏକ ଖାଲରେ ରଖିଥିଲେ । ସେବେଠାରୁ ଏହି ପଥର କୌଣସି ସ୍ଥାନକୁ ଘୁଞ୍ଚିନାହିଁ । କି କେହି ଏହାକୁ ଘୁଞ୍ଚାଇ ପାରିନାହାନ୍ତି । କୁହାଯାଏ, କେବଳ ଏହି ପଥରକୁ ଜଣେ ମହିଳା ଘୁଞ୍ଚାଇପାରିବେ । ତେଣୁ ଏହାକୁ ଛୁଇଁବାକୁ ମହିଳାମାନଙ୍କୁ ଅନୁମତି ଦିଆଯାଇନାହିଁ। ସେଥିପାଇଁ ମହିଳାମାନଙ୍କୁ ଏହି ପଥରକୁ ଦୂରରୁ ଦେଖିବାକୁ ନିୟମ ରହିଛି।

# ମାର୍ଚ୍ଚ ୩୧ରେ 'କଲ୍‌କି ୨୮ ୯୮ ଏଡି'ର ଟ୍ରେଲର୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଏବେ ତାଙ୍କ ଫିଲ୍ମ 'ସାଲାର୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ପ୍ରଭାସଙ୍କ ଆକ୍ସନ୍ ଅବତାର ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। 'ଆଦିପୁରୁଷ' ଫ୍ଲପ୍ ହେବା ପରେ ପ୍ରଭାସ 'ସାଲାର୍'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ପ୍ରଭାସଙ୍କ ପ୍ରଶଂସକମାନେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'କଲ୍‌କି ୨୮ ୯୮ ଏଡି'କୁ ଅପେକ୍ଷା କରିଛନ୍ତି। ନାଗ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଇତିମଧ୍ୟରେ ଫିଲ୍ମର ନିର୍ଦ୍ଦେଶକ ଏହାର ପ୍ରଥମ ପାର୍ଟର ଟ୍ରେଲର୍ କେବେ ଆସିବ ତାହା ଉପରୁ ପରଦା ଉଠାଇଛନ୍ତି। ନିକଟରେ ନାଗ ଅଶ୍ୱିନ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ଟ୍ରେଲର୍ ଆଜିଠୁ ୯୩ ଦିନ ପରେ ଆସିବ ବୋଲି କହିଛନ୍ତି। ଏଥିରୁ ଏହାର ଟ୍ରେଲର୍ ମାର୍ଚ୍ଚ ୩୧ରେ ଆସିବ ବୋଲି ଅନୁମାନ କରାଯାଉଛି। ଏଥିରେ ପ୍ରଭାସଙ୍କ ସହ ବିଗ୍ ବି ଅମିତାଭ, ଦୀପିକା ପାଦୁ୍ୟକୋନ୍ ଆଦି ଅଭିନୟ କରୁଛନ୍ତି।

# କୁକୁର ସହିତ ଯୋଗ



ଯୋଗ କେବଳ ମଣିଷକୁ ଶାରୀରିକ ଭାବେ ଫିଟ୍ ରଖି ନ ଥାଏ, ବରଂ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସହାୟକ ହୁଏ। ଏହି କ୍ରମରେ ଲୋକେ ବିଭିନ୍ନ ପ୍ରକାର ଯୋଗ ସହିତ ପରିଚିତ ଥିବା ବେଳେ କୁକୁର ସହିତ ଯୋଗ କରିବା କଥା ବୋଧହୁଏ କେହି କେବେ ଶୁଣି ନ ଥିବେ। ପ୍ୟାରିସ୍‌ରେ କୁକୁର ସହିତ ଯୋଗ କରିବାର ନୂଆ ଧାରା ଆରମ୍ଭ ହୋଇଛି। ଯାହାକୁ ସେଠାକାର ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏହି ଯୋଗ ସହିତ ଲୋକଙ୍କୁ ପରିଚିତ କରାଇଛନ୍ତି ଏଲା ରୁବିନସ୍କି। ଏହା ହେଉଛି ଏମିତି ଏକ ଯୋଗ, ଯେଉଁଥିରେ ଯୋଗ ସହିତ କୁକୁର ବି ସାମିଲ ଥାଏ। ତେବେ ମ୍ୟାଟ୍‌ରେ ଲୋକେ ଯୋଗ କରୁଥିବା ବେଳେ ସେମାନଙ୍କ ପାଖରେ କୁକୁର ବୁଲୁଥିବା ଦେଖିବାକୁ ମିଳେ। ଛୋଟ ଅପାର୍ଟମେଣ୍ଟରେ ରହୁଥିବା ତଥା ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁଥିବା ଲୋକଙ୍କ ପାଇଁ ଏହି ଯୋଗ ବେଶ୍ ଲାଭକାରୀ ବୋଲି ଏଲା କହିଛନ୍ତି। ସେହିପରି ଅନେକ ଜଣଙ୍କ ଘରେ କୁକୁର ଥିଲେ ମଧ୍ୟ ସେମାନଙ୍କୁ ବାହାରକୁ ବୁଲାଇ ନେବା ପାଇଁ ମଧ୍ୟ ସେମାନଙ୍କ ପାଖରେ ସମୟ ନ ଥାଏ। ଏଣୁ ଏପ୍ରକାର ଯୋଗ କ୍ଲାସ୍‌ରେ ଯେଉଁମାନେ କୁକୁର ସହିତ କିଛି ସମୟ ଅତିବାହିତ କରି ଖୁସି ତଥା ଆଶ୍ୱସ୍ତି ଅନୁଭବ କରିବାକୁ ଚାହାନ୍ତି, ସେମାନଙ୍କୁ ସେହି ସୁଯୋଗ ମିଳିଥାଏ। ଏହି ଯୋଗ କ୍ଲାସ୍‌ରେ ୨୦ ମିନିଟ୍ ଯୋଗ କରାଯାଉଥିବା ବେଳେ ୪୦ ମିନିଟ୍ କୁକୁର ସହ ସମୟ ଅତିବାହିତ କରିବା ପାଇ ସୁଯୋଗ ମିଳେ। କୁକୁର ସହ ଖେଳିବା ଦ୍ୱାରା ଉଦ୍‌ବେଗ, ଅବସାଦ ହ୍ରାସ ପାଏ ଏବଂ ମନ ଖୁସି ରହିଥାଏ। ଏଣୁ ଏ ଦୃଷ୍ଟିରୁ କୁକୁରକୁ କୋଳାଗ୍ରତି କରି ଲୋକେ ଆଶ୍ୱସ୍ତ ଅନୁଭବ କରୁଛନ୍ତି। ଅନ୍ୟପଟେ ଏଲା ଯୋଗ କ୍ଲାସ୍ ପାଇଁ ଭଡ଼ାରେ କୁକୁରଙ୍କୁ ଆଣନ୍ତି। ସେମାନେ କିଛି ସମୟ ଏଠାରେ ରହିବା ପରେ ରାତିରେ ଘରକୁ ଯାଆନ୍ତି। ସେହିପରି ଏଲା ସ୍ପେନରେ ଗୋଟିଏ କୁକୁର ଯୋଗ କେନ୍ଦ୍ର ଖୋଲିଥିବା ବେଳେ ଏହି ବର୍ଷ ଫ୍ରାନ୍ସର ବିଭିନ୍ନ ସ୍ଥାନରେ ଏପ୍ରକାର ଯୋଗ କେନ୍ଦ୍ର ଖୋଲିବା ଲକ୍ଷ୍ୟ ସେ ରଖିଛନ୍ତି।

# ସୁସ୍ଥ ରହିବ ମସ୍ତିଷ୍କ କରନ୍ତୁ ଏହି କାମ



**ମସ୍ତିଷ୍କ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ଏହାକୁ ସୁସ୍ଥ ରଖିବା ଉପରେ ଧ୍ୟାନ ଦେବା ଉଚିତ। କିନ୍ତୁ ଏପରି କିଛି ଅଭ୍ୟାସ ଅଛି, ଯାହା ମସ୍ତିଷ୍କକୁ ଦୁର୍ବଳ କରିଦିଏ ଏବଂ ଏହାକୁ ସ୍ଥିର କରିଦିଏ। ତେବେ କିଛି ନିୟମ ପାଳନ କରି ମସ୍ତିଷ୍କକୁ ସଦା ସୁସ୍ଥ ରଖିହେବ, ଆସନ୍ତୁ ଜାଣିବା ସେଗୁଡ଼ିକ ସମ୍ପର୍କରେ...**

- ମସ୍ତିଷ୍କକୁ ସୁସ୍ଥ ରଖିବା ସହ ସ୍ମରଣ ଶକ୍ତି ବଢ଼ାଇବା ପାଇଁ ଭଲ ଖାଦ୍ୟ ଖାଇବା ଜରୁରି। ସବୁବେଳେ ଫଳ ଓ ତଟକା ପନିପରିବା ଖାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାବାଦ୍ ସବୁବେଳେ କିଛି ନା କିଛି ଶିଖିବା ମନୋଭାବ ରହିବା ଦରକାର।
- ମସ୍ତିଷ୍କକୁ ତୀକ୍ଷ୍ଣ କରିବା ପାଇଁ ଭରପୂର ନିଦ୍ରା ନେବା ଜରୁରି। ଜଣେ ନିଦରେ ଭଲ ଭାବେ ଶୋଇଲେ ମସ୍ତିଷ୍କ ଭଲ ଭାବେ କାମ କରିଥାଏ।
- ମଣିଷ ଚାପଗ୍ରସ୍ତ ନ ରହିବା ପାଇଁ ବୁଲାବୁଲି ମଧ୍ୟ କରିବା ଜରୁରି।
- ଏହାବାଦ୍ ନିୟମିତ ଯୋଗ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହିବ ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ।
- ରାଗିବା ମସ୍ତିଷ୍କ ପାଇଁ କ୍ଷତିକାରକ ହୋଇଥାଏ। ଯଦି ଆପଣ ଛୋଟ ଛୋଟ ଜିନିଷରେ ରାଗିଯାଉଛନ୍ତି, ଏହା ମାନସିକ କ୍ଷମତାକୁ ହ୍ରାସ କରିପାରେ ।
- ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ଖାଦ୍ୟରେ ବ୍ରୋକୋଲି, ଆଲମଣ୍ଡ, ଅଖରୋଟ, ଗ୍ରୀନ୍ ଟି, କଖାରୁ ମଞ୍ଜି, ଡାର୍କ ଚକୋଲେଟ୍, ଡାଳିମ୍ବ ଆଦି ଖାଇବା ଆବଶ୍ୟକ। ଏଗୁଡ଼ିକରେ ଏମିତି ଗୁଣ ଅଛି, ଯାହା ମସ୍ତିଷ୍କ ଏବଂ ସ୍ମୃତି ଶକ୍ତି ପାଇଁ ବେଶ୍ ଭଲ ହୋଇଥାଏ।

# 'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ



ସମ୍ପ୍ରତି ବିଭିନ୍ନ ପ୍ରକାର ଟ୍ରେଣ୍ଡ ସହ ଭିନ୍ନ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ ମଧ୍ୟ ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଅର୍ଥ ସଞ୍ଚୟ କରିବାକୁ ନେଇ 'ଜିରୋ ସ୍ପେଣ୍ଡ' ବା 'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୮ ବର୍ଷୀୟା ମାଟିଲ୍‌ଡା ରେଲିଫରସ୍ ନାମ୍ନୀ ଜଣେ ମହିଳା ଏହି ଶୂନ୍ୟ ଖର୍ଚ୍ଚ ଚ୍ୟାଲେଞ୍ଜକୁ ଆପଣାଇ ମାସକୁ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହି ଚ୍ୟାଲେଞ୍ଜ ଅନୁସାରେ, ସେ ନିଜ ଇଚ୍ଛାନୁସାରେ ଟଙ୍କାଟିଏ ବି ଅଧିକ ଗୋଟିଏ ମାସରେ ଖର୍ଚ୍ଚ କରି ନ ଥିବା କହିଛନ୍ତି। ନଭେମ୍ବର ମାସ ଯାକ ସେ କେବଳ ଖାଦ୍ୟ ଓ ବିଲ୍ ପାଇଁ ଯାହା ଟଙ୍କା ଖର୍ଚ୍ଚ କରିଥିଲେ। ସେ ଏହାବାଦ୍ ପୋଷାକ, ସାଙ୍ଗସାଥୀ ତଥା ବୁଲାବୁଲି ପାଇଁ ଟଙ୍କାଟିଏ ଅତିରିକ୍ତ ଖର୍ଚ୍ଚ କରି ନ ଥିବା କହିଛନ୍ତି। ଏହି ଚ୍ୟାଲେଞ୍ଜ ମାଧ୍ୟମରେ ସେ ଗୋଟିଏ ଫୁଡ୍ ସପ୍‌ରୁ ମାସକ ପାଇଁ ୧୦ ହଜାର ଟଙ୍କାର ଖାଦ୍ୟ ଅର୍ଡର ଦେଇଥିଲେ। ସେହିପରି ଏହି ଟ୍ରେଣ୍ଡକୁ ନେଇ ତାଙ୍କ ନିୟମ ଥିଲା, ସେ କେବଳ ଟଙ୍କା ବିଲ୍ ପଇଠ ପାଇଁ ଖର୍ଚ୍ଚ କରିବେ। ଏହାବାଦ୍ ନିଜ ପୋଷା କୁକୁରର ଅଚାନକ କିଛି ଆବଶ୍ୟକତା ପଡ଼ିଲେ ମାଟିଲ୍‌ଡା ଯାହା ଖର୍ଚ୍ଚ କରିବା କଥା କହନ୍ତି। ଏହି ଚ୍ୟାଲେଞ୍ଜ ଆଦୌ କଷ୍ଟକର ନ ଥିବା ସେ କହିଛନ୍ତି। ସେହିପରି ଖାଦ୍ୟ ଖାଇ ଯେଉଁଲି ବଳକା ଖାଦ୍ୟକୁ ଫ୍ରିଜ୍‌ରେ ରଖି ଖାଇପାରିବେ, ସେ ଦିଗରେ ମଧ୍ୟ ସେ ଦୃଷ୍ଟି ଦେଇଥାନ୍ତି। ମାଟିଲ୍‌ଡା ମାସକୁ ପୋଷାକ, ଖାଦ୍ୟ, ଘରଭଡ଼ା ପାଇଁ ପ୍ରଥମେ ୧,୮୦୦ ପାଉଣ୍ଡ ଖର୍ଚ୍ଚ କରୁଥିବା ବେଳେ 'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ ମାସରେ ତାହା ୧,୧୫୦ ପାଉଣ୍ଡକୁ ହ୍ରାସ ପାଇଲା। ସେ ଏପରି କରି ଏବେ ଖୁସି ଅନୁଭବ କରୁଥିବା କଥା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ସକାରାତ୍ମକ ଫଳ ପାଇବେ। ଅଫିସ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ପ୍ରେମୀ ଯୁଗଳଙ୍କ ପାଇଁ ଦିନଟି ଭଲ ରହିବ। ଆୟରେ ବୃଦ୍ଧି ଘଟିବ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବାଦ ବିବାଦ ସ୍ଥିତିରୁ ଦୂରେଇ ରୁହନ୍ତୁ। ନିଜ ବୁଦ୍ଧି ଅନୁସାରେ କାର୍ଯ୍ୟ କରନ୍ତୁ। ଜୀବନସାଥୀଙ୍କର ସହଯୋଗ ପାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ମିଥୁନ:** କୌଣସି ଜରୁରି କାର୍ଯ୍ୟ ପୂରଣ ହୋଇପାରେ। ନୂତନ ବ୍ୟବସାୟ ପାଇଁ ମନବଳାଇବେ। ମହିଳାମାନଙ୍କ ପାଇଁ ଦିନଟି ମହତ୍ତ୍ୱପୂର୍ଣ୍ଣ ରହିବ। ବନ୍ଧୁମାନଙ୍କ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ପରିବାରରେ ହସ ଖୁସିରେ ସମୟ ବିତାଇବେ। ସମ୍ପର୍କରେ ଭୁଲ୍ ବୁଝାମଣା ହୋଇପାରେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ମାନବିକତାର ପରିଚୟ ଦେବେ। ବ୍ୟବସାୟରେ ଅଭିବୃଦ୍ଧି ଦେଖାଦେବ। ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେବ। ଦୂରଯାତ୍ରା କରିବାରୁ ନିବୃତ୍ତ ରୁହନ୍ତୁ ।

**କନ୍ୟା:** ଭବିଷ୍ୟତ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ପୁରୁଣା ସମ୍ପର୍କରେ ଘନିଷ୍ଠତା ବଢ଼ିବ। ବ୍ୟବସାୟରେ ବିକାଶ ଦେଖାଦେବ। ମନରେ ସକାରାତ୍ମକ ଚିନ୍ତାଧାରା ଆସିବ। ନୂତନ ନିଯୁକ୍ତି ସୁଯୋଗ ରହିଛି।

**ତୁଳା:** ଦୀର୍ଘଦିନର ସ୍ୱପ୍ନ ପୂରଣ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିବ। ପୁରୁଣା ନିବେଶରୁ ଲାଭବାନ ହେବେ। ଆୟ ଅନୁସାରେ ଖର୍ଚ୍ଚ କରନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ। କର୍ମକ୍ଷେତ୍ରରେ ଭଲ ଫଳ ମିଳିବ। ବ୍ୟବସାୟରେ ଆଶାଠାରୁ ଅଧିକ ସଫଳତା ପାଇବେ। ନୂତନ ଚିନ୍ତାଧାରା ନେଇ କାର୍ଯ୍ୟ କରିବେ। ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ଧନୁ:** କୋର୍ଟକଚେରୀ ମାମଲାରେ ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ପାଇପାରନ୍ତି। ପରିବାରବର୍ଗଙ୍କ ସ୍ୱପ୍ନ ସାକାରା ପାଇଁ କଠିନ ପରିଶ୍ରମ କରିବେ। ସନ୍ତାନ ପାଇଁ ଚିନ୍ତିତ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମକର:** ମହିଳାମାନଙ୍କୁ ଗୁରୁ ଦାୟିତ୍ୱ ମିଳିବ। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବା ଭଲ। ଆୟ ବୃଦ୍ଧି ପାଇଁ ଉତ୍ତମ ମାର୍ଗ ମିଳିବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିବେ।

**କୁମ୍ଭ:** ଆୟ ତୁଳନାରେ ବ୍ୟୟ ବୃଦ୍ଧି ହେବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ କରିବେ। ଅଧିକ ମାନସିକ ଚାପରେ ରହିପାରନ୍ତି। ସାବଧାନତାର ସହ କାର୍ଯ୍ୟ କରନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମୀନ:** ପରିଶ୍ରମରୁ ଉତ୍ତମ ଫଳ ପାଇବେ। ମହିଳାମାନେ ପରିବାର ପାଇଁ ଚିନ୍ତିତ ରହିବେ। ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରିବେ। ଜୀବନସାଥୀଙ୍କ ସହିତ ଭଲ ମୁହୂର୍ତ୍ତ ବିତାଇବାର ସୁଯୋଗ ପାଇବେ।

## ଆଜିର ଇତିହାସ

- ୧୭୩୧- ମସ୍କୋ ସହରରେ ପ୍ରଥମ ଥର ଷ୍ଟ୍ରିଟ୍ ଲାଇଟ୍ ଜଳିଲା।
- ୧୮୫୦-କାଲିଫର୍ଣ୍ଣିଆରେ ଷ୍ଟକ୍ ଏକ୍ସଚେଞ୍ଜର ପ୍ରତିଷ୍ଠା ହେଲା।
- ୧୯୬୧- ଆମେରିକା କ୍ୟୁବାଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୭୨- ବାଂଲାଦେଶର ନେତା ଶେଖ୍ ମୁଜିବୁର ରେହମାନ୍‌ଙ୍କୁ ନଜରବନ୍ଦୀରୁ ମୁକ୍ତ କରାଗଲା।
- ୨୦୧୪- ଭାରତୀୟ ସଞ୍ଚାର ଉପଗ୍ରହ ଜି-ସ୍ୟାଟ୍ ୧୪ ସଫଳତା ପୂର୍ବକ ତା'ର କକ୍ଷରେ ସ୍ଥାପିତ ହେଲା।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-191 ♦BHUBANESWAR ♦FRIDAY ♦5 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୧ ♦ଭୁବନେଶ୍ୱର ♦ଶୁକ୍ରବାର ♦୫ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଓଡ଼ିଶାରେ ଜେଏନ୍.୧ ଭାରିଆଣ୍ଟ ଚିହ୍ନଟ

**ଭୁବନେଶ୍ୱର,୪।୧(ସମିସ):** ଓଡ଼ିଶାରେ ଦୁଇ ଜଣ କୋଭିଡ୍ ସଂକ୍ରମିତଙ୍କଠାରେ କରୋନାର ନୂଆ ଉପପ୍ରଜାତି ଜେଏନ୍.୧ ଭୂତାଣୁ ଚିହ୍ନଟ ହୋଇଛି। ସେମାନଙ୍କ ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟରୁ ନୂଆ ଭାରିଆଣ୍ଟ ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଜେଏନ୍.୧ ଭୂତାଣୁରେ ଆକ୍ରାନ୍ତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ହୋଇଥିବା ବେଳେ ଅନ୍ୟ ଜଣେ ସୁନ୍ଦରଗଡ଼ର ବାସିନ୍ଦା ବୋଲି ଜଣାପଡ଼ିଛି। ଭୁବନେଶ୍ୱରର ଆକ୍ରାନ୍ତ ମହିଳାଜଣଙ୍କ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସୁନ୍ଦରଗଡ଼ର ଆକ୍ରାନ୍ତ ଜଣକ ଗୃହ ସଙ୍ଗରୋଧରେ ଅଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି, ଗୁରୁବାର ସକାଳ ସୁଦ୍ଧା ରାଜ୍ୟରେ ୨୮ ଜଣ କୋଭିଡ୍ ସଂକ୍ରମିତ ଥିଲେ। ପରବର୍ତ୍ତୀ ସମୟରେ ଅନୁଗୋଳରୁ ଜଣେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୌଣସି ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଗତ ୨୪ ଘଣ୍ଟା ଭିତରେ ଦେଶରେ ୭ ଜଣ ସଂକ୍ରମିତଙ୍କ ପ୍ରାଣ ଯାଇଛି। ତେଣୁ ଲୋକ ସତର୍କ ହେବା ଜରୁରୀ। ନିଜ ସହିତ ପରିବାର ସଦସ୍ୟଙ୍କ ସୁରକ୍ଷା ପାଇଁ କୋଭିଡ୍ ନିୟମ ମାନିବା ଆବଶ୍ୟକ ବୋଲି ଡାକ୍ତର ମହାପାତ୍ର କହିଛନ୍ତି।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ୧୨ଦିନ

# ଯୋଗଦେବେ ଦେଶରୁ ୬୦ ମନ୍ଦିରର କର୍ମକର୍ତ୍ତା, ୬୫୦ ଅତିଥି

**ପୁରୀ, ୪।୧(ସମିସ):** ଆଉ ମାତ୍ର ୧୨ ଦିନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଲୋକାର୍ପଣ ଉତ୍ସବରେ ଦେଶ ବିଦେଶରୁ ଅତିଥି ଯୋଗଦେଉଥିବାରୁ ସମସ୍ତ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଏବଂ ଆକର୍ଷଣୀୟ ହେବ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଗୁରୁବାର ଗୁରୁବାର ଶ୍ରୀନହରରେ ଗଜପତି ମହାରାଜା ଦିବ୍ୟସିଂ ଦେବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ଯେଉଁସବୁ ଆଲୋଚନା ଏବଂ ଦାୟିତ୍ୱ ଦିଆଯାଇଥିଲା ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ତା' ଉପରେ ବିଶେଷ ଭାବେ ତର୍ଜମା କରାଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଆସନ୍ତା ୧୨ ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ



ହେବ। ତିନିଦିନ ଧରି ଭବ୍ୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ। ୧୭ ତାରିଖରେ ଦେଶର ପ୍ରମୁଖ ୬୦ଟି ମନ୍ଦିରର କର୍ମକର୍ତ୍ତା ଯୋଗଦେବେ। ଅତିଥିଙ୍କୁ ସ୍ୱତନ୍ତ୍ର ଭାବେ ଆତିଥେୟତା ଯୋଗାଇ ଦିଆଯିବ। ଲୋକାର୍ପଣ ଉତ୍ସବରେ କିଏ କେଉଁଠି ବସିବେ ଏବଂ ସେମାନଙ୍କ ରହଣି ଉପରେ ମଧ୍ୟ ଆଲୋଚନା ହୋଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବାୟତ ଟିମ୍ ସହ ଯାଇଥିବା ବରିଷ୍ଠ ଓଏଏସ୍ ଅଧିକାରୀ ଅଭ୍ୟର୍ଥନା ଦାୟିତ୍ୱରେ ରହିବେ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପରିଚାଳନା କମିଟି ସଦସ୍ୟମାନେ ଗୋବର୍ଦ୍ଧନ ମଠରେ ଭେଟି ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିବେ ବୋଲି ନିଷ୍ପତ୍ତି ହୋଇଛି।

ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ ଶ୍ରୀନହରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଗୁଆ ଟେକା ଯାଇ ଯଜ୍ଞ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ। ଶ୍ରୀମନ୍ଦିର ରାଜପୁରୋହିତଙ୍କ ପରାମର୍ଶକ୍ରମେ ଗଜପତି ଦିବ୍ୟସିଂହ ଦେବଙ୍କ ରାଶି ଓ ନକ୍ଷତ୍ରକୁ ନେଇ ଯଜ୍ଞ ହେବ। ୧୫ ତାରିଖ ସକାଳ ୭ଟାରେ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଅଙ୍କୁରାରୋପଣ କରାଯିବ। ୧୭ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ପରିକ୍ରମା ଲୋକାର୍ପଣରେ ଯୋଗ ଦେବାକୁ ଆସିଥିବା ଅତିଥି କିଭଳି ସୁନ୍ଦର ଅନୁଭୂତି ନେଇ ଫେରିବେ ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ସେହିପରି ଯଜ୍ଞ ଆରମ୍ଭରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି କାନ୍ତି ଯେଭଳି ଶୃଙ୍ଖଳିତ ହେବ ଓ ସାଧାରଣ ଭକ୍ତଙ୍କ ଦର୍ଶନରେ ▶ପୃଷ୍ଠା-୧୦

# ହଟିଲା ଚକବନ୍ଦୀ ଅଙ୍କୁଶ

### ଜମି ବିକ୍ରି, ବଣ୍ଟନ ଓ ହସ୍ତାନ୍ତରରେ ରହିବନି ସମସ୍ୟା

**ଭୁବନେଶ୍ୱର,୪।୧(ସମିସ):** ଚକବନ୍ଦୀ ଜମି ବିକ୍ରୟ, ହସ୍ତାନ୍ତର ଓ ବଣ୍ଟନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟିଛି। ଏ ସମ୍ପର୍କରେ ବିଧାନସଭାରେ ପାରିତ ହୋଇଥିବା ଅଧିନିୟମ ସମ୍ପର୍କରେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଫଳରେ ଓଡ଼ିଶାର

- ■ '୫-ଟି' ଅଧ୍ୟକ୍ଷଙ୍କୁ ଲୋକେ ଦେଇଥିଲେ ପ୍ରସ୍ତାବ, କାର୍ଯ୍ୟକାରୀ କଲେ ମୁଖ୍ୟମନ୍ତ୍ରୀ
- ■ ଉପକୃତ ହେବେ ୮ ହଜାର ଗ୍ରାମର ଲକ୍ଷାଧିକ ଜମି ମାଲିକ

ପ୍ରାୟ ଆଠ ହଜାର ଗ୍ରାମର ଲକ୍ଷାଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଲାଭବାନ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଭିନ୍ନ ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ଚକ ଜମି ଉପରେ ଲାଗିଥିବା ଅଙ୍କୁଶ ହଟାଇବା ପାଇଁ ଶ୍ରୀ ପାଣ୍ଡିଆନଙ୍କୁ ଜନସାଧାରଣ ନିବେଦନ କରିଥିଲେ। ଜନତାଙ୍କ ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କର ବହୁତ ବଡ଼ ସମସ୍ୟା ଦୂର କରିଛନ୍ତି।

ଲୋକଙ୍କ ପ୍ରସ୍ତାବ ଆଧାରରେ ଚକ ଜମିର ବିକ୍ରିବଟା, ହସ୍ତାନ୍ତର ଉପରୁ ପ୍ରତିବନ୍ଧକ ହଟାଇବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିଲେ। ଏହି ସମସ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ରାଜସ୍ୱ ଟାସ୍କଫୋର୍ସରେ ବିଭିନ୍ନ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପରେ ଉକ୍ତ ଅଧିନିୟମକୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କୁ ବିଭାଗ ପ୍ରସ୍ତାବ ଦେଇଥିଲା। ଏହି ଅନୁସାରେ ଓଡ଼ିଶା ବିଧାନସଭାରେ ସଂଶୋଧିତ ଅଧିନିୟମ ପାରିତ କରାଯାଇଥିଲା। ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ଚକ ଜମିର ବିକ୍ରି, ହସ୍ତାନ୍ତର ଓ ବଣ୍ଟନରେ ଥିବା ସମସ୍ୟା ଦୂର ହୋଇଛି। ସେହିପରି ପୂର୍ବରୁ ଚକବନ୍ଦୀ ନିୟମ ଉଲ୍ଲଂଘନ କରି ବିକ୍ରୟ, ହସ୍ତାନ୍ତର ଓ ବଣ୍ଟନ କରାଯାଇ ଥିବା ଜମି ଏବେ ବୈଧ ଭାବେ ବିବେଚନା କରାଯିବ।

ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତିକରଣ ନିବାରଣ ଅଧିନିୟମ, ୧୯୭୨ ଚକ ଜମିର ଖଣ୍ଡବିଖଣ୍ଡନକୁ ରୋକିଥାଏ। ଉକ୍ତ ଆଇନ ଉଲ୍ଲଙ୍ଘନ କରି କରାଯାଇଥିବା ଯେକୌଣସି ଜମି ହସ୍ତାନ୍ତରୀକରଣ କିମ୍ବା ବଣ୍ଟନ ବେଆଇନ ଥିଲା। ଏହି ପ୍ରତିବନ୍ଧକ ଲୋକମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା। ନିଜର ଜମି ଥାଇ ମଧ୍ୟ ଆବଶ୍ୟକତା ସମୟରେ ସେମାନେ ଜମି ବିକ୍ରି କରିପାରୁ ନଥିଲେ କିମ୍ବା ପରସ୍ପର ମଧ୍ୟରେ ବଣ୍ଟନ କରିପାରୁନଥିଲେ। ବାହାଘର, ପାଠପଢ଼ା, ବ୍ୟବସାୟ କିମ୍ବା ଅନ୍ୟ କୌଣସି ବ୍ୟୟବହୁଳ କାର୍ଯ୍ୟ ପାଇଁ ଅର୍ଥ ଦରକାର ପଡ଼ିଲେ ଜମି ଖଣ୍ଡେ ବିକ୍ରି କରିପାରୁ ନଥିଲେ। ଅପରପକ୍ଷେ ଏହି ପ୍ରତିବନ୍ଧିତ ଜମି ରେକର୍ଡଗୁଡ଼ିକର ସଂଶୋଧନରେ ପ୍ରତିବନ୍ଧକ ସୃଷ୍ଟି ସହ ଜମି ଦଖଲ ନିମନ୍ତେ ଭବିଷ୍ୟତରେ ମକଦ୍ଦମା ସୃଷ୍ଟି କରୁଥିଲା।

### କଣ୍ଟେନର୍-ତେଲ ଟ୍ୟାଙ୍କର୍ ଦୁର୍ଘଟଣା

# ଜୀବନ୍ତ ଜଳିଗଲେ ଦୁଇ ଚାଳକ

**ବାରିପଦା/ବିଶୋଇ,୪।୧(ସମିସ):** ବାଙ୍ଗିରିପୋଷି ନିକଟ ଦ୍ୱାରଶୁଣି ଘାଟିରେ ସଡ଼କ ଦୁର୍ଘଟଣା ଥମିବାର ନାଁ ଧରୁନାହିଁ। ଏହି ଘାଟି ପୁଣି ୨ଜଣଙ୍କ ଜୀବନ ନେଇଛି। ଆଜି ସକାଳେ ଏକ କଣ୍ଟେନର୍ ଓ ତେଲ ଟ୍ୟାଙ୍କର୍ ମଧ୍ୟରେ ଧକ୍କା ହେବାରୁ ଉଭୟ ଗାଡ଼ିର ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଦ୍ୱୟଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ବାଙ୍ଗିରିପୋଷି

**ପୁଣି ଜୀବନ ନେଲା ଦ୍ୱାରଶୁଣି ଘାଟି**

ପୁଲିସ ଓ ବିଶୋଇ, ସାରସକଣା ଏବଂ ବାଙ୍ଗିରିପୋଷିର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ସୂଚନା ଅନୁସାରେ, ଗୁରୁବାର ସକାଳ ୬ଟାରେ ଏକ କଣ୍ଟେନର୍ ମୁମ୍ବଇରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ଦ୍ୱାରଶୁଣି ଘାଟିରେ ପଛରୁ ଆସୁଥିବା ଅନ୍ୟ ଏକ ତେଲ ଟ୍ୟାଙ୍କର୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ଘାଟି ରାସ୍ତା ତଳକୁ ଖସି ପଡ଼ିଥିଲା। ▶ପୃଷ୍ଠା-୧୦



# ଚିଲିକାରେ ବଢ଼ିଲେ ପକ୍ଷୀ

### ଏବର୍ଷ ଆସିଛନ୍ତି ୧୧ଲକ୍ଷ ୩୭ହଜାର ୭୫୯

**ଖୋର୍ଦ୍ଧା/ବାଲୁଗାଁ, ୪।୧(ସମିସ):** ବାଲୁଗାଁ ବନ୍ୟପ୍ରାଣୀ ବିଭାଗ, ଚିଲ୍‌କା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ମିଳିତ ଆନୁକୂଲ୍ୟରେ ଚିଲିକାରେ ପକ୍ଷୀ ଗଣନା ଗୁରୁବାର ଶେଷ ହୋଇଛି। ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ୧୮୭ପ୍ରଜାତିର ୧୧ ଲକ୍ଷ ୩୭ହଜାର ୭୫୯ପକ୍ଷୀଙ୍କ ସମାଗମ ହୋଇଛି। ତନ୍ମଧ୍ୟରେ ୧୦୮ ପ୍ରଜାତିର ୧୦ ଲକ୍ଷ ୯୮ହଜାର ୮୧୩ଟି ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ



- ◆ ନଳବଣରେ ବଢ଼ିଲେ ୪ହଜାର ୪ଶହ ପକ୍ଷୀ
- ◆ ୧୦ବର୍ଷ ପରେ ପୁଣି ଦିଶିଲା ପାଲାସ୍‌ଫିସ ଇଗଲ

ଅଞ୍ଚଳର ୭୯ପ୍ରଜାତିର ୩୮ହଜାର ୯ଶହ ୪୬ଟି ପକ୍ଷୀ ରହିଛନ୍ତି। ଗତବର୍ଷ ୧୮୪ ପ୍ରଜାତିର ୧୧ ଲକ୍ଷ ୩୧ ହଜାର ୯୨୯ ପକ୍ଷୀ ଆସିଥିଲେ। ତନ୍ମଧ୍ୟରୁ ୧୦୫ ପ୍ରଜାତିର ୧୦ ଲକ୍ଷ ୯୩ହଜାର ୪୯ଟି ବିଦେଶୀ ପକ୍ଷୀ ଏବଂ ୭୯ ପ୍ରଜାତିର ୩୮ ହଜାର ୮ଶହ ୮୦ଟି ସ୍ଥାନୀୟ ପକ୍ଷୀ ସାମିଲ ଥିଲେ। ତେବେ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ୫ହଜାର ୮୩୦ଟି ଅଧିକ ପକ୍ଷୀ ଆସିଛନ୍ତି। ପକ୍ଷୀଙ୍କ ଅଭୟାରଣ୍ୟ ନଳବଣରେ କେବଳ ୩ଲକ୍ଷ ୪୭ହଜାର ୨୮୦ପକ୍ଷୀଙ୍କର ଆଗମନ ହୋଇଛି। ପୂର୍ବବର୍ଷ ନଳବଣରେ ୩ଲକ୍ଷ ୪୨ହଜାର ୮୯୭ପକ୍ଷୀ ରହିଥିଲେ। ଯାହା ନଳବଣରେ ଚଳିତବର୍ଷ ଅଧିକ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ଜଣାଯାଇଛି। ଚଳିତବର୍ଷ ନଳବଣରେ ପ୍ରାୟ ୪ହଜାର ୩୮୩ପକ୍ଷୀ ଅଧିକ ଆସିଛନ୍ତି। ତେବେ ସର୍ବାଧିକ ପକ୍ଷୀ ନଳବଣରେ ଦେଖାଯାଇଥିବା ବେଳେ ସର୍ବନିମ୍ନ ପକ୍ଷୀ ଟାଙ୍ଗୀ ରେଞ୍ଜ ନଇରୀ ଅଞ୍ଚଳରେ ଦେଖିବାକୁ ମିଳିଛି।

# କର୍ତ୍ତବ୍ୟପଥରେ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ

- ■ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଲା ଓଡ଼ିଶାର ପ୍ରଜ୍ଞାପନ ମେଢ଼
- ■ ରଘୁରାଜପୁର ଶିଳ୍ପୀ ଗ୍ରାମରେ ନାରୀ ସଶକ୍ତୀକରଣ ମଡେଲ

**ଭୁବନେଶ୍ୱର, ୪।୧(ସମିସ):** ସମଗ୍ର ଦେଶ ପୁଣିଥରେ ଓଡ଼ିଶା କଳା-ସଂସ୍କୃତି, ଐତିହ୍ୟର ଝଲକ ଦେଖିବ। ଆସନ୍ତା ଗଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ। କେନ୍ଦ୍ର ସରକାର ଏନେଇ ଯେଉଁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି ସେଥିରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଛି। ଏନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ସମେତ ମୋଟ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି।

ବିକଶିତ ଭାରତ ପ୍ରସଙ୍ଗକୁ ନେଇ ଓଡ଼ିଶା ପକ୍ଷରୁ ୪ଟି ଡିଜାଇନ ଦିଆଯାଇଥିଲା। ଏଥିରେ ରଘୁରାଜପୁର ଗାଁର ଡିଜାଇନକୁ କେନ୍ଦ୍ର ମୋହର ମାରିଥିବାବେଳେ ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ପାଇଁ ଅନୁମତି ମିଳିଛି। ଶିଳ୍ପୀଗ୍ରାମ ରଘୁରାଜପୁରରେ କିପରି ଅନାବଶ୍ୟକ ସାମଗ୍ରୀରୁ ବିଭିନ୍ନ କଳାକୃତି ପ୍ରସ୍ତୁତ କରି ଶିଳ୍ପୀ ପରିଚିତ ହୋଇଛନ୍ତି ଏବଂ ରଘୁରାଜପୁର କିଭଳି ବିକଶିତ, ସାରା ବିଶ୍ୱରେ କଳା ପାଇଁ ଆଦୃତ ହୋଇପାରିଛି ତାହା ଏଥିରେ ଦର୍ଶାଯାଇଛି। ବିଶେଷକରି ନାରୀ ଶକ୍ତି ଏଠାରେ ଅଧିକ ସକ୍ରିୟ ରହି କିପରି ବିଭିନ୍ନ କଳା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ତାହା ମଧ୍ୟ ଏଥିରେ ସ୍ଥାନ ପାଇବ। ବିଶିଷ୍ଟ ଶିଳ୍ପୀ ଗଜେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ଶିଳ୍ପୀ କୀର୍ତ୍ତିକିଶୋର ମହାରଣା ପ୍ରସ୍ତୁତ କରିବେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରଜ୍ଞାପନ ମେଢ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ମେଢ଼ର ସମ୍ମୁଖ ଭାଗରେ କନ୍ଦର୍ପ ▶ପୃଷ୍ଠା-୧୦

### ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

# ଗାନ୍ଧୀ ଦର୍ଶନର ଅନ୍ତ ନାହିଁ: ଜଷ୍ଟିସ୍ ଲଳିତ




**ଭୁବନେଶ୍ୱର, ୪।୧(ସମିସ):** ଗାନ୍ଧୀ ଦର୍ଶନ ଅମର। ଏହାର ଅନ୍ତ ନାହିଁ। ଗାନ୍ଧୀଙ୍କ ବିଚାରଧାରାର ମୂଳମନ୍ତ୍ର ହେଉଛି ସମାନତା। ଯାହା ଭାରତୀୟ ସମ୍ବିଧାନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଉଭା ହୋଇଛି। ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଜୟଦେବ ଭବନରେ ଅନୁଷ୍ଠିତ 'ଚତୁର୍ଦ୍ଦଶ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତା 'କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ଏହା କହିଛନ୍ତି। ଜଷ୍ଟିସ୍ ଲଳିତ 'ଆମ ସ୍ୱପ୍ନର ଭାରତରେ ମହାତ୍ମା ଗାନ୍ଧୀ' ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ସେ ସମ୍ବିଧାନରେ ଗାନ୍ଧୀଦର୍ଶନର ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ।

ଗୁଜରାଟ ଗାନ୍ଧୀ ବିଦ୍ୟାପୀଠର ପୂର୍ବତନ କୁଳପତି ପ୍ରଫେସର୍ ଡଃ ସୁଦର୍ଶନ ଆୟଙ୍ଗାର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ବିଭିନ୍ନ ବିରୋଧାଭାସ ସତ୍ତ୍ୱେ ଗାନ୍ଧୀଙ୍କ ବିଚାରଧାରା ସହ ଏବେ ବି ଏ ଦେଶର ଯୁବପିଢ଼ି ଜଡ଼ିତ ଅଛନ୍ତି। ଏହା ବେଶ୍ ଆଶ୍ୱସ୍ତିକର ବିଷୟ। ତତ୍କାଳୀନ ଓଡ଼ିଶାର ସାମାଜିକ ସ୍ଥିତି ଓ ଦୁର୍ଦ୍ଦଶା ସମ୍ପର୍କରେ ଗାନ୍ଧୀଜୀଙ୍କ ଚିନ୍ତନ ଉପରେ ସେ ଆଲୋଚନା କରିବା ସହ ଗାନ୍ଧୀଜୀ ଗୁରୁତ୍ୱ ଦେଉଥିବା ତିନି କଥା ରଚନାତ୍ମକ କାର୍ଯ୍ୟ, ସତ୍ୟାଗ୍ରହ ଏବଂ ଗ୍ରାମସଭାର ମହତ୍ୱ ଉପରେ ସମସ୍ତେ ଚିନ୍ତା କରିବା ଉଚିତ ବୋଲି କହିଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର୍ ଡକ୍ଟର ଯତୀନ ନାୟକ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଜୀବନୀ ସମ୍ପର୍କରେ ▶ପୃଷ୍ଠା-୧୦




# ସୁନ୍ଦରଗଡ଼ରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିକାଶ ସମୀକ୍ଷା











# ରାଜ୍ୟରେ ୩ କୋଟି ୩୨ଲକ୍ଷ ୩୬ହଜାର ୩୬୦ ଭୋଟର

**ଭୁବନେଶ୍ୱର, ୪।୧(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଗତ ଅକ୍ଟୋବର ୨୭ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ଏହି କ୍ରମରେ ଆସନ୍ତାକାଲି (ଶୁକ୍ରବାର) ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିସ୍ତୃତ ସୂଚନା ଦେଇଛନ୍ତି।

- **ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା: ମୁଖ୍ୟ ନିର୍ବାଚନ ଅଧିକାରୀ**
- **ନୂଆ ତାଲିକାରେ ଯୋଡ଼ି ହୋଇଛନ୍ତି ୧୨ଲକ୍ଷ ୯୭ ହଜାର ୯୫୪ ଭୋଟର**

ଶ୍ରୀ ଧଳଙ୍କ ସୂଚନା ଅନୁଯାୟୀ, ପ୍ରକାଶିତ ହେବାକୁ ଥିବା ଚୂଡ଼ାନ୍ତ ଭୋଟର୍ ତାଲିକା ଅନୁସାରେ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ୩ କୋଟି ୩୨ଲକ୍ଷ ୩୬ ହଜାର ୩୬୦। ସେଥିମଧ୍ୟରେ ପୁରୁଷଙ୍କ ସଂଖ୍ୟା ୧ କୋଟି ୬୮ଲକ୍ଷ ୫୦ ହଜାର ୯୪୯ ହୋଇଥିବା ବେଳେ ମହିଳାଙ୍କ ସଂଖ୍ୟା ୧ କୋଟି ୬୩ ଲକ୍ଷ ୮୨ ହଜାର ୩୧ ଜଣ। ନୂଆ ତାଲିକାରେ ମୋଟ ୧୨ଲକ୍ଷ ୯୭ ହଜାର ୯୫୪ଜଣ ଭୋଟର୍ ଯୋଡ଼ି ହୋଇଛନ୍ତି। ତନ୍ମଧ୍ୟରେ ୧୮-୧୯ବର୍ଷର ୪ ଲକ୍ଷ ୭୬ ହଜାର ୯୬୯ଜଣ ଯୁବ ଭୋଟର୍ ରହିଛନ୍ତି ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି।

ଆଗାମୀ ସାଧାରଣ ନିର୍ବାଚନ ପ୍ରରିପେକ୍ଷୀରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସମସ୍ତ ଜାତୀୟ/ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରାଇଥିଲେ। ଏଥିରେ ସେ ସୂଚନା ଦେଇଥିଲେ ଯେ ଭୋଟର୍ ତାଲିକା-୨୦୨୪ ଅନୁଯାୟୀ ରାଜ୍ୟରେ ତୃତୀୟ ଲିଙ୍ଗ ଭୋଟର୍‌ଙ୍କ ସଂଖ୍ୟା ୩୩୮୦ ହୋଇଥିବା ବେଳେ ଯୁବ ଭୋଟର (୧୮-୧୯ ବର୍ଷ)ଙ୍କ ସଂଖ୍ୟା ୭ ଲକ୍ଷ ୫୪ ହଜାର ୯୪୬ ଜଣ। ସେହିପରି ଦିବ୍ୟାଙ୍ଗ ଭୋଟର୍‌ଙ୍କ ସଂଖ୍ୟା ୪ ଲକ୍ଷ ୫୭ ହଜାର ୮୨୧ ଜଣ, ବରିଷ୍ଠ ଭୋଟର୍‌ଙ୍କ (୮୦ ବର୍ଷରୁ ଅଧିକ) ସଂଖ୍ୟା ୬ ଲକ୍ଷ ୮୫ ହଜାର ୪୮ଜଣ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଉପସ୍ଥିତ ରାଜନୈତିକ ଦଳମାନଙ୍କୁ ଜଣାଇଛନ୍ତି। ଅନୁଷ୍ଠିତ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ବାଚନ ସମ୍ପର୍କିତ ଅତି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ସମ୍ପର୍କରେ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଅବଗତ କରାଇଛନ୍ତି।

# ୧୮ଟି ବ୍ଲକ୍‌ରେ ଖୋଲିବ +୩ ମହାବିଦ୍ୟାଳୟ

**ଭୁବନେଶ୍ୱର, ୪।୧(ସମିସ):** ମହାବିଦ୍ୟାଳୟ ନଥିବା ୧୮ଟି ବ୍ଲକ୍‌ରେ ଖୋଲିବ +୩ ମହାବିଦ୍ୟାଳୟ। କଳା ବିଭାଗରେ ଛାତ୍ରଛାତ୍ରୀମାନେ ଏଠାରେ ଅଧ୍ୟୟନ କରିପାରିବେ। ୨୦୨୪-୨୫ ଶିକ୍ଷାବର୍ଷରୁ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ ହେବ। ଶିକ୍ଷାରେ ସମାନତା ଓ ଉତ୍କର୍ଷ ଆଣିବା ସହ ସୁଦୂରପ୍ରସାରୀ କରିବା ପାଇଁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନବରଙ୍ଗପୁର ଜିଲ୍ଲାରେ ସର୍ବାଧିକ ୪ଟି ମହାବିଦ୍ୟାଳୟ ଖୋଲିବାକୁ ଥିବା ବେଳେ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ୩ଟି ଲେଖାଏଁ ମହାବିଦ୍ୟାଳୟ ଖୋଲିବ। ବିଜ୍ଞପ୍ତି ଅନୁଯାୟୀ, ଗଜପତି ଜିଲ୍ଲାର ଗୁମ୍ମା, ଗଞ୍ଜାମର ଧରାକୋଟ, କଳାହାଣ୍ଡିର ଥୁଆମୂଳ ରାମପୁର, କନ୍ଧମାଳର ଖଜୁରିପଡ଼ା, କୋରାପୁଟର ବନ୍ଧୁଗାଁ ଓ ନାରାୟଣପାଟଣା, ମାଲକାନଗିରିର ଚିତ୍ରକୋଣ୍ଡା, ମୟୂରଭଞ୍ଜର ତିରିଂ, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ, ରାଇଘରରେ ମହାବିଦ୍ୟାଳୟ ଖୋଲିବ। ସେହିପରି ରାୟଗଡ଼ା ଜିଲ୍ଲାର କାଶୀପୁର, ରାମନଗୁଡ଼ା ଓ ଚନ୍ଦ୍ରପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ, ଗୁରୁଣ୍ଡିଆ ଓ କୁଆଁରମୁଣ୍ଡା ଆଦି ବ୍ଲକ୍‌ରେ ସ୍ନାତକ ମହାବିଦ୍ୟାଳୟ ଖୋଲିବ। ଏହି ସମସ୍ତ ମହାବିଦ୍ୟାଳୟଗୁଡ଼ିକ ବ୍ଲକ୍ ମୁଖ୍ୟାଳୟଠାରୁ ୫କିମି ପରିସୀମା ଭିତରେ ରହିବ। ଏଥିପାଇଁ ୧୦ ଏକର ଜମି ଯୋଗାଇଦେବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ବିକାଶ ନହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶ୍ରେଣୀଗୃହରେ ଶିକ୍ଷାଦାନ କରିବାକୁ ବିଭାଗ ପକ୍ଷରୁ ଦର୍ଶାଯାଇଛି।

# ‘ଘରେ ଘରେ ପୁଷ୍ଟି’ ଯୋଜନାରେ ୮ ଲକ୍ଷ ପରିବାର ଉପକୃତ

**ଭୁବନେଶ୍ୱର,୪।୧(ସମିସ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମାଧ୍ୟମରେ ରାଜ୍ୟର ମହିଳା ଓ ବାଳିକାଙ୍କ ମଧ୍ୟରେ ଅପପୁଷ୍ଟି ଓ ରକ୍ତହୀନତା ଦୂର କରିବା ପାଇଁ ଗତବର୍ଷଠାରୁ ଆରମ୍ଭ ହୋଇଥିବା ‘ଘରେ ଘରେ ପୁଷ୍ଟି’ ଯୋଜନାରେ ମୋଟ ୮ ଲକ୍ଷ ୨୦ ହଜାର ପରିବାର ଉପକୃତ ହୋଇଛନ୍ତି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଏହି ସୂଚନା ଦେଇଛନ୍ତି। ଏହି ଯୋଜନା ରାଜ୍ୟରେ ମହିଳା ଓ ବାଳିକାମାନଙ୍କ ମଧ୍ୟରେ ଅପପୁଷ୍ଟି ଓ ରକ୍ତହୀନତା ଆଦିକୁ ଦୂର କରିବାରେ ଏକ ବଳିଷ୍ଠ ପଦକ୍ଷେପ ସାବ୍ୟସ୍ତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ ରାଜ୍ୟର ଅପପୁଷ୍ଟି ଓ ରକ୍ତହୀନତାର ଶିକାର ହୋଇଥିବା ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଚଳିତ ବର୍ଷ ରାଜ୍ୟର ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମହିଳା, ଅତି ଦୁର୍ବଳ ପିଲାଙ୍କ ପରିବାରଙ୍କୁ ନୂତନ ଭାବରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

> ଏ ବର୍ଷ ଗର୍ଭବତୀ ମହିଳା, ଅତି ଦୁର୍ବଳ ପିଲା ଓ ସନ୍ତ୍ୟପାନ କରାଉଥିବା ମହିଳା ସାମିଲ

# ଆଇଆଇଏମ୍‌ସି ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୪।୧(ସମିସ):** ଭାରତୀୟ ଜନ ସଞ୍ଚାର ସଂସ୍ଥାନ(ଆଇଆଇଏମ୍‌ସି)ରେ ୨୦୨୪-୨୫ ଶିକ୍ଷାବର୍ଷ ପ୍ରବେଶିକା ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନେସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଏହି ପରୀକ୍ଷା ସଞ୍ଚାଳନ କରିବ। ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ପିଜି) ଦ୍ୱାରା ଆଇଆଇଏମ୍‌ସି ପାଇଁ ପ୍ରବେଶିକା ପରୀକ୍ଷା କରାଯିବ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଆଗ୍ରହୀ ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିପାରିବେ। ସ୍ନାତକ ପରୀକ୍ଷା ଦେଇଥିବା ବା ଦେବାକୁ ଥିବା ଛାତ୍ରଛାତ୍ରୀମାନେ ଏଥିପାଇଁ ଆବେଦନ କରିପାରିବେ। ନାମଲେଖା ପାଇଁ ଚୟନ ହେଲେ ସେପ୍ଟେମ୍ବର ଶେଷ ଶୁଦ୍ଧା ସେମାନଙ୍କୁ ପ୍ରୋଭିଜିନାଲ ମାର୍କସିଟ୍ କିମ୍ବା ସାର୍ଟିଫିକେଟ୍ ଦାଖଲ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି। ଆବେଦନ ପାଇଁ ସାଧାରଣ ବର୍ଗଙ୍କ ବୟସ ସୀମା ୨୫ ବର୍ଷ ଥିବା ବେଳେ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ ୨୮ ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବାଧିକ ୩୦ବର୍ଷ ରହିଛି। ଆବେଦନ କରିବା ପାଇଁ http://cuet.nta.nic.in ୱେବ୍‌ସାଇଟ୍‌ରେ ଆବେଦନ ଫର୍ମ ଉପଲବ୍ଧ ହେଉଛି।

> ଜାନୁଆରୀ ୨୪ ପର୍ଯ୍ୟନ୍ତ ଆବେଦନ

# ଲୋକସଭା ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜଙ୍କୁ ବିପୁଳ ସ୍ୱାଗତ

**ସମ୍ବଲପୁର,୪।୧(ସମିସ):** ସମ୍ବଲପୁର ଲୋକସଭା ବିଜେଡି ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିବା ପରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଗତକାଲିଠାରୁ ସମ୍ବଲପୁର ଗସ୍ତରେ ଅଛନ୍ତି। ଏହି ଗସ୍ତ ସମୟରେ ଦଳୀୟ ନେତା ଓ କର୍ମୀଙ୍କ ସହ ସେ ଆଲୋଚନା କରିଛନ୍ତି। ପାନ୍ଥନିବାସରେ ରହଣି ସମୟରେ ଯୁବ, ଛାତ୍ର, ବରିଷ୍ଠ ନେତାମାନେ ଭେଟି ସ୍ୱାଗତ କରିଛନ୍ତି। ଜିଲ୍ଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ନଳିନୀକାନ୍ତ ପ୍ରଧାନ, ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଯୁବନେତା ବିଶାଳ ଦାସ, ଦିଲ୍ଲୀପ ଦୁରିଆ, ଅମର ତାଣ୍ଡିଆ, ମାନଭଞ୍ଜନ ପଶାୟତ ଓ କିରଣ ଜୟପୁରିଆଙ୍କ ସମେତ ଶତାଧିକ ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ସ୍ୱାଗତ କରିଥିଲେ। ସେହିପରି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେଠାରେ ଉପସ୍ଥିତ ଥିବା ନେତୃବୃନ୍ଦମାନେ ମଧ୍ୟ ସ୍ୱାଗତ କରିଥିଲେ। ପରେ ସମଲେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ନେଇ ଆଲୋଚନା ହୋଇଥିଲା। ଦଳର ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନେବା ପରେ ସମ୍ବଲପୁର ଲୋକସଭାର ବିଜେଡି ନେତାମାନଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ଦଳ ନିଶ୍ଚୟ ଭଲ ପ୍ରଦର୍ଶନ କରିବ ଓ ସାଧାରଣ ନିର୍ବାଚନରେ ସମସ୍ତ ବିଧାନସଭା ଓ ଲୋକସଭା ସିଟ୍ ବିଜେଡି ହାତକୁ ଯିବ ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି।



# ଓଏମ୍‌ସିକୁ ମିଳିବ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର

**ଭୁବନେଶ୍ୱର, ୪।୧(ସମିସ):** କ୍ରୀଡ଼ାରେ ଅଭୂତପୂର୍ବ ରୂପାନ୍ତରଣ ସୃଷ୍ଟି କରିଥିବା ଓଡ଼ିଶାକୁ ଗୋଟିଏ ପରେ ଗୋଟିଏ ଜାତୀୟ ସମ୍ମାନ ମିଳୁଛି। ଏହି କ୍ରମରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର-୨୦୨୩ ପାଇବା ଲାଗି ମନୋନିତ କରାଯାଇଛି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଓଏମ୍‌ସିକୁ ‘ଔଦ୍ୟୋଗିକ ସାମାଜିକ କର୍ତ୍ତବ୍ୟ ଜରିଆରେ କ୍ରୀଡ଼ାକୁ ପ୍ରୋତ୍ସାହନ’ ବର୍ଗରେ ପୁରସ୍କୃତ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହିତ ରାଜ୍ୟରେ କ୍ରୀଡ଼ା ବିକାଶ କ୍ଷେତ୍ରରେ ଓଏମ୍‌ସିର ଅବଦାନ ଅତୁଳନୀୟ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ସୁନିଶ୍ଚିତ କରିଥିବା ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶରେ ଓଏମ୍‌ସି ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ଆସନ୍ତା ୯ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ଏହି ସମ୍ମାନଜନକ ପୁରସ୍କାର ପାଇଁ ସମଗ୍ର ଦେଶରୁ ବହୁ ସଂଖ୍ୟକ ପ୍ରସ୍ତାବ କ୍ରୀଡ଼ା ମନ୍ତ୍ରାଳୟରେ ପହଞ୍ଚିଥିଲା। ବିଚାରକମଣ୍ଡଳୀ ବିସ୍ତୃତ ଆଲୋଚନା ଓ ତର୍ଜମା ପରେ ଗୋଟିଏ ବର୍ଗରେ ଓଏମ୍‌ସି ବାଜିମାତ କରିଥିଲା। କ୍ରୀଡ଼ାମନ୍ତ୍ରାଳୟର ସଚିବ ସୁଜାତା ଚର୍ତୁବେଦୀଙ୍କ ଅଧ୍ୟକ୍ଷତାରେ ଗଠିତ ବିଚାରକମଣ୍ଡଳୀ ଆବେଦନପତ୍ରର ତର୍ଜମା କରିଥିଲେ। ଓଡ଼ିଶା ଖଣି ନିଗମ ରାଜ୍ୟ ସରକାରଙ୍କର ସ୍ୱର୍ଣ୍ଣିମ କ୍ରୀଡ଼ା ଇତିହାସରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। ଭାରତୀୟ ହକି (ପୁରୁଷ ଓ ମହିଳା) ଦଳର ଓଏମ୍‌ସି ପ୍ରାୟୋଜକ ରହିଛି।

> ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

## କ୍ଷିତୀଶଙ୍କ ବ୍ୟାଙ୍କିଙ୍ଗ ଫାଇନାନ୍ସରେ ଡକ୍ଟରେଟ୍ ଲାଭ



ଅସ୍ତରଙ୍ଗ ବ୍ଲକ ଘଣ୍ଟିକଣ ଗ୍ରାମ ର ନଟକିଶୋର ମହାନ୍ତି ଏବଂ ରଂଜିତା ପ୍ରଭା ମହାନ୍ତିଙ୍କର ସୁପୁତ୍ର ଶ୍ରୀମାନ କ୍ଷିତିଶ କୁମାର ମହାନ୍ତି ବି ଟେକ, ଏମ ଟେକ, ଏମ ବି ଏ ସହିତ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ବ୍ୟାକିଙ୍ଗ ଫାଇନାନ୍ସ ରେ ଡକଟରେଟ ଲାଭ କରିଛନ୍ତି।

## ପିଏଚ୍.ଡି ଲାଭ



ଅବିକେଶ ପ୍ରସାଦ କୁମାର ମହାପାତ୍ର ଓପିଜେଏସ ବିଶ୍ୱ ବିଦ୍ୟାଳୟର ଫାର୍ମାସିଶିକ୍ଷା ଓ ଗବେଷଣା ବିଭାଗ ପ୍ରଫେସର ନିରଜ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ଓପିଜେଏସବିଶ୍ୱ ବିଦ୍ୟାଳୟ ଚୁରୁ, ରାଜସ୍ଥାନରୁ ପି. ଏଚ୍. ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ତାହାଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ "FORMULATION AND DEVELOPMENT OF TASTE MASKEDSUBLINGUAL TABLET DOSAGE FORM OF AN ANTIPSYCHOTIC DRUG USING ANOVAL NATURAL DISINTEGRATE." ଭଗତ ଫୁଲ ସିଂ ମହିଳା ବିଶ୍ୱ ବିଦ୍ୟାଳୟ ହରିୟାନାରପ୍ରାଧାପକ ଡଃ ଗୁଲସନ କୁମାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଅଛି । ସେ ଓଡିଶାର ଗଞ୍ଜାମ ଜିଲ୍ଲାକୋଦଳା ସ୍ଥିତ ସ୍ୱତନ୍ତ୍ର ବି.ଏଡ.କଲେଜ ଅଧକ୍ଷ ପ୍ରଫେସର ଡଃ ବିଭୂତି ଭୂଷଣ ମହାପାତ୍ର ଓ ପ୍ରୋକ୍ତକଲେଜର ପ୍ରାଧାପିକା ଡଃ ଅନିତା ନନ୍ଦଙ୍କ ଦ୍ୱିତୀୟ ସନ୍ତାନ । ବ୍ରହ୍ମପୁର ସ୍ୱର୍ଣ୍ଣମୟୀ ନଗର ସ୍ଥିତ ଶ୍ରୀ ପ୍ରସନ୍ନ କୁମାର ପାଢୀଙ୍କ ଜ୍ୟେଷ୍ଠ ଜାମାତା ।

## ଲୋକକଥା



ଦଲାଲ କରନ୍ତି ରୋଗୀଙ୍କୁ ଶୋଷଣ
‘ଭଞ୍ଜ’ରେ ଖଞ୍ଜ କରି,
କାଲି ଯେ ନିୟମ ଚାଲି ଆସୁଥିଲା
ଆଜିକୁ ଗଲାଣି ଘୋରି ।
ବଢୁଅଛି ଦାଦାଗିରି,
ସେବା ପାଇଁ ଏଠି କଲବଲ ରୋଗୀ
ଦୁଃସ୍ଥିତି ହୁଅଇ ଭାରି ॥

## ସମ୍ବଲପୁରରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ

# ୩୫ ଆସନ ପାଇଁ ୫ ସୂତ୍ର

**ସମ୍ବଲପୁର,୪।୧(ସମିସ):** ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ପଶ୍ଚିମ ଓଡ଼ିଶାର ୫ ଲୋକସଭା ଆସନ ଓ ୩୫ ବିଧାନସଭା ଆସନରେ ରେକର୍ଡ଼ ବ୍ୟବଧାନରେ ବିଜୟ ନିମନ୍ତେ ବିଜେଡି ପ୍ରସ୍ତୁତ କରିଛି ୫ ସୂତ୍ର। ବୁଥସ୍ତରରେ ଦଳକୁ ଅଧିକ ମଜବୁତ କରିବା ନିମନ୍ତେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସରଞ୍ଜନ ମଙ୍ଗରାଜ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ବିସ୍ତୃତ ଖସଡ଼ା ପ୍ରସ୍ତୁତ କରାଯାଇଛି।

ପଶ୍ଚିମ ଓଡ଼ିଶାର ୩୫ ବିଧାନସଭା କ୍ଷେତ୍ରର ସମସ୍ତ ନିର୍ବାଚିତ ପ୍ରତିନିଧି, ବିଧାୟକ, ମନ୍ତ୍ରୀ, ଦଳୀୟ ପଦାଧିକାରୀ ଏହି ବୈଠକରେ ଯୋଗ ଦେଇ ନିଜ ନିଜ ଅଞ୍ଚଳରେ ଦଳର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହ ଆସନ୍ତା ୧୭ ତାରିଖରେ ଉଦ୍‌ଘାଟନ ହେବାକୁ ଥିବା ‘ଶ୍ରୀମନ୍ଦିର ପରିକ୍ରମା’ ଓ ମାସର ଶେଷ ସପ୍ତାହରେ ଲୋକାର୍ପିତ ହେବାକୁଥିବା ‘ସମଲେଇ’ ପ୍ରକଳ୍ପକୁ ସଫଳ କରିବା ପାଇଁ ମଧ୍ୟ ବୈଠକରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି।

- **ଯୋଗଦେଲେ ମନ୍ତ୍ରୀ, ବିଧାୟକ, କର୍ମକର୍ତ୍ତା, ପର୍ଯ୍ୟବେକ୍ଷକ**
- **‘ପରିକ୍ରମା’, ‘ସମଲେଇ’ ଲୋକାର୍ପଣ ସଫଳ କରିବାକୁ ପ୍ରସ୍ତୁତି**



ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟିକା ସ୍ନେହାଙ୍ଗୀନୀ ଛୁରିଆ ସମଲେଇ ପ୍ରକଳ୍ପ ଲୋକାର୍ପଣ ଓ ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଦଳର ନେତାମାନେ କେଉଁ ଦାୟିତ୍ୱ ନିର୍ବାହ କରିବେ ସେ ନେଇ ବିସ୍ତୃତ ସୂଚନା ଦେଇଥିଲେ। ପ୍ରଥମେ ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପ୍ରତି ଗ୍ରାମରେ ମନ୍ଦିର, ଶକ୍ତିପୀଠ ଗୁଡ଼ିକୁ ଯାଇ ନିମନ୍ତ୍ରଣ ଦେବା, ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରତି ଘରେ ଗୁଆ ଚାଉଳ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ରୂପାନ୍ତରଣ କାର୍ଯ୍ୟର ହୋମ ଓ ପୂଜାରେ ଯୋଗ ଦେବାକୁ ସମଲେଇ ମନ୍ଦିର ଟ୍ରଷ୍ଟ ଓ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବେ ବୋଲି ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ସୂଚନା ଦେଇଥିଲେ।

ବୈଠକରେ ଜିଲ୍ଲା ବିଜେଡ଼ି ସଭାପତି ତଥା ବିଧାୟକ ରୋହିତ ପୂଜାରୀ, ବିଧାୟିକା ଦୀପାଳି ଦାସ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟକ ସୁଶାନ୍ତ ସିଂ, ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ସରୋଜ ମେହେର, ବିଧାୟକ କିଶୋର ନାଏକ, ବିଧାୟକ ରମେଶ ସାଏ, ବରିଷ୍ଠ ନେତା ନଳିନୀକାନ୍ତ ପ୍ରଧାନ, ବିଧାୟକ ଭୂପିନ୍ଦର ସିଂ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ସିଦ୍ଧାର୍ଥ ଦାସ, ପ୍ରମିଳା ବହିଦାର, ପୂର୍ବତନ ସାଂସଦ କଳିକେଶ ସିଂଦେଓ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଦେବଗଡ଼ ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ, ରେଙ୍ଗାଲି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସଜିତ୍ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି



## ଆଗକୁ ସାଧାରଣ ନିର୍ବାଚନ

# ‘ଡିପ୍ ଫେକ୍’କୁ ନେଇ ନେତାଙ୍କ ଚିନ୍ତା



**ଭୁବନେଶ୍ୱର, ୪।୧(ସମିସ):** ଚଳିତବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏବେଠୁ ବିଭିନ୍ନ ରାଜନୈତିକ ଦଳମାନେ କସରତ ଆରମ୍ଭ କରିଦେଲେଣି। କିନ୍ତୁ ଏହାରି ଭିତରେ ନେତାଙ୍କ ଚିନ୍ତା ବଢ଼ାଇଲାଣି ଡିପ୍ ଫେକ୍ ଭିଡିଓ। ଏହା ମାଧ୍ୟମରେ ଫେକ୍ ପର୍ଣ୍ଣ ଭିଡିଓ ବନାଇବା ସହଜ ହୋଇଯାଇଛି। ଚେହେରାକୁ ବଦଳାଇ ବିଭିନ୍ନ ଅଶ୍ଲୀଳ ଫଟୋ ଓ ଭିଡିଓ ସହ ଯୋଡ଼ି ନେତାଙ୍କୁ ବଦ୍‌ନାମ କରିବାକୁ କିଛି କୁଚକ୍ରୀ ଗୋଷ୍ଠୀ ମାତିପାରନ୍ତି। ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫେକ୍ ଫଟୋ ଭିଡିଓ ଭାଇରାଲ୍ ହେବାର ଆଶଙ୍କା ଥିବାରୁ ଆଗୁଆ ସତର୍କ ହୋଇଛି କମିସନରେଟ୍ ପୁଲିସ। ଏହାକୁ ରୋକିବାକୁ କମିସନରେଟ୍ ପୁଲିସର ବଛାବଛା ଅଧିକାରୀଙ୍କୁ ତାଲିମ୍ ଦିଆଯାଇଛି। ସତ ଜାଣିବା ଲାଗି ପୁଲିସ ଅଧିକାରୀଙ୍କୁ ୨୦ଜଣ ସାଇବର୍ ବିଶେଷଜ୍ଞ ପ୍ରଶିକ୍ଷଣ ଦେଉଛନ୍ତି। ସାଇବର୍ ବିଶେଷଜ୍ଞମାନେ ପୁଲିସ ଅଧିକାରୀଙ୍କୁ ତଦନ୍ତରେ ସହାୟତା କରିବେ। ସଫ୍ଟୱେର କମ୍ପାନୀରେ କାମ କରୁଥିବା ସାଇବର୍ ବିଶେଷଜ୍ଞମାନେ ବିଭିନ୍ନ ଠକେଇ ନେଇ ପୁଲିସ ଅଧିକାରୀଙ୍କୁ ତାଲିମ୍ ଦେବେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏଥିସହ ସୋସିଆଲ ମିଡିଆ ଜରିଆରେ ଭ୍ରମ ସୃଷ୍ଟି କରିବା, ଡାର୍କୱେବ୍ ଓ ଡିପ୍‌ଫେକ ଭିଡିଓ ବିରୋଧରେ ଭିନ୍ନ ଭିନ୍ନ ଟିମ୍ ହୋଇ ଏହି ସାଇବର୍ ବିଶେଷଜ୍ଞମାନେ

**ରୋକିବାକୁ କମିସନରେଟ୍ ପୁଲିସ ସ୍ୱତନ୍ତ୍ର ଖସଡ଼ା**

**ପୁଲିସକୁ ପ୍ରଶିକ୍ଷଣ ଦେବେ ୨୦ ସାଇବର୍ ବିଶେଷଜ୍ଞ**

କାମ କରିବେ। ଗଲା କିଛିଦିନ ତଳେ ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ, ସାରା ତେନ୍ଦୁଲକରଙ୍କ ସମେତ ବହୁ ଅଭିନେତ୍ରୀ ଓ ଅଭିନେତା, କ୍ରୀଡ଼ାବିତ୍ ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଡିପଫେକ୍ ଫଟୋ ଓ ଭିଡିଓ ଭାଇରାଲ୍ ହୋଇଥିଲା। ପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରକୁ ନେଇ ଚିନ୍ତା ବଢ଼ିଥିଲା। ଜଣେ ବ୍ୟକ୍ତିଙ୍କ ଶରୀରରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୁହଁକୁ ରଖି ପ୍ରସ୍ତୁତ କରାଯାଉଥିବା ଚିତ୍ର ବା ଭିଡିଓ ଯେଉଁ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ତିଆରି କରାଯାଉଛି ତାହାକୁ କମ୍ପ୍ୟୁଟର ବିଜ୍ଞାନ ଭାଷାରେ ଡିପଫେକ୍ କୁହାଯାଉଛି।

ସେହିପରି ଇଣ୍ଟରନେଟ୍‌ରେ ପ୍ରାୟ ୧ ଲକ୍ଷ ଡିପ୍‌ଫେକ୍ ପର୍ଣ୍ଣ ଭିଡିଓ ମହଜୁଦ ରହିଛି। ପ୍ରତିଦିନ ଶହେରୁ ଅଧିକ ପର୍ଣ୍ଣ ଭିଡିଓ କ୍ଲିପ୍ ଇଣ୍ଟର୍‌ନେଟ୍‌ରେ ଅପଲୋଡ୍ କରାଯାଉଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଡିପ୍‌ଫେକ ପର୍ଣ୍ଣଗ୍ରାଫି ଏକ ବ୍ୟବସାୟ ପାଲଟିଯାଇଛି। ଏଥିରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହେଉଥିବା ସାଇବର୍ ବିଶେଷଜ୍ଞ ମତ ଦେଇଛନ୍ତି। ଏକ ସର୍ଭେ ରିପୋର୍ଟ ମୁତାବକ ୨୦୨୨ ତୁଳନାରେ ୨୦୨୩ ମସିହାରେ ୨୪ ପ୍ରତିଶତ ସାଇବର୍ ଅପରାଧ କ୍ରମଶଃ ବୃଦ୍ଧି ହୋଇଛି। ଏହାକୁ ରୋକିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ ହେଉଥିବା କୁହାଯାଇଛି।

**ଜମିବିକ୍ରି ନାଁରେ ଠକେଇ ଘଟଣା**

# ସିନେ ପ୍ରଯୋଜକ ଗିରଫ

**ଭୁବନେଶ୍ୱର, ୪।୧(ସମିସ):** ଜମି ବିକ୍ରିକରିବା ଆଳରେ ବିଲ୍ଡରଙ୍କ ଠାରୁ ୨ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ଗୁରୁବାର ନୂଆପଲ୍ଲୀ ଥାନା ପୁଲିସ ଜଣେ ସିନେ ପ୍ରଯୋଜକକୁ ଗିରଫ କରିଛି। ଗିରଫ ପ୍ରଯୋଜକ ହେଲେ ସଚ୍ଚିକାନ୍ତ ଜେନା। ଏହି ଠକେଇ ମାମଲାରେ ଗତକାଲି ପୁଲିସ କରୁଣାକର ଦାସ, ସୁଲେଖ ରଥ ଏବଂ ନିର୍ଝରିତ ଶତପଥୀଙ୍କୁ ଗିରଫ କରିଥିଲା।

ପୁଲିସ ସୂଚନା ଅନୁସାରେ, କରୁଣାକର ଗତ ମାସ ୧୬ତାରିଖ ଦିନ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ଶଶି କୁମାର ସାହୁଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସୁଲେଖଙ୍କ ନାମରେ ଏକ ଜମି ରହିଛି ସେ ଏହାକୁ ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଅଭିଯୁକ୍ତମାନେ ବିଲ୍ଡରଙ୍କୁ ଜାଲ କାଗଜପତ୍ର ଏବଂ ଫଟୋ କପି ମଧ୍ୟ ଦେଖାଇଥିଲେ। ପରେ ଫୋନ୍ କରି ଆଗ୍ରିମ ଆକାରରେ ଟଙ୍କା ଦେବାକୁ କହିଥିଲେ। ଗତ ମାସ ୨୨ତାରିଖରେ ଶଶୀ ୨ଲକ୍ଷ ଟଙ୍କା ଦେଇଥିଲେ। ଜମି ପଞ୍ଜୀକରଣ ପାଇଁ ବାରମ୍ବାର ଫୋନ୍ କରି ଆହୁରି ୨ଲକ୍ଷ ଟଙ୍କା ମାଗିଥିଲେ। ଶଶି ଜମି ଦେଖିବାକୁ କହିବାକୁ ଅଭିଯୁକ୍ତମାନେ ତାଙ୍କୁ ଏମ୍ସ ଡାକ୍ତରଖାନା ନିକଟ ରଣସିଂହପୁରରେ ଥିବା ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ପ୍ଲଟ୍ ଦେଖାଇଥିଲେ। ସେଠାରେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ବୋର୍ଡ ଲଗାଯାଇଥିଲା। ଏହି ପ୍ଲଟ୍ ଦେଖିବା ପରେ ଶଶିଙ୍କ ସନ୍ଦେହ ହୋଇଥିଲା। ସେ ଯାଞ୍ଚ କରିବା ପରେ ମିଥ୍ୟ କହି ଟଙ୍କା ନେଇଥିବା ଜଣାପଡ଼ିଥିଲା। ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଗଞ୍ଜେଇ ଭର୍ତ୍ତି ଅଟୋ ଜବତ; ୪ ଗିରଫ



**ଭୁବନେଶ୍ୱର, ୪।୧(ସମିସ):** ଗଞ୍ଜେଇ ଚାଲାଣ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବରମୁଣ୍ଡା ମହିମା ମିଶ୍ର ଲେନ୍‌ରେ ରହୁଥିବା ରଣପୁର ମଝିଆଖଣ୍ଡ ଗାଁର ଉତ୍ତମ ପ୍ରଧାନ (୨୨), ବରମୁଣ୍ଡା ତଳ ସାହିରେ ରହୁଥିବା ଶରଣକୁଳ ଥାନା ଗୋଡ଼ିପଡ଼ାର ସୁମନ୍ତ ଭୂୟାଁ (୨୧), ପ୍ରଧାନ ସାହିରେ ରହୁଥିବା ଭଦ୍ରକ ମୋଟୁର ଶିବ ସୁନ୍ଦର ପରଙ୍ଗା (୨୪) ଓ ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଗିରିସୋଲାର ଶିବ ବେହେରା (୪୫)। ପୁଲିସ ସୂଚନା ଅନୁଯାୟୀ, ହାତିଆଶୁଣୀ ଛକ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଁ ମୈତ୍ରୀ ବିହାର ଥାନା ପୁଲିସ ଚଢ଼ଉ କରିଥିଲେ। ସେହି ସମୟରେ ଉତ୍ତମ, ସୁମନ୍ତ, ଶିବ ସୁନ୍ଦର ଓ ଶିବ ଯାଉଥିବା ଏକ ପାସେଞ୍ଜର ଅଟୋକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଅଟୋ ଭିତରୁ ଦୁଇ ବସ୍ତା ଗଞ୍ଜେଇ ଜବତ କରିଥିଲା ପୁଲିସ। ଦୁଇଟି ବସ୍ତାରୁ ମୋଟ ୩୬ କିଲୋ ଓଜନର ଗଞ୍ଜେଇ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଥିଲା। ଏଥିସହିତ ସେମାନଙ୍କ ହେପାଜତରୁ ୪ଟି ମୋବାଇଲ ଫୋନ୍ ଓ ଅପରାଧରେ ବ୍ୟବହୃତ ଅଟୋକୁ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଗଞ୍ଜେଇକୁ କନ୍ଧମାଳ ଅଞ୍ଚଳରୁ ସଂଗ୍ରହ କରି ଆଣି ରାଜଧାନୀରେ ବିକ୍ରି କରୁଥିଲେ ବୋଲି ପଚରାଉଚରା ବେଳେ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏ ନେଇ ମୈତ୍ରୀ ବିହାର ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁକରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମରଣାନ୍ତକ ଆକ୍ରମଣ; ୨ ଗିରଫ

**ଭୁବନେଶ୍ୱର, ୪।୧(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରେତଙ୍ଗର ମନୋଜ ଜେନା (୩୫) ଓ ଜଟଣୀର ସୋନୁ ନାୟକ (୨୪)।



ପୁଲିସ ସୂଚନା ମୁତାବକ, ରେତଙ୍ଗର ସୌଭାଗ୍ୟ ପରିଡ଼ା ଓ ମନୋଜଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ବୁଧବାର ସନ୍ଧ୍ୟାରେ ସୌଭାଗ୍ୟ ତେଜରାତି ସାମଗ୍ରୀ ଆଣିବା ନିମନ୍ତେ ରେତଙ୍ଗ ବଜାରକୁ ଯାଇଥିବା ବେଳେ ମନୋଜ ଓ ସୋନୁ ପୂର୍ବ ବିବାଦକୁ କେନ୍ଦ୍ର କରି ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହିତ ଲୁହାଛଡ଼ ଓ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ସୌଭାଗ୍ୟ ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ସୌଭାଗ୍ୟଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

# ରାସ୍ତାରେ ମାଡ଼ମାରି ଜଣେ ଗିରଫ

**ଭୁବନେଶ୍ୱର, ୪।୧(ସମିସ):** ରାସ୍ତାରେ ଅଟକାଇ ବାଉଁଶରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ପାହାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନହରକଣ୍ଟାର ଗୌରାଙ୍ଗ ସାମଲ ଓରଫ୍ ଗୌରା (୩୧)। ପୁଲିସ ସୂଚନା ଅନୁସାରେ, ପାହାଲ ଥାନା ଅନ୍ତର୍ଗତ ହରିଦାସପୁରରେ ଭଡ଼ାରେ ରହୁଥିବା ଚିତ୍ତରଞ୍ଜନ ଜେନା ଗତ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍‌ରେ କର୍ମସ୍ଥଳରୁ ଘରକୁ ଫେରୁଥିବା ବେଳେ ଗୌରା ଓ ତା’ର ସହଯୋଗୀ



ନହରକଣ୍ଟା ଜଗନ୍ନାଥ ମନ୍ଦିର ନିକଟରେ ତାଙ୍କୁ ରାସ୍ତାରେ ଅଟକାଇଥିଲେ। ସେ କିଛି ବୁଝିବା ଆଗରୁ ହଠାତ୍ ଏକ ବାଉଁଶ ଲାଠି ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ତାଙ୍କ ବାଇକ୍‌କୁ ବାଡ଼େଇ ଭାଙ୍ଗି ଦେଇଥିଲେ। ନିକଟରେ ଉପସ୍ଥିତ ଜଣେ ବ୍ୟକ୍ତି ଚିତ୍ତରଞ୍ଜନଙ୍କୁ ବଞ୍ଚାଇବା ଲାଗି ପ୍ରୟାସ କରିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏଥିସହିତ ଉଭୟଙ୍କୁ ଜୀବନରୁ ମାରିଦେବା ଲାଗି ଧମକ ମଧ୍ୟ ଦେଇଥିଲେ। ଚିତ୍ତରଞ୍ଜନଙ୍କ ଅଭିଯୋଗ ପରେ ପାହାଲ ଥାନା ପୁଲିସ ଗୌରାକୁ ଗିରଫ କରିଥିଲା। ଗୌରା ନାମରେ ମଞ୍ଚେଶ୍ୱର ଥାନାରେ ୪ଟି, ପାହାଲ ଥାନାରେ ୨ଟି ଓ ବାଲିଅନ୍ତା ଥାନାରେ ଗୋଟିଏ ମାମଲା ରହିଥିବାରୁ ତା’ ବିରୋଧରେ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

# ସାଇକଲ ଚୋରିକରି ଜଣେ ଗିରଫ

**ଧଉଳି, ୪।୧(ସମିସ):** ସାଇକଲ ଚୋରି କରି ଧରାପଡ଼ିଲା ମାଛ ବ୍ୟବସାୟୀ। ଘଟଣାଟି ଧଉଳି ଥାନା ଅଞ୍ଚଳରେ ଘଟିଛି। ଗିରଫ ବ୍ୟବସାୟୀ ହେଲା ଲିଙ୍ଗିପୁର କେଉଟସାହିର ଗୁଡ୍ଡୁ ଓରଫ ସୌମ୍ୟରଞ୍ଜନ ବେହେରା। ସେ ଭୁବନେଶ୍ୱରର ବିଭିନ୍ନ ଛକରେ ମାଛ ବ୍ୟବସାୟ କରୁଥିଲା। ଏହି ଥାନା ଅଧୀନ ଲିଙ୍ଗିପୁର



ଗ୍ରାମର ସାରଙ୍ଗଧର ସାହୁ ନାମକ ଜଣେ ବ୍ୟକ୍ତି ସାଇକଲ ଯୋଗେ ପାନ ମସଲା ନେଇ ଘରକୁ ଫେରୁଥିବା ବେଳେ ଦୟାନଦୀ ବନ୍ଧରେ ଥିବା ଦୋକାନ ସମ୍ମୁଖରେ ସାଇକଲ ରଖି ଅନ୍ୟ କିଛି ସାମଗ୍ରୀ କିଣୁଥିଲେ। ଏହି ସମୟରେ ଗୁଡ୍ଡୁ ତାଙ୍କ ସାଇକଲଟିକୁ ନେଇଯାଇଥିଲା। ଅନ୍ୟ ସାମଗ୍ରୀ କିଣି ସାରଙ୍ଗଧର ଘରକୁ ବାହାରିବା ପାଇଁ ପ୍ରସ୍ତୁତ ହେବା ବେଳେ ସାଇକଲ ସେଠାରେ ନଥିଲା। ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଗୁଡ୍ଡୁଙ୍କ ଘରେ ଚଢ଼ଉ କରି ସେଠାରୁ ସାଇକଲ ଜବତ କରିଥିଲା। ଏଥିସହ ଗୁଡ୍ଡୁକୁ ଥାନାକୁ ଆଣି ପଚରାଉଚରା କରିଥିବାବେଳେ ସେ ସାଇକଲ ଚୋରି କରିଥିବା ସ୍ୱୀକାର କରିଥିଲା। ପୁଲିସ ତା’ ଠାରୁ ସାଇକଲ ଓ ପାନ ମସଲା ଜବତ କରିବା ସହ ଗିରଫ କରି କୋର୍ଟଚାଲାଣ କରିଛି।

# ରିମାଣ୍ଡରେ ଆସିବେ ‘ତିନ୍ ପାହାଡ଼ି’ ଗ୍ୟାଙ୍ଗ୍

## ପୁରୀ ଲଜ୍‌ରେ ଦେଇଥିଲେ ମିଛ ପରିଚୟପତ୍ର

**ଭୁବନେଶ୍ୱର, ୪।୧(ସମିସ):** ଗିରଫ କରିଥିବା ଝାଡ଼ଖଣ୍ଡର ତିନ ପାହାଡ଼ି ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କ ଅପରାଧିକ ସାମ୍ରାଜ୍ୟ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗ୍ୟାଙ୍ଗ୍‌ର ମୁଖିଆ ରାହୁଲ ଏବେ ବି ଫେରାର୍ ରହିଛି। ପୁରୀରୁ ଫୋନ୍ ନେଇ ଟ୍ରେନ୍ ଯୋଗେ ଝାଡ଼ଖଣ୍ଡ ପଳାଇଯାଇଥିବା କୁହାଯାଉଛି। ତାକୁ ଧରିବା ଲାଗି ରାଜ୍ୟ ବାହାରକୁ ଯାଇଛି କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍। ଏଥିସହ ଗ୍ୟାଙ୍ଗ୍‌ରେ କାମ କରୁଥିବା କିଛି ସାଇବର ବିଶେଷଜ୍ଞ ମଧ୍ୟ ଏବେ ବି ବାହାରେ ଲୁଚିଛନ୍ତି। ଗୁଇନ୍ଦା ତଥ୍ୟ ପାଇବା ମାତ୍ରେ ରାଜ୍ୟ ବାହାରକୁ ଯାଇ ଗ୍ୟାଙ୍ଗ୍ ସଦସ୍ୟଙ୍କୁ ଉଠାଇ ଆଣିବାକୁ ଯୋଜନା କରାଯାଉଛି। ଖୁବଶୀଘ୍ର ଅନ୍ୟ ରାଜ୍ୟ ପୁଲିସ ସହାୟତାରେ ପୂରା ଗ୍ୟାଙ୍ଗକୁ ଠାବ କରାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ଧରାପଡ଼ିଥିବା ୮ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ଲାଗି କୋର୍ଟରେ ଆବେଦନ କରାଯାଇଛି। ରିମାଣ୍ଡରେ ଆସିବା ପରେ ଅପରାଧର ତରିକା ଓ ଅନ୍ୟ ରାଜ୍ୟରେ ଅପରାଧ ବିଷୟରେ ତଥ୍ୟ ହାତେଇବ ତଦନ୍ତକାରୀ ଟିମ୍। ଏହି ଗ୍ୟାଙ୍ଗ୍ ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଲୁଟ୍‌ପାଟ୍ କରି ସେଠାକାର ପୁଲିସ ଲାଗି ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ତେଣୁ ସେଠାକାର ପୁଲିସକୁ ଅଭିଯୁକ୍ତଙ୍କ ବିଷୟରେ ତଥ୍ୟ ଦିଆଯାଇଛି। ଆଗାମୀ ଦିନରେ ସେଠାକାର ପୁଲିସ ଟିମ୍ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ଲାଗି ଆସିବ। ଏଥିସହ ଅଧିକ ପଚରାଉଚରା ଲାଗି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ବୋଲି ଆଶା ରଖିଛି କମିସନରେଟ୍ ପୁଲିସ।

ପୁରୀରେ ଏକ ଲଜ୍‌ରେ ମିଛ ପ୍ରମାଣପତ୍ର ଦେଇ ପୂରା ଗ୍ୟାଙ୍ଗ୍ ରହିଥିବା କଥା ପଦାକୁ ଆସିଛି। ନକଲି ପରିଚୟପତ୍ର ଦେଇ ଲଜ୍‌ରେ ରହିଥିଲେ। ଦିନକୁ ଭଡ଼ା ୧୨୦୦ ଟଙ୍କା ଦେଇ ୪ଜଣ ରହୁଥିଲେ। ଠିକ୍ ଗତ ୩୦ ତାରିଖରେ ଲଜ୍ ବୁକ୍‌କରି ରହିଥିଲେ। ଦୁଇଦିନ ରହିବା ପରେ ଲଜ୍‌ରୁ ପଳାଇ ଆସିଥିଲେ। ବର୍ଷର ଶେଷ ଦିନ ଓ ନୂଆବର୍ଷରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ ବଢ଼ିବାରୁ ମୋବାଇଲ୍ ଫୋନ୍ ଚୋରି କରି ଭୁବନେଶ୍ୱର ପଳାଇ ଆସିଥିଲେ। ସେମାନଙ୍କୁ ପିଛା କରି ଫେଲ୍ ମାରିଥିଲା ପୁରୀ ପୁଲିସ। ସୂଚନାଯୋଗ୍ୟ ଯେ, ‘ତିନ୍ ପାହାଡ଼ି’ ଗ୍ୟାଙ୍ଗ୍ ଫୋନ୍ ଚୋରି କରିବା ପରେ ସେଇ ସିମ୍‌କୁ ବ୍ୟବହାର କରି ୟୁପିଆକୁ ହ୍ୟାକ୍ କରି ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଥିବା ଜଣାପଡ଼ିଥିଲା।

# ଚଳନ୍ତା ବସରୁ ଠେଲିଦେଲେ ଭାଙ୍ଗିଲା ଯାତ୍ରୀଙ୍କ ଗୋଡ଼



**ଦିଲଦାର ବସ୍ କଣ୍ଡକ୍ଟର ଗିରଫ**

**ଭୁବନେଶ୍ୱର/ହଂସପାଳ, ୪।୧(ସମିସ):** ୧୬ନମ୍ବର ଜାତୀୟ ରାଜପଥର ପାହାଲ ନିକଟରେ ସାମାନ୍ୟ ବଚସାରୁ ଜଣେ ଯାତ୍ରୀଙ୍କୁ ଚଳନ୍ତା ବସରୁ ଠେଲି ଦେଇଛନ୍ତି କଣ୍ଡକ୍ଟର। ବସରୁ ପଡ଼ିଯିବା ପରେ ସେହି ବସ୍ ଚଢ଼ିଯାଇ ଯାତ୍ରୀଙ୍କ ଗୋଟିଏ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଯାତ୍ରୀ ଜଣଙ୍କ ହେଉଛନ୍ତି ସ୍ଥାନୀୟ ଅନନ୍ତପୁରରେ ରହୁଥିବା କଟକ ଜିଲ୍ଲା ନେମାଳ ଥାନା ଜମରା ଗାଁର ପ୍ରଦୀପ୍ତ କୁମାର ରାଉତ। ଅଭିଯୋଗ ପାଇବା ପରେ ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା କଣ୍ଡକ୍ଟରକୁ ଗିରଫ କରିଛି ପାହାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା କାନପୁର ଥାନା କୁମ୍ଭୀରତୋଳା ଗାଁର ଦୀପ୍ତିକାନ୍ତ ମିଶ୍ର (୨୭)। ପୁଲିସ ସୂଚନା ଅନୁଯାୟୀ, ପ୍ରଦୀପ୍ତ ଗତ ମଙ୍ଗଳବାର ସନ୍ଧ୍ୟାରେ ଦିଲଦାର ନାମକ ବସରେ କଟକରୁ ଭୁବନେଶ୍ୱର ଆସୁଥିଲେ। ଟଙ୍କା ଦେଣନେଣକୁ ନେଇ ବାଟରେ ପ୍ରଦୀପ୍ତ ଓ କଣ୍ଡକ୍ଟର ଦୀପ୍ତିକାନ୍ତ ମଧ୍ୟରେ ବଚସା ହୋଇଥିଲା। ଦୀପ୍ତିକାନ୍ତ ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଦୀପ୍ତଙ୍କୁ ଚଳନ୍ତା ବସରୁ ଧକ୍କା ମାରି ଦେଇଥିଲା। ପ୍ରଦୀପ୍ତ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ତାଙ୍କ ଡାହାଣ ଗୋଡ଼ ଉପରେ ସେହି ବସ୍‌ଟି ଚଢ଼ି ଯାଇଥିଲା। ବସ୍ ଚଢ଼ି ଯାଇ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ଏଭଳି ଘଟଣା ଘଟାଇବା ପରେ ବସ୍‌ଟି ସେଠାରୁ ଫେରାର ହୋଇଯାଇଥିଲା। ସେପଟେ ପ୍ରଦୀପ୍ତ ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଥିଲେ। ପ୍ରଦୀପ୍ତଙ୍କ ପୁତୁରା ରଘୁନାଥଙ୍କ ଅଭିଯୋଗ ଆଧାରରେ ପାହାଲ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ଦୀପ୍ତିକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# କମିବ ସିଆର୍‌ପି-ଷ୍ଟିୱାର୍ଟ ରାସ୍ତା ଭିଡ଼

**ଭୁବନେଶ୍ୱର, ୪।୧(ସମିସ):** ସିଆର୍‌ପି ଛକରୁ ଷ୍ଟିୱାର୍ଟ ରାସ୍ତାରେ ଭିଡ଼ ଚିର ସହଚର ହୋଇ ରହିଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ଏହି ଦେଢ଼ ଶହ ମିଟର ରାସ୍ତା ପାରି ହେବାକୁ ୧୫ରୁ ୨୦ମିନିଟ୍ ସମୟ ଲାଗୁଛି। ପଥଚାରୀ ପ୍ରତିଦିନ ରାସ୍ତା ଅତିକ୍ରମ କଲାବେଳେ ଟ୍ରାଫିକ୍ ଯନ୍ତ୍ରଣାରେ ଘାଣ୍ଟି ହେଉଛନ୍ତି। ଭିଡ଼ର କାରଣ ରାସ୍ତାକଡ଼ରେ ଥିବା ଭେଣ୍ଡିଂ ଜୋନ୍ ଓ ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସ। ରାସ୍ତା ପାର୍ଶ୍ୱ ଦୋକାନରୁ ଜିନିଷ କିଣିବା ପାଇଁ ଲୋକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଯାହା ଭିଡ଼ ବଢ଼ାଉଛି ବୋଲି ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଷ୍ଟିୱାର୍ଟ ସ୍କୁଲ ପାର୍ଶ୍ୱରେ ଥିବା ୭୨ଟି ଭେଣ୍ଡିଂ ଜୋନ୍ ଉଚ୍ଛେଦ କରିବା ପାଇଁ ଯୋଜନା ହୋଇଛି। ଦୋକାନୀମାନେ ଉଚ୍ଛେଦକୁ ସମର୍ଥନ କରିଥିବାବେଳେ ତାଙ୍କୁ ପୁନଃ ନିକଟସ୍ଥ ସରକାରୀ ଜାଗାରେ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ହେଲେ ବିଏମ୍‌ସି ପକ୍ଷରୁ ତାଙ୍କୁ ନେଇ ରାମ ମନ୍ଦିର ପାଖ ସ୍ମାର୍ଟ କିଓସ୍କରେ ଥଇଥାନ ପାଇଁ ଯୋଜନା କରାଯାଉଛି। ଯାହାକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରୁଛନ୍ତି। ଏହା ଉପରେ ବିଏମ୍‌ସିର ଉଚ୍ଚ କର୍ତ୍ତୃପକ୍ଷ ପୁନଃ ବିଚାର କରିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନାନୁସାରେ, ସିଆର୍‌ପି ଛକରୁ ଷ୍ଟିୱାର୍ଟ ରାସ୍ତାକଡ଼ରେ ଉଭୟପାର୍ଶ୍ୱରେ ୧ଶହରୁ ଊର୍ଦ୍ଧ୍ୱ ଭେଣ୍ଡିଂ ଜୋନ୍ ରହିଛି। ହେଲେ ଏଠି ଗାଡ଼ି ପାର୍କିଂର ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡ଼ି ରଖି ମାର୍କେଟିଂ କରୁଛନ୍ତି। ନିକଟରେ ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ ରହିଥିବା ବେଳେ ଭେଣ୍ଡିଂ ଜୋନ୍‌ରେ ମାଳମାଳ ଫାଷ୍ଟଫୁଡ୍ ଦୋକାନ ରହିଛି। ଦିନବେଳା ପ୍ରିୟଦର୍ଶିନୀ ମାର୍କେଟ୍ ସମେତ ଅନ୍ୟ ମାର୍କେଟ୍ କମ୍ପ୍ଲେକ୍ସରେ ଅସମ୍ଭାଳ ଭିଡ଼ ହେଉଛି। ଏଠାରେ ବିଶେଷକରି ଚାରିଚକିଆ ଯାନବାହାନ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡ଼ି ଛାଡ଼ି ମାର୍କେଟିଂ କରୁଛନ୍ତି। ସନ୍ଧ୍ୟା ହେଲେ ଶତାଧିକ ଲୋକ ରାସ୍ତା ଉପରେ ଗାଡ଼ି ରଖି ଫାଷ୍ଟଫୁଡ୍ ଦୋକାନରେ ଭିଡ଼ ଜମାଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିକଟରେ ଷ୍ଟିୱାର୍ଟ ସ୍କୁଲ ଥିବାରୁ ସ୍କୁଲ ଖୋଲିବା ଓ ଛୁଟିହେବା ସମୟରେ ରାସ୍ତା ସମ୍ପୂର୍ଣ୍ଣ ଜାମ୍ ରହୁଛି। ଭିଡ଼ ସମୟରେ ମାତ୍ର ଦେଢ଼ଶହ ମିଟର ରାସ୍ତା ଅତିକ୍ରମ କରିବା ପାଇଁ ୧୫ରୁ ୨୦ ମିନିଟ୍ ସମୟ ଲାଗୁଛି। ସେହିଭଳି ରାସ୍ତା ଉପରେ ଅବାଧ ଅଟୋ ପାର୍କିଂ ଯୋଗୁଁ ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇଯାଉଛି। ଦିନବେଳା ତଥା ସନ୍ଧ୍ୟାରୁ ରାତି ୯ଟା ଯାଏଁ ଏହି ରାସ୍ତା ପାରି ହେବାବେଳେ ପଥଚାରୀ ଭୟଙ୍କର ଟ୍ରାଫିକ୍ ଜାମ୍‌ରେ ସନ୍ତୁଳି ହେଉଛନ୍ତି।

**■ ରାସ୍ତା ହେବ ସମ୍ପ୍ରସାରଣ, ହଟିବ ଭେଣ୍ଡିଂଜୋନ୍**
**■ ବ୍ୟବସାୟୀଙ୍କୁ ଜନପଥରେ ଥଇଥାନ ଯୋଜନା**
**■ ସ୍ଥାନୀୟ ଅଞ୍ଚଳରେ ଥଇଥାନ କରିବାକୁ ଦାବି**



ଏସବୁ ଦୃଷ୍ଟିରୁ ରାସ୍ତା ପାର୍ଶ୍ୱ ଭେଣ୍ଡିଂ ଜୋନ୍ ଉଚ୍ଛେଦ କରିବା ସହ ରାସ୍ତା ସମ୍ପ୍ରସାରଣ କରିବା ପାଇଁ ଯୋଜନା ହେଉଛି। ଏହାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବିଭିନ୍ନ ମହଲ ସ୍ୱାଗତ କରିଛନ୍ତି। ହେଲେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ନିଜର ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ଥଇଥାନକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ଦୋକାନୀମାନେ ଏହି ସିଆର୍‌ପି ଛକ ଆଖପାଖରେ ଥିବା ସରକାରୀ ଜମିରେ ଭେଣ୍ଡିଂ ଜୋନ୍ କରି ଥଇଥାନ କରିବାକୁ ଦାବି କରୁଥିବାବେଳେ ବିଏମ୍‌ସି ତାଙ୍କୁ ନେଇ ରାମ ମନ୍ଦିର ପାଖ ସ୍ମାର୍ଟ କିଓସ୍କରେ ଥଇଥାନ କରିବାକୁ ଯୋଜନା କରୁଛି। ଯାହାକୁ ସେମାନେ ନାପସନ୍ଦ କରିଛନ୍ତି। ଏ ନେଇ ସ୍ଥାନୀୟ ବ୍ୟବସାୟୀ କୈଳାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଆମେ ଦୀର୍ଘ ୩୫ବର୍ଷ ଧରି ଏହି ଅଞ୍ଚଳରେ ବ୍ୟବସାୟ କରି ଆସୁଛୁ। ଏଇଥିରୁ ରୋଜଗାର କରି ଗୁଜୁରାଣ ମେଣ୍ଟାଉଛୁ। ତେଣୁ ଏଠୁ ଆମକୁ ଉଚ୍ଛେଦ କଲେ ସ୍ଥାନୀୟ ଅଞ୍ଚଳରେ ଜବରଦଖଲ ଥିବା ସରକାରୀ ଜମିରେ ଥଇଥାନ କରାଯାଉ। ଏ ସମ୍ପର୍କରେ ବିଏମ୍‌ସିର ଡେପୁଟି କମିସନର(ମାର୍କେଟିଂ) ଅଶୋକ କୁମାର ଲେଙ୍କା କହିଛନ୍ତି, ରାସ୍ତାରୁ ଭିଡ଼ ଏଡ଼ାଇବା ପାଇଁ ଆମେ ଆଗାମୀ ସପ୍ତାହ ଭିତରେ ଏହି ସବୁ ଦୋକନ ଉଚ୍ଛେଦ କରି ସେମାନଙ୍କୁ ଜନପଥରେ ଥଇଥାନ କରିବୁ। ଭୁବନେଶ୍ୱରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟବସାୟୀମାନଙ୍କୁ ଉକ୍ତ ସ୍ଥାନ ଛାଡ଼ିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଜୀବନରେ ଆମେ ଯାହାସବୁ ପାଇଛେ, ସେଥିପାଇଁ ଆନନ୍ଦିତ ହେବା ପରିବର୍ତ୍ତେ, ଆମ ପାଖରେ ଯାହା ନାହିଁ, ସେଥିପାଇଁ ଆମେ ଅନେକ ସମୟରେ ଦୁଃଖ କରିଥାଉ !
-"ଅସମ୍ପୂର୍ଣ୍ଣ ଟାଇଲ ଦୃଷ୍ଟିକୋଣ"

ସକାଳ
THE SAKALA

## ଚିଲିକାରେ ପକ୍ଷୀଗଣନା ଆରମ୍ଭ

# ଅତିଥିଙ୍କ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ

ଉଭୟ ପ୍ରାକୃତିକ ଓ ମାନବିକ ପ୍ରକ୍ରିୟା ଯୋଗୁଁ ଏସିଆର ସର୍ବବୃହତ୍ ଲୁଣାପାଣି ହ୍ରଦ ଚିଲିକା ସଂକୁଚିତ ହେଉଛି। ଏହା ସତ୍ତ୍ୱେ ଚିଲିକା ତାହାର ଆକର୍ଷଣ ଜାରି ରଖିବା ସବୁଠୁ ବଡ଼ ବିଶେଷତ୍ୱ। ରାମସାର ଚୁକ୍ତି ଅନୁସାରେ ଚିଲିକା ହ୍ରଦ ୧୯୮୧ରେ ଆନ୍ତର୍ଜାତିକ ଗୁରୁତ୍ୱବହନ କରୁଥିବା ପ୍ରଥମ ଭାରତୀୟ ଆର୍ଦ୍ରଭୂମିର ମାନ୍ୟତା ପାଇଥିଲା। ଏକ ସର୍ଭେ ଅନୁସାରେ ଏହି ହ୍ରଦର ୪୫ ଶତାଂଶ ପକ୍ଷୀ ସ୍ୱାଭାବତଃ ସ୍ଥଳଚର ବା ଟେରେଷ୍ଟ୍ରିଆଲ୍, ଯାହା ଏକ ବ୍ୟତିକ୍ରମ। ଏହାଛଡ଼ା ୨୩ ଶତାଂଶ ଜଳପକ୍ଷୀ ବା ୱାଟର ଫାୱେଲ ଏବଂ ୨୩ ଶତାଂଶ ଲମ୍ବା ଗୋଡ଼ମୁକ୍ତ ୱେଡର ପକ୍ଷୀ, ଯେଉଁମାନେ ଅଳ୍ପ ପାଣିରେ ଖାଦ୍ୟ ଅନ୍ୱେଷଣରେ ବିଚରଣ କରନ୍ତି। ତେବେ ଶୀତି ଦିନେ ବିଦେଶରୁ, ବିଶେଷକରି ସାଇବେରିଆ ଅଞ୍ଚଳରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଏଠାକୁ ଖାଦ୍ୟ ଅନ୍ୱେଷଣରେ ଆସନ୍ତି ଏବଂ ଖରାର ପ୍ରକୋପ ବଢ଼ିବାମାତ୍ରେ ପୁନର୍ବାର ନିଜ ମୂଳ ବାସସ୍ଥାନକୁ ଫେରିଯାଆନ୍ତି।

ଋତୁ ପରିବର୍ତ୍ତନ ସହିତ ଶୀତକାଳରେ ଉତ୍ତର ଗୋଲାର୍ଦ୍ଧର ପ୍ରଚଣ୍ଡ ଥଣ୍ଡା ତଥା ବରଫପାତରୁ ରକ୍ଷା ପାଇବା ପାଇଁ କୋଟି କୋଟି ସଂଖ୍ୟାରେ ପକ୍ଷୀ ଅପେକ୍ଷାକୃତ ଉଷ୍ଣ କ୍ରାନ୍ତିମଣ୍ଡଳୀୟ ଦେଶମାନଙ୍କୁ ଆସନ୍ତି ଏବଂ ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ନିଜର ସଂବେଦୀ ଅଙ୍ଗ ଓ ମସ୍ତିଷ୍କକୁ ବ୍ୟବହାର କରି ଏହି ପକ୍ଷୀମାନେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ମାର୍ଗରେ ଶୀତକାଳୀନ ପ୍ରବାସକୁ ଆସିଥା'ନ୍ତି। ସେ ପ୍ରକ୍ରିୟା ଏବେ ମଧ୍ୟ ଅବ୍ୟାହତ ରହିଛି ଏବଂ ଚିଲିକା ସେଥିରୁ ବାଦ ପଡ଼ି ନାହିଁ।

ହୀରାକୁଦ ବନ୍ଧ ନିର୍ମାଣ ପରେ ମୁହାଁଣ ସଂକୁଚିତ ହେବା, ବେଆଇନ ଚିଙ୍ଗୁଡ଼ି ଚାଷ ଏବଂ ଜବରଦଖଲ ଭଳି କାରଣରୁ ଏବେ କିନ୍ତୁ ଚିଲିକା ସଂକୁଚିତ ହେଉଛି। ତଟୀୟ ପ୍ରବାହ (ଲିଟୋରାଲ ଡ୍ରିଫ୍ଟ) ଯୋଗୁଁ ପୋତି ହୋଇପଡୁଥିବା ମୁହାଁଣକୁ ନିୟମିତ ଖୋଳାଯାଉଛି। ବେଆଇନ ଚିଙ୍ଗୁଡ଼ି ଚାଷ ଓ ଜବରଦଖଲକୁ ସରକାରଙ୍କ ପକ୍ଷରୁ ନିୟମିତ ଉଚ୍ଛେଦ କରାଯାଉଛି। ଏହାସତ୍ତ୍ୱେ ଅର୍ଥନୈତିକ ବାଧ୍ୟବାଧକତା ଯୋଗୁଁ ଚିଲିକାରେ ଲୋକଙ୍କ ଅନୁପ୍ରବେଶ ଓ ହସ୍ତକ୍ଷେପ ବଢୁଛି। ହ୍ରଦ ମଧ୍ୟକୁ ମଧୁର ପାଣି ଅଧିକ ପ୍ରବେଶ ନ କରିବାରୁ ଏହାର ଲବଣାକ୍ତ ମାତ୍ରା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଏଠାକୁ ଆସୁଥିବା ବିଦେଶାଗତ ପକ୍ଷୀ, ସ୍ଥାନୀୟ ବିହଙ୍ଗ ଏବଂ ଜଳଚର ଜୀବଙ୍କ ଉପରେ ପଡ଼ିବା ସ୍ୱାଭାବିକ। ଏ ସବୁସତ୍ତ୍ୱେ ଚିଲିକା ଏକ ଅବାଧ, ଅରକ୍ଷିତ କ୍ଷେତ୍ର ନୁହେଁ। ଏହା ମଧ୍ୟ ଆଉ ପକ୍ଷୀ ଶିକାରୀଙ୍କ କ୍ରୀଡ଼ାଭୂମି ହୋଇ ରହିନାହିଁ। ରାଜ୍ୟ ଓ କେନ୍ଦ୍ରୀୟ ଆଇନ ଅନୁସାରେ ଏହାର ଜୀବମଣ୍ଡଳର ସୁରକ୍ଷା କାର୍ଯ୍ୟ କର୍ତ୍ତୃପକ୍ଷ କରୁଛନ୍ତି। ଚିଲିକା ବିକାଶ ପ୍ରାଧିକରଣ ମଧ୍ୟ ଏହାର ଭଲ-ମନ୍ଦ ବୁଝୁଛି।

ଗୁରୁବାରଠାରୁ ଚିଲିକାରେ ବାର୍ଷିକ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ସେଥିପାଇଁ ଏହି ଗଣତି କାଳରେ ଚିଲିକାକୁ ପର୍ଯ୍ୟଟକମାନଙ୍କ ପାଇଁ ନିଷିଦ୍ଧ କରାଯାଇଛି। ଚିଲିକାରେ ବାର୍ଷିକ ଓ ଶୀତକାଳୀନ ମଧ୍ୟବର୍ତ୍ତୀ ପକ୍ଷୀଗଣନା ଏକ ଗତାନୁଗତିକ ବ୍ୟବସ୍ଥା। ଏଥର ୨୧ଟି ଦଳ ଏହି ଗଣନା କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଦଳରେ ପାଞ୍ଚଜଣ ଗଣନାକାରୀ ଓ ଜଣେ ଲେଖାଏଁ ବିଶେଷଜ୍ଞ ସ୍ଥାନ ପାଇଛନ୍ତି। ନୂଆ କଥା ହେଉଛି ଗଣନାକାରୀ ଇ-ବାର୍ଡ ଆପ୍ ପ୍ରଥମ କରି ବ୍ୟବହାର କରୁଛନ୍ତି। ଗଣନାରେ ପୁରୁଣା ପଦ୍ଧତି ପରିବର୍ତ୍ତେ ନୂଆ ଟେକ୍ନୋଲୋଜିର ବ୍ୟବହାର କରିବାର ଉଦ୍ଦେଶ୍ୟ ହେଲା ପକ୍ଷୀଙ୍କ ସଂଖ୍ୟା ନିର୍ଭୁଲ ଭାବେ ଗଣିବା ଏବଂ ଏହାର ନଥିକରଣ (ଡକୁମେଣ୍ଟେସନ୍) ସହଜରେ କରିବା। ଗଣନାକାରୀ ସେମାନଙ୍କ ମୋବାଇଲ ଫୋନ୍‌ରେ ଏହି ଅନ୍‌ଲାଇନ୍ ଟୁଲ୍‌କିଟ୍‌କୁ ଡାଉନ୍‌ଲୋଡ କରି ପକ୍ଷୀଙ୍କ ଫଟୋକୁ ଉତ୍ତୋଳନ କରିବେ। ସୁତରାଂ ଗଣନା ନିଶ୍ଚିତ ପୂର୍ବାପେକ୍ଷା ଅଧିକ ନିର୍ଭୁଲ ହେବ। ହ୍ରଦର ପାଞ୍ଚଟି ରେଞ୍ଜ ଯଥା ଚିଲିକା, ବାଲୁଗାଁ, ସାତପଡ଼ା, ଟାଙ୍ଗୀ ଓ ରମ୍ଭାରେ ଏକକାଳୀନ ଏହି ଗଣତି ହେଉଛି।

ଏହା ଏକ ଅଭିନବ ପ୍ରୟାସ ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗଣନାରେ ଉପଯୋଗ କରିବା ନିଶ୍ଚିତ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଚିଲିକାକୁ ଆସୁଥିବା ନୂଆ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ଜାଣିହେବ। ସେହିଭଳି କେଉଁ ପ୍ରଜାତିର ପକ୍ଷୀଙ୍କ ଆଗମନ କମିଛି ବା କିଏ ଆଉ ଆସୁ ନାହାନ୍ତି, ତାହାର ବସ୍ତୁନିଷ୍ଠ ତଥ୍ୟ ମଧ୍ୟ ମିଳିବ। ଗତ ଗଣନାରେ ଚିଲିକାରେ ୧୮୪ ପ୍ରକାରର ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ଏମାନଙ୍କର ମୋଟ୍ ସଂଖ୍ୟା ଥିଲା ୧୧, ୩୧, ୯୨୯। ପକ୍ଷୀଙ୍କ ମଧ୍ୟରେ ଥିଲେ ୭୯ ପ୍ରକାରର ଆବାସିକ ଚଢ଼େଇ। ସେମାନଙ୍କ ସଂଖ୍ୟା ଥିଲା ୩୮, ୮୫୯। ବିଦେଶରୁ ଆସିଥିବା ୧୦୫ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ଥିଲା ୧୦, ୯୩, ୦୪୯।

ମଣିଷଙ୍କ ଭଳି ପଶୁପକ୍ଷୀଙ୍କ ଗଣନା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏହା ଦ୍ୱାରା ପକ୍ଷୀମାନଙ୍କ ସଂଖ୍ୟା, ସ୍ଥିତି, ପ୍ରଜାତି, ପ୍ରକୃତି ଓ ମୂଳ ବାସସ୍ଥାନ ସମ୍ପର୍କରେ ଅଧିକ ବସ୍ତୁନିଷ୍ଠ ତଥ୍ୟ ମିଳିବ। ଆହୁରି ମଧ୍ୟ ଚିଲିକାର ପରିବେଶର ସ୍ଥିତି ଏହାର ଜୈବମଣ୍ଡଳର ଅବସ୍ଥା ବିଷୟରେ ଅନେକ କଥା ପକ୍ଷୀଙ୍କ ସଂଖ୍ୟା ଓ ଉପସ୍ଥିତିରୁ ଆକଳନ କରାଯାଇପାରିବ। କହିବା ବାହୁଲ୍ୟ ଯେ ଏହି ଅତିଥି ପକ୍ଷୀମାନେ ଯେଉଁଠି ଉତ୍ତମ ଖାଦ୍ୟ ଉତ୍ସ, ଅନୁକୂଳ ଓ ନିରାପଦ ପରିବେଶ ପାଆନ୍ତି, ସେଠାରେ ଅଧିକ ସଂଖ୍ୟାରେ ସମବେତ ହୁଅନ୍ତି। ଏଥରର ନୂଆ ପ୍ରକାରର ଗଣନା ଚିଲିକା ଏବଂ ଏହାର ବିଦେଶୀ ପକ୍ଷୀଙ୍କ ଗତିସ୍ଥିତି ଓ ପ୍ରକୃତି ସମ୍ପର୍କରେ ଭଲ ଭାବେ ଜାଣିବାରେ ସହାୟକ ହେବ ନିଶ୍ଚୟ। ପଶୁପକ୍ଷୀମାନଙ୍କ ବିଶେଷତ୍ୱ ହେଲା ସେମାନଙ୍କୁ ଥରେ ଯେଉଁସ୍ଥାନ ଭଲ ଲାଗିଥିବ ସେମାନେ ବାଧାବିଘ୍ନ ସତ୍ତ୍ୱେ ସେଠାକୁ ଆସିବେ ହିଁ ଆସିବେ। ଥରେ ହୁଡ଼ିଲେ ଆଉ ଆସିବେ ନାହିଁ। ଏବେ ଚିଲିକାରୁ ଅନେକ ପ୍ରଜାତିର ବିଦେଶୀ ପକ୍ଷୀ ମୁହଁ ଫେରାଇଥିବା ଅଭିଯୋଗ ହେଉଛି। ଚିଲିକାର ଅପରୂପ ସୌନ୍ଦର୍ଯ୍ୟର ଆଉ ଏକ ଅଙ୍ଗ ହେଉଛି ବିବିଧ ପକ୍ଷୀ ସମାଗମ ଓ ସେମାନଙ୍କ ଜଳକ୍ରୀଡ଼ା। ସେମାନଙ୍କ ବିନା ରୂପସୀ ଚିଲିକା ନିଶ୍ଚୟ ତାର ଆକର୍ଷଣ ହରାଇବ, ଯାହାର ପୁନଃବାହାଲ ମଣିଷର ସାଧ ବାହାରେ। ତେଣୁ ବେଳ ହୁଁ ସରକାର, କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଚିଲିକାର ସୌନ୍ଦର୍ଯ୍ୟ ରକ୍ଷା ପାଇଁ ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷାରେ ସୈନିକର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ।

# ଗୋ-ଆଧାରିତ ଚାଷ ଓ ଗୋ-ମୟ ସଂସ୍କୃତି



ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୧୬୪୨୪୬୪

ମର୍ତ୍ତ୍ୟରେ ଅମୃତ ବୋଲି ଯଦି କିଛି ଥାଏ, ତେବେ ତାହା ହେଉଛି ଦୁଗ୍ଧ ବା କ୍ଷୀର। ପୃଥିବୀରେ ଏମିତି କିଛି ଖାଦ୍ୟ ନାହିଁ, ଯାହା ଦୁଗ୍ଧର ପରିପୂରକ। ସୁସ୍ଥ ଜୀବନ ଧାରଣ ପାଇଁ ଶରୀର ଆବଶ୍ୟକ କରୁଥିବା ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଧାତବ ଲବଣ, ଭିଟାମିନ୍ ଓ ଜଳ ଆଦି ୬ଟି ଯାକ ଉପାଦାନ କେବଳ କ୍ଷୀରରେ ସୁଷମ ଭାବେ ଉପଲବ୍ଧ। ତେଣୁ କ୍ଷୀର କେବଳ ଏକ ଆଦର୍ଶ ପାନୀୟ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଖାଦ୍ୟ। ଗବେଷକମାନଙ୍କ ମତରେ ପ୍ରାୟତଃ ଖ୍ରୀ.ପୂ. ୧୫୦୦ ରୁ ୨୦୦୦ ମଧ୍ୟରେ କ୍ଷୀରର ଉପଯୋଗିତାକୁ ଅନୁଭବ କରି ଗୋପାଳନର ଭିତ୍ତି ସ୍ଥାପନ କରିଥିଲେ ଏ ଦେଶର ଆର୍ଯ୍ୟ ଆଚାର୍ଯ୍ୟମାନେ। ମାନବ ଜାତି ପ୍ରତି ଗାଈର ଉତ୍ସର୍ଗୀକୃତ ସେବାକୁ ଉପଲବ୍ଧି କରି ତା'କୁ 'ଗୋ-ମାତା' ବୋଲି ଅଭିହିତ କରିଥିଲେ ଏବଂ କୃଷିକାର୍ଯ୍ୟକୁ ଆଧାର କରି ଗଢ଼ି ଉଠିଥିଲା ଆମ 'ଗୋ-ମୟ' ସଂସ୍କୃତି। ଲଙ୍ଗଳ ଆମ କୃଷି ସଂସ୍କୃତିର ପ୍ରତୀକ ଏବଂ ଗୋପାଳନ ସେହି ସ୍ୱର୍ଣ୍ଣିମ ସଂସ୍କୃତିର ଏକ ଅପରିହାର୍ଯ୍ୟ ଅଙ୍ଗ।

ଶାସ୍ତ୍ର କହେ - 'ଗାବୋ ବିଶ୍ୱସ୍ୟ ମାତରଃ।' ଅର୍ଥାତ ଗାଈ ସମଗ୍ର ବିଶ୍ୱର ମାତା। ସେଥିପାଇଁ ଗାଈକୁ କୁହାଯାଏ 'ଗୋମାତା'। ଗାଈର କ୍ଷୀର, ଦହି, ଘିଅ, ଗୋବର ଓ ଗୋମୂତ୍ର ମିଶ୍ରଣରେ ପ୍ରସ୍ତୁତ ହୁଏ 'ପଞ୍ଚଗବ୍ୟ'। କୁହାଯାଏ ଯେଉଁ ଘରେ ଗୋମାତା ପୂଜା ପାଆନ୍ତି, ସେ ପରିବାରକୁ ସହଜରେ କାବୁ କରିପାରେନି ରୋଗବ୍ୟାଧି। ଏହି ମର୍ମରେ ଉତ୍କଳମଣି ଗୋପବନ୍ଧୁ ଦାସ 'ଗୋମହାତ୍ମ୍ୟ'ରେ ଲେଖିଛନ୍ତି -

*'ଗୋ ଜାତି ସର୍ବସୁଖମୟ, ଗୋଜାତି ସର୍ବଶୁଭମୟ।'*

ମହାଭାରତରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜଧର୍ମ ପାଳନ ସମ୍ପର୍କରେ ପରାମର୍ଶ ଦେଇ କହିଛନ୍ତି ଗାଈ, ଭୂମି ଓ ବିଦ୍ୟା - ଏହି ତିନୋଟି ଦାନର ଫଳ ଅମାପ। ଏଭଳି ଶାସ୍ତ୍ରୀୟ ଭାବନା ଯୋଗୁଁ ପୂର୍ବେ ଧନୀ-ଗରିବ ନିର୍ବିଶେଷରେ ସବୁ ପରିବାର ଗୋସେବା ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ଏପରିକି ଗୁହାଳରେ ବନ୍ଧା ଯାଇଥିବା ଗୋରୁଗାଈଙ୍କୁ ଖାଇବାକୁ ନଦେବା ପର୍ଯ୍ୟନ୍ତ ରାତିରେ ଆହାର ଗ୍ରହଣ କରୁ ନ ଥିଲେ ପରିବାର ମୁଖ୍ୟ। ଅକ୍ଷୟ ତୃତୀୟାରେ ଲଙ୍ଗଳ ସହିତ ବଳଦ ପୂଜା ଏବଂ ଗହ୍ମା ପୂର୍ଣ୍ଣିମାରେ ଗୁହାଳରେ ଧୂପ ଦୀପ ଦେଇ ଗାଈଗୋରୁଙ୍କୁ ପିଠା ଖୁଆଇବା ଥିଲା ଚାଷୀ ଘରର ପରମ୍ପରା। ଗାଁ ପାଖ ପଡ଼ିଆରେ ଚରୁଥିବା ଗୋରୁ ଗୋଠକୁ ଦେଖି ଆକଳନ କରି ହେଉଥିଲା ଗାଁ ଲୋକଙ୍କ ଆର୍ଥିକ ସ୍ଥିତି। କୃଷି କ୍ଷେତ୍ରରେ ହଳ କରିବା, ଶଗଡ଼ ଟାଣିବା, ବେଙ୍ଗଳା ପକାଇବା ଆଦି ଯାବତୀୟ କାର୍ଯ୍ୟରେ ନିୟୋଜିତ ହେଉଥିଲା ବଳଦ। ତେଣୁ ଉଭୟ ଆଦର ଓ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟରେ ବଢ଼ିଚାଲିଥିଲା ଗୋରୁଗାଈଙ୍କ ସଂଖ୍ୟା।

ଏବେ କିନ୍ତୁ ଆଉ ଗାଁ ପଡ଼ିଆରେ ଗାଈଗୋଠର ଦୃଶ୍ୟ ଦେଖିବାକୁ ମିଳୁନି କି ଗୋଧୂଳି ଲଗ୍ନରେ ଶୁଣିବାକୁ ମିଳୁନି ଗାଈଆଳ ପିଲାର 'ଗାଈ ଗଲେ ହୋ' କୁହାଟ। ହଜିଲା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ତତ୍ତ୍ୱ-ଗବେଷଣା ବା ରିସର୍ଚ୍ଚ ଅର୍ଥରେ ବ୍ୟବହୃତ। ୧୯୬୦ ମସିହା ବେଳକୁ ଦେଶରେ ଗୋସମ୍ପଦର ବାର୍ଷିକ ବୃଦ୍ଧି ହାର ଜାତୀୟ ସ୍ତରରେ ଦୁଇ ଶତାଂଶ ଥିଲା ବେଳେ ଓଡ଼ିଶାରେ ଏହି ହାର ଥିଲା ୪.୫ ଶତାଂଶ। କିନ୍ତୁ ୯୦ ଦଶକ ପରେ ବଦଳିଗଲା ସ୍ଥିତି। ୧୯ତମ ପଶୁଗଣନା (୨୦୧୨) ରିପୋର୍ଟରୁ ଜଣାଗଲା ୫.୫୯ ହାରରେ ହ୍ରାସ ପାଉଛି ରାଜ୍ୟର ଗୋସମ୍ପଦ। ଏହା ପଛରେ



ରହିଛି 'ସବୁଜ ବିପ୍ଳବ'ର ପ୍ରଭାବ। ଷାଠିଏ ଦଶକରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଖାଦ୍ୟଶସ୍ୟ ଉତ୍ପାଦନ ବଢ଼େଇବା ଲକ୍ଷ୍ୟରେ ଆରମ୍ଭ ହେଲା 'ସବୁଜ ବିପ୍ଳବ'। ଭାଙ୍ଗିଲା ପାରମ୍ପରିକ କୃଷି ସଂସ୍କୃତିର ମେରୁହାଡ଼। ଉନ୍ନତ ଚାଷ, ଯାନ୍ତ୍ରିକ ଚାଷ ନାମରେ କୃଷି କ୍ଷେତ୍ରକୁ ପ୍ରବେଶ କଲା ଟ୍ରାକ୍ଟର, ପାୱାରଟିଲର ଓ ହାରଭେଷ୍ଟର ଇତ୍ୟାଦି ବିଭିନ୍ନ ଯନ୍ତ୍ରପାତି। ଅବସାନ ହେଲା ହଳଲଙ୍ଗଳର ଯୁଗ। ଯନ୍ତ୍ର ଯୋଗେ ଶସ୍ୟ ଅମଳ ହେବା କାରଣରୁ ଆଉ ଖଳାରେ ବେଙ୍ଗଳା ପଡ଼ିଲାନି କି ଖଳା ଲିପିବା ପାଇଁ ଆବଶ୍ୟକ ହେଲାନି ଗୋବର। ଗୋବର ଖତ ପରିବର୍ତ୍ତେ ଜମିରେ ପ୍ରୟୋଗ ହେଲା ରାସାୟନିକ ସାର। ଧୀରେ ଧୀରେ ତୁଟିବାକୁ ଲାଗିଲା କୃଷକ ଓ ବଳଦ ଭିତରେ ଗଢ଼ିଉଠିଥିବା ଆବେଗିକ ସମ୍ପର୍କ।

ଅଧିକ ଅମଳକ୍ଷମ ବିହନ ବ୍ୟବହାର ଯୋଗୁଁ ଆଧୁନିକ ଚାଷ ପ୍ରଣାଳୀରେ ଉତ୍ପାଦନ ବଢ଼ିଲା ସତ, କିନ୍ତୁ କୃଷି ଯନ୍ତ୍ରପାତି, ରାସାୟନିକ ସାର ଓ କୀଟନାଶକ ଇତ୍ୟାଦିର ମାତ୍ରାଧିକ ମୂଲ୍ୟବୃଦ୍ଧି କାରଣରୁ କ୍ଷତିର ସଉଦାରେ ପରିଣତ ହୋଇଛି ଆଜିର ଚାଷ। ତେଣୁ ଆରମ୍ଭ ହେଲା କୃଷି କ୍ଷେତ୍ରରୁ ପଳାୟନ ପ୍ରକ୍ରିୟା। ଚାଷ ନ ହୋଇ ପଡ଼ିଆ ପଡ଼ିଲା ଶହଶହ ହେକ୍ଟର ଚାଷଜମି। ବୃତ୍ତିରୁ ବିସ୍ଥାପିତ ହେବା କାରଣରୁ କମିଲା ଗୋପାଳନ ପ୍ରତି ଆଗ୍ରହ।

ସାଧାରଣତଃ ପାରମ୍ପରିକ ଗୋପାଳନ ପାଇଁ ଆବଶ୍ୟକ ବିସ୍ତୃତ ଚାରଣ ଭୂମି। ଆଗେ ପ୍ରାୟତଃ ପ୍ରତି ଗ୍ରାମରେ ସଂରକ୍ଷିତ ହୋଇ ରହିଥିଲା ବିସ୍ତୃତ ଗୋଚର ଭୂମି। ପରବର୍ତ୍ତୀ ସମୟରେ ସରକାରଙ୍କ ଉଦାସୀନତା କାରଣରୁ ଚାରଣ ଭୂମି କେଉଁଠି ପ୍ରଭାବଶାଳୀ ଲୋକଙ୍କ କବ୍‌ଜାକୁ ଚାଲିଗଲା ତ କେଉଁଠି ବ୍ୟବହାର ହେଲା ଖେଳପଡ଼ିଆ ଭାବରେ। ଓଡ଼ିଶା ସେଟଲ୍‌ମେଣ୍ଟ - ୭୪ ଆଇନ କହେ, ପ୍ରତି ଗ୍ରାମରେ ସମୁଦାୟ ଜମିର ୫ପ୍ରତିଶତ ସଂରକ୍ଷିତ ହୋଇ ରହିବ ଗୋଚାରଣ ପାଇଁ। କିନ୍ତୁ ଆଜି ତାହାର ଅଭାବ ସ୍ପଷ୍ଟ ଦେଖାଯାଉଛି।

ରାଜଧର୍ମ ବ୍ୟାଖ୍ୟା ପରିପ୍ରେକ୍ଷୀରେ ଆଦିକବି ସାରଳା ଦାସ ଲେଖିଛନ୍ତି -

*'କୃଷି କର୍ମଚାରୀ ଜନେ ନ ଡଣ୍ଡିବୁ ଧନ, ଗୋଚର ନିମନ୍ତେ ଛାଡ଼ିଦେବୁ ବହୁସ୍ଥାନ'।*

ସରକାର ଏଭଳି ପରାମର୍ଶ ପ୍ରତି ଧ୍ୟାନ ନଦେବା ଫଳରେ ଯେଉଁମାନେ ଗୋପାଳନକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ ସେମାନଙ୍କ ପାଇଁ ସମସ୍ୟା ହୋଇ ଉଭା ହେଲା ଚାରଣ ଭୂମିର ସଂକୋଚନ। ଏଥିସହିତ ଗୋଖାଦ୍ୟର ଦରବୃଦ୍ଧି ଓ କ୍ଷୀରର ଅଭାବୀ ବିକ୍ରି କାରଣରୁ ପରିଶ୍ରମ ଅନୁସାରେ ଲାଭ ନପାଇ ଗୋପାଳନରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଲା ଚାଷୀ। ହାତ ପାହାନ୍ତାରେ ବିଭିନ୍ନ ସଂସ୍ଥାର ପ୍ରକ୍ରିୟାକୃତ ପ୍ୟାକେଟ୍ କ୍ଷୀର ଉପଲବ୍ଧ ହେବା ଫଳରେ ଆଉ ରହିଲାନି ଗାଈପାଳନ କରି କ୍ଷୀର ଖାଇବାର ମାନସିକତା। ୨୦୧୨ ମସିହାରେ ୧୯ତମ ପ୍ରାଣୀଧନ ଗଣନା ବେଳେ ଗାଈ ପାଳନ କରୁଥିବା ପରିବାର ଓ ଉଦ୍ୟୋଗ ସଂଖ୍ୟା ଥିଲା ୩୭ଲକ୍ଷ ୭୧ହଜାର ୬୦୪। ୨୦୧୯ ମସିହା ଗଣନା ବେଳକୁ ସେହି ସଂଖ୍ୟା ହେଲା ୩୦ଲକ୍ଷ ୨୨ହଜାର ୭୬୧। ଅର୍ଥାତ ୨୦୧୨ ରୁ ୨୦୧୯ ମଧ୍ୟରେ ଗୋପାଳନରୁ ମୁହଁ ଫେରେଇ ନେଇଥିଲେ ସାଢ଼େ ସାତ ଲକ୍ଷ ଗୋପାଳକ।

ଖାଦ୍ୟ ଉତ୍ପାଦନ ବଢ଼େଇବା ପାଇଁ ଯେଭଳି 'ସବୁଜ ବିପ୍ଳବ'ର ମେଢ଼ ତିଆରି ହେଲା, ସେମିତି ଦୁଗ୍ଧ ଉତ୍ପାଦନ ବଢ଼େଇବା ପାଇଁ ଆରମ୍ଭ ହେଲା ବିଦେଶୀ ଗାଈ ଚାଷ ଭେଳିକି। ଦେଶୀଗାଈ ପାଳନ ପରିବର୍ତ୍ତେ ବିଦେଶରୁ ଅଣାଗଲା ଜର୍ସି ଗାଈ। ୨୦୧୨ ମସିହାରେ ୧୯ତମ ପ୍ରାଣୀଧନ ଗଣନା ଅନୁସାରେ ରାଜ୍ୟରେ ୧କୋଟି ୩ଲକ୍ଷ ୧୫ ହଜାର ୪୯୯ ଦେଶୀ ଗାଈ ଥିଲାବେଳେ ୨୦୧୯ ମସିହାରେ ୨୦ତମ ପ୍ରାଣୀଧନ ଗଣନାରେ ଏହି ସଂଖ୍ୟା ହ୍ରାସ ପାଇ ୮୩ଲକ୍ଷ ୨୩ ହଜାର ୫୯୦ରେ ପହଞ୍ଚିଲା, ଯାହା ୨୦୧୨ ସଂଖ୍ୟା ଠାରୁ ୧୯ଲକ୍ଷ ୯୧ ହଜାର କମ୍। ଅନ୍ୟପକ୍ଷରେ ୧୯ତମ ପ୍ରାଣୀଧନ ଗଣନା ଅନୁଯାୟୀ ରାଜ୍ୟରେ ୧୩ଲକ୍ଷ ୫ହଜାର ୭୭୩ଟି ସଙ୍କର ଜାତୀୟ ଗାଈ ଥିବା ବେଳେ ୨୦ତମ ଗଣନା ବେଳକୁ ତାହା ୧୫ଲକ୍ଷ ୮୦ହଜାର ୩୮୦ରେ ପହଞ୍ଚିଲା, ଯାହା ପୂର୍ବ ସଂଖ୍ୟା ଠାରୁ ୨ଲକ୍ଷ ୭୪ ହଜାର ୬୦୭ ଅଧିକ। ମାତ୍ର ଜର୍ସି ଗାଈ ଜନ୍ମ କରୁଥିବା ଅଣ୍ଡିରା ବାଛୁରୀ ହଳ କରିବାକୁ ଅକ୍ଷମ। ସେହି କାରଣରୁ ଗାଁ ବଳଦଶୂନ୍ୟ ହେବାକୁ ଲାଗିଲା ଏବଂ ଅନାବଶ୍ୟକ ଭାବରେ ବଢ଼ି ଚାଲିଲା ଷଣ୍ଢଙ୍କ ସଂଖ୍ୟା। ଏବେ ଗାଁରେ ମାଳ ମାଳ ହୋଇ ଷଣ୍ଢ ବୁଲୁଛନ୍ତି ଏବଂ ସେମାନଙ୍କ ମୁହଁରୁ ଚାଷ ବଞ୍ଚେଇବା ପାଇଁ ନାକେଦମ୍ ହେଉଛି ଚାଷୀ।

ଏକ ଆକଳନରୁ ଜଣାଯାଏ ଗୋଟିଏ ବଳଦ ବା ଗାଈର ଗୋବର ଓ ମୂତ୍ରରୁ ଯେତିକି ଆୟ ହୁଏ, ତା'ଠାରୁ ୩ଗୁଣ ଅଧିକ ଖର୍ଚ୍ଚ ହୁଏ ତାରି ପ୍ରତିପୋଷଣ ପାଇଁ। କଥାରେ ଅଛି - କ୍ଷୀର ଶୁଖିଗଲେ କି ଲୋଡ଼ା ମାଆ, ପାଣି ଶୁଖିଗଲେ କି ଲୋଡ଼ା ନାଆ। ଏଭଳି ବ୍ୟବସାୟିକ ମନୋଭାବ ଯୋଗୁଁ ସାରା ଜୀବନ ଆମର ଅଶେଷ ଉପକାର କରୁଥିବା ଗୋରୁକୁ କଂସେଇକୁ ବିକ୍ରି କରିଦିଆଗଲା ଅତି ନିର୍ଦ୍ଦୟ ଭାବରେ। ଯାହାକୁ ଲକ୍ଷ୍ୟକରି ଉତ୍କଳମଣି ଗୋପବନ୍ଧୁ ଦାସ ଗୋ ମହାତ୍ମ୍ୟରେ ଲେଖିଛନ୍ତି -

*'ବଳଦ କରୁଛନ୍ତି ହଳ, ସରିଲେ ସେ ବଳଦ ବଳ / ବିକନ୍ତି ବୃଦ୍ଧ କାଳେ ହାଟେ, କଂସେଇ କିଣିନେଇ କାଟେ।'*

ଜମିରେ ଏବେ ଗୋବର ଖତ ବଦଳରେ ପ୍ରୟୋଗ ହେଉଛି ପ୍ରଚୁର ପରିମାଣର ସାର ଓ ବିଷ। ଏହାର ପ୍ରଭାବରେ କେବଳ ମାଟି ପ୍ରଦୂଷିତ ହେଉନି ବିଷାକ୍ତ ହୋଇଯାଉଛି ଫସଲ। ଜମିରେ ପଡୁଥିବା ବିଷ ବର୍ଷା ଜଳରେ ଧୋଇଯାଇ ନଦୀନାଳରେ ମିଶୁଛି ଏବଂ ଏଥିସହିତ ବିଷାକ୍ତ ହେଉଛି ଭୂ-ତଳ ଜଳ। ମାଟି ପାଣି ପବନରେ ସୃଷ୍ଟି ହେଉଛି ବ୍ୟାଧିର ଏକ ବିଭୀଷିକାମୟ ବାତାବରଣ। ଏଥିରୁ ନିସ୍ତାର ପାଇବା ପାଇଁ ଏକମାତ୍ର ବାଟ ହେଉଛି ଗୋ ଆଧାରିତ ଚାଷ। ଏହା କିଛି ଧାର୍ମିକ ଭାବାବେଗର କଥାନୁହେଁ, ବରଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ମାନବ ଜାତି ପାଇଁ ପରମ ଆଶୀର୍ବାଦ। ଏହାକୁ ଅନୁଭବ କରି ପଣ୍ଡିତ ଗୋପବନ୍ଧୁ ଲେଖିଥିଲେ -

*'ଗୋ ସେବା କର ଘରେ ଘରେ, ଗୋ ହିତ ବିଚାର ମନରେ।'*

# ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱର ବିକାଶ



ଡ. ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯



ପ୍ରତି ବ୍ୟକ୍ତିର ବ୍ୟକ୍ତିତ୍ୱ ବିବିଧତାରେ ପରିପୂର୍ଣ୍ଣ। ଏଥିରେ ବହୁ ଶୈଳୀ, ବହୁ ରଙ୍ଗ, ବହୁ ରୂପ ଓ ବହୁ ରସର ସମାବେଶ ଘଟିଥାଏ। କିନ୍ତୁ ଯେଉଁ ଦିଗଟି ସବୁଠାରୁ ଅଧିକ ଆକର୍ଷଣ ସୃଷ୍ଟି କରିଥାଏ, ତାହା ହେଉଛି ସ୍ଫୂର୍ତ୍ତିଶୀଳତାର ଦିଗ। ମୁଖରେ ସଦା ପ୍ରସ୍ଫୁଟିତ ସ୍ମିତହସ, ଗତିରେ ସଚଳତା, କର୍ମପ୍ରବଣତାରେ ଗତିଶୀଳତା, କଥାବାର୍ତ୍ତାରେ ଚୁମ୍ବକୀୟତା, ଭାବନାରେ ବୌଦ୍ଧିକତା ଏବଂ ଆବେଗରେ ଅନୁକୂଳତା ବ୍ୟକ୍ତିତ୍ୱକୁ ଏକ ଅନନ୍ୟ ରୂପ ଦିଏ।

ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱର ଚୁମ୍ବକୀୟ ଆକର୍ଷଣ ଫଳରେ ସମସ୍ତେ ଏପରି ବ୍ୟକ୍ତିତ୍ୱର ଅଧିକାରୀ ହେବା ପାଇଁ ଅଭିଳାଷ ପୋଷଣ କରନ୍ତି। କିନ୍ତୁ ଏ କ୍ଷେତ୍ରରେ ସଫଳତା ସହଜ ହୋଇ ନ ଥାଏ। ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱ ଗଠନ କରିବା ଏକଧରଣର ସାଧନା। ଏ ସାଧନା ପଥରେ ପାଦଦେବାକୁ ହେଲେ ସାଧନାର ଉପାଦାନ ସମୂହକୁ ଚିହ୍ନଟ କରିବାକୁ ହେବ।

ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱର ପ୍ରଥମ ଉପାଦାନଟି ହେଉଛି ଭାବଗତ ଅନୁକୂଳତା ଓ ସ୍ମିତହସ। ଯଥାସମ୍ଭବ ଅଧିକସଂଖ୍ୟକ ସକାରାତ୍ମକ ଆବେଗକୁ ଜୀବନର ଅଙ୍ଗୀଭୂତ କରିବାକୁ ହେବ। ସୁଖାନୁଭୂତି, ସନ୍ତୋଷ, ପ୍ରସନ୍ନତା ଓ ଆନନ୍ଦର ମନୋଭାବ ବଜାୟ ରଖିବାକୁ ହେବ। ସକାରାତ୍ମକ ଆବେଗ ପରିପ୍ରେକ୍ଷୀରେ ଦୁଇଟି କଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଥମତଃ, ଅତି ଉଚ୍ଚମାତ୍ରାର ସକାରାତ୍ମକ ଆବେଗ (ଯଥା: ଲଟେରୀ ଜିତିବା ଫଳରେ ଅନୁଭୂତ ହେଉଥିବା ଉଲ୍ଲାସ) ଅପେକ୍ଷା ମଧ୍ୟମ ମାତ୍ରାର ଆବେଗ (ଶାନ୍ତି, ସ୍ଥିରତା, ସନ୍ତୋଷ, ସୁଖାନୁଭୂତି) ଅଧିକ ଉପଯୋଗୀ ମନେହୁଏ। ଜଣେ ଲଟେରୀ ଜିତିବାର ଖବର ପାଇବା ପରେ ହୁଏତ ଅତିମାତ୍ରାର ସକାରାତ୍ମକ ଆବେଗ ଅନୁଭବ କରେ। କିନ୍ତୁ ଏପରି ଆନନ୍ଦର ସ୍ଥିତିରେ ସେ ବେଶୀଦିନ ରହିନଥାଏ। ବ୍ୟକ୍ତି ଏକ ପୂର୍ବ ନିର୍ଦ୍ଧାରିତ ସ୍ତରକୁ ଖସିଆସେ। ସୁତରାଂ ଯେଉଁ ଭାବଗତ ଅନୁକୂଳତା ଦୀର୍ଘସ୍ଥାୟୀ ସେପରି ଆବେଗର ଅନୁବର୍ତ୍ତୀ ହେବା ଅଧିକ ଉପଯୋଗୀ।

ଦ୍ୱିତୀୟତଃ, ଭାବଗତ ଅନୁକରଣର ତୀବ୍ରତା ଅପେକ୍ଷା ତାହାର ବାରମ୍ବାରତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଛୋଟପିଲାର ହସ ଦେଖି ଆପଣ ଆନନ୍ଦ ଅନୁଭବ କରନ୍ତି କି? ଆକାଶରେ ଉଡ଼ିଯାଉଥିବା ପକ୍ଷୀଦଳର ଶୋଭା ଆପଣଙ୍କୁ ଆନନ୍ଦ ଦିଏ କି? ଜଳପ୍ରପାତର ନିମ୍ନଗାମୀ ଜଳଧାରାର ଦୃଶ୍ୟ ଆପଣଙ୍କୁ ଖୁସି ଦିଏ କି? ଅଧିକସଂଖ୍ୟକ ଛୋଟ ଛୋଟ ଆନନ୍ଦ ସଂଗ୍ରହ କରିପାରୁଥିବା ଲୋକମାନେ ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱର ଅଧିକାରୀ ହୁଅନ୍ତି।

ସୁଖରେ ସଦାସର୍ବଦା ସ୍ମିତହସ ଲାଗି ରହିବା ଏକ ବିଶେଷ ସହାୟକ ଅବସ୍ଥା। ଅନେକଲୋକ ବିଶ୍ୱାସ କରନ୍ତି ଯେ ଆମେ କେବଳ ଖୁସି ଥିବା ଅବସ୍ଥାରେ ହସିପାରୁ। ଏହା ସତ କଥା। ମାତ୍ର ଏ କଥା ମଧ୍ୟ ସତ୍ୟ ଯେ ଆମେ ହସିପାରିଲେ ଖୁସୀମିଜାଜ ଗଠିତ ହୋଇଥାଏ। ଗୋଟିଏ ଗବେଷଣାରେ ଜଣେ ଗବେଷକ କଲେଜ ଛାତ୍ରଛାତ୍ରୀମାନଙ୍କୁ ଏକ ଅଭିନୟରେ ଅଂଶଗ୍ରହଣ କରିବାକୁ ଅନୁରୋଧ କଲେ। ସେହି ଅଭିନୟରେ ପ୍ରତିଦିନ ନିୟମିତ ଭାବରେ କିଛି ସମୟ ପାଇଁ ସେମାନଙ୍କୁ ସ୍ମିତହସର ଅଭିନୟ କରିବାକୁ ପଡୁଥିଲା। ଦୁଇମାସ ଧରି ଏପରି ସ୍ମିତହସର ଅଭିନୟ କରିବା ପରେ ଦେଖାଗଲା ଯେ ଏହି ଛାତ୍ରଛାତ୍ରୀମାନେ ସେମାନଙ୍କ ସହପାଠୀଙ୍କ ତୁଳନାରେ ଅଧିକ ସୁଖାନୁଭୂତିର ଅଧିକାରୀ ହୋଇପାରିଛନ୍ତି।

ସ୍ଫୂର୍ତ୍ତିଶୀଳତା ପାଇଁ ତୃତୀୟ ଉପାଦାନ ହେଉଛି କର୍ମନିଷ୍ଠା ଓ ପରିଶ୍ରମଶୀଳତା। କୌଣସି କର୍ମରେ ସମ୍ପୃକ୍ତ ରହିବାର ଅଭ୍ୟାସ ଆମକୁ ସ୍ଫୂର୍ତ୍ତି ପ୍ରଦାନ କରେ ଏବଂ ଦୁଶ୍ଚିନ୍ତାରୁ ମୁକ୍ତି ଦିଏ। ଆମେ କାର୍ଯ୍ୟ ନ କରି ଏକୁଟିଆ ବସି ରହି ଯେଉଁ ଚିନ୍ତା କରିଥାଉ ତାହା ମୁଖ୍ୟତଃ ଦୁଶ୍ଚିନ୍ତାର ହିଁ ରୂପ ନେଇଥାଏ। ସୁତରାଂ କର୍ମସମ୍ପୃକ୍ତି ଓ ପରିଶ୍ରମଶୀଳତାକୁ ସ୍ୱାଗତ କରିବାକୁ ହେବ।

କୌଣସି କାର୍ଯ୍ୟକରିବା ସମୟରେ ଯେଉଁ ଉପାଦାନଟି ସ୍ଫୂର୍ତ୍ତି ପ୍ରଦାନ କରିଥାଏ, ତାହା ହେଉଛି ତଲ୍ଲୀନତା ବା ନିମଗ୍ନତା। ତଲ୍ଲୀନତା ହେଉଛି ଗୋଟିଏ ଧରଣର ପୂର୍ଣ୍ଣମନସ୍କତା ବା ପୂର୍ଣ୍ଣ ଏକାଗ୍ରତା। ତଲ୍ଲୀନତା ସମୟରେ ନୃତ୍ୟଶିଳ୍ପୀ ନୃତ୍ୟର ରୂପ ନିଏ। ସନ୍ତରଣକାରୀ ସନ୍ତରଣର ରୂପ ନିଏ। ଲେଖକର ଆତ୍ମବିସ୍ମୃତି ଲେଖା ମଧ୍ୟରେ ଘଟିଥାଏ। ଆମର ଦୁର୍ଭାଗ୍ୟ ଯେ ନୃତ୍ୟଗୀତ ଉପଭୋଗ କରିବାକୁ ପ୍ରେକ୍ଷାଳୟକୁ ଗଲେ ମଧ୍ୟ ଆମର ମନ ଅନ୍ୟଠାରେ ବିଚରଣ କରୁଥାଏ। ପୁଅକୁ କେତେବେଳେ କୋଚିଂ କେନ୍ଦ୍ରରୁ ଆଣିବାକୁ ହେବ, ସେ ବିଷୟରେ ଚିନ୍ତା ରହିଥାଏ। ଝିଅକୁ କେତେବେଳେ ସ୍କୁଲରୁ ଆଣିବାକୁ ହେବ, ସେ ବିଷୟରେ ଭାବନା ଥାଏ। ଅନ୍ୟପକ୍ଷରେ ତଲ୍ଲୀନତା ହେଉଛି ପୂର୍ଣ୍ଣ ଏକାଗ୍ରତା। ମନ ଗୋଟିଏ ବିନ୍ଦୁରେ ସ୍ଥିର ରହେ। ତଲ୍ଲୀନତା ସମୟେ ସମୟେ ଦ୍ରୁତଗତିରେ ଚାଲିଯାଏ କିମ୍ବା ଗୋଟିଏ ବିନ୍ଦୁରେ ଅଟକି ରହେ। ଖାଇବା ସମୟରେ ଖାଦ୍ୟର ରୂପ, ରସ ଓ ଗନ୍ଧ ପ୍ରତି ପୂର୍ଣ୍ଣ ସଚେତନ ହେବାକୁ ପଡ଼ିବ। ଚାଲିବା ସମୟରେ ପାଦର ଅଙ୍ଗଭଙ୍ଗୀ, ରାସ୍ତାର ଅବୟବ ଏବଂ ପାରିପାର୍ଶ୍ୱିକ ବର୍ଣ୍ଣବିଭା ପ୍ରତି ଜାଗ୍ରତ ରହିବାକୁ ହେବ। ଏପରି ପୂର୍ଣ୍ଣମନସ୍କତା ସ୍ଫୂର୍ତ୍ତିବର୍ଦ୍ଧନରେ ସହାୟକ ହୁଏ।

ପରିଶେଷରେ କୁହାଯିବ ଯେ ସ୍ଫୂର୍ତ୍ତିଶୀଳ ବ୍ୟକ୍ତିମାନେ ଜୀବନର ପ୍ରତିଟି ଲକ୍ଷ୍ୟକୁ ଅଭିପ୍ରେରିତ କରିଥିବା ଅର୍ଥପୂର୍ଣ୍ଣତା ପ୍ରତି ସଚେତନ ରୁହନ୍ତି। କରାଯାଉଥିବା କାର୍ଯ୍ୟ ଓ ଲକ୍ଷ୍ୟର ଅର୍ଥ ଆବିଷ୍କାର କରିବାକୁ ହେବ। ଅର୍ଥପୂର୍ଣ୍ଣତା ଅନ୍ୱେଷଣ କେହି କାହା ଉପରେ ଲଦିଦେଇ ପାରିବେ ନାହିଁ। ବ୍ୟକ୍ତିକୁ ନିଜେ ଏପରି ଅନ୍ୱେଷଣ କରିବାକୁ ହେବ। ଆଲୋଚିତ ଉପାଦାନର ସହାୟତାରେ ସ୍ଫୂର୍ତ୍ତିଶୀଳ ବ୍ୟକ୍ତିତ୍ୱର ବିକାଶ କେବଳ ନିଜର ବ୍ୟକ୍ତିଗତ ବିକାଶର ମାର୍ଗ ନୁହେଁ। ଏହା ଏକ ସାମାଜିକ ପଲ୍ଲବନର ସୁନ୍ଦର ନକ୍ସା।

**ଘୋଷଣା**
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## କୁଖ୍ୟାତ ଜାମ୍ମୁ-କାଶ୍ମୀର ଆତଙ୍କବାଦୀ ଦିଲ୍ଲୀରେ ଗିରଫ

**ଧରାଇଦେବାକୁ ଘୋଷଣା ହୋଇଥିଲା ୫ ଲକ୍ଷର ପୁରସ୍କାର**

**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଜାମ୍ମୁ-କାଶ୍ମୀରରେ ସକ୍ରିୟ ରହିଥିବା ହିଜବୁଲ ମୁଜାହିଦ୍ଦିନର କୁଖ୍ୟାତ ଆତଙ୍କବାଦୀ ଜାଭେଦ୍ ଅହମ୍ମଦ ମାଟ୍ଟୁକୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ଗୁରୁବାର ଦିଲ୍ଲୀରୁ ଗିରଫ କରିଛି। ସପୁର ଅଞ୍ଚଳର ଜଭେଦ୍ ଜମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କବାଦ କାର୍ଯ୍ୟରେ ଲିପ୍ତ ରହି ବହୁ ଜଘନ୍ୟକାଣ୍ଡ ଘଟାଇଥିଲା ବେଳେ ଦୀର୍ଘଦିନ ଧରି ପୁଲିସ ତାକୁ ଖୋଜୁଥିଲା। ଏପରିକି ତାକୁ ଧରାଇ ଦେବା ଲାଗି ପୁଲିସ ପକ୍ଷରୁ ୫ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ଏହାବ୍ୟତୀତ ଜାମ୍ମୁ-କାଶ୍ମୀରରେ ସେନାର ହିଟ୍ ଲିଷ୍ଟରେ ଥିବା ୧୦ ଆତଙ୍କବାଦୀଙ୍କ ମଧ୍ୟରେ ମାଟ୍ଟୁର ନାଁ ମଧ୍ୟ ସାମିଲ ଥିଲା। ମାଟ୍ଟୁ ବହୁବାର ପାକିସ୍ତାନ ଯାଇ ଭାରତକୁ ଫେରିଛି। ଗତବର୍ଷ ସ୍ୱାଧୀନତା ଦିବସରେ ମାଟ୍ଟୁ'ର ଭାଇ ସପୋରେସ୍ଥିତ ବାସଭବନରେ ତ୍ରିରଙ୍ଗା ଉଡ଼ାଉଥିବା ଦେଖିବାକୁ ମିଳିଥିଲା। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା। ତାକୁ ଧରିବା ଲାଗି ଏନଆଇଏ ମଧ୍ୟ ଜାଲ ବିଛାଇଥିଲା। ହେଲେ ଗୁରୁବାର ଦିଲ୍ଲୀ ସ୍ୱତନ୍ତ୍ର ପୁଲିସ ସେଲ୍ ତାକୁ ଗିରଫ କରିଛି। ଏବେ ପୁଲିସ କବ୍‌ଜାରେ ରହିଥିବା ମାଟ୍ଟୁକୁ ପଚରାଉଚରା କରାଯାଉଛି। ତା' ଠାରୁ ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ପୁଲିସକୁ ବହୁ ତଥ୍ୟ ମିଳିପାରେ ବୋଲି କୁହାଯାଉଛି।

## ବାନ୍ଧବୀଙ୍କ କୁକୁର ବଞ୍ଚାଇବାକୁ ଯାଇ ପ୍ରାଣ ହାରିଲେ ବିଟେକ୍ ଛାତ୍ର



**ଭୋପାଳ,୪।୧(ଏଜେନ୍ସି):** ମଧ୍ୟପ୍ରଦେଶରେ ଜଣେ ବାନ୍ଧବୀଙ୍କ କୁକୁରକୁ ପାଣିରୁ ବଞ୍ଚାଇବାକୁ ଯାଇ ଜଣେ ବି-ଟେକ୍ ଛାତ୍ର ନିଜେ ବୁଡ଼ି ପ୍ରାଣ ହରାଇବା ଘଟଣା ବିଭିନ୍ନ ମହଲରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ଏକ ଦୁଃଖଦ ଘଟଣା ଭୋପାଳ ସହର ନିକଟରେ ଘଟିଛି। ମିଳିଥିବା ଖବର ଅନୁସାରେ ୨୩ ବର୍ଷୀୟ ବି-ଟେକ୍ ଛାତ୍ର ସରଳ ନିଗମ ସକାଳୁ ସକାଳୁ ଭୋପାଳ ସହର ନିକଟସ୍ଥ କେରୱା ଡ୍ୟାମ୍ ନିକଟକୁ ମର୍ଣ୍ଣିଂୱାକ୍ କରିବାକୁ ଯାଇଥିଲେ। ତାଙ୍କ ସହ ତାଙ୍କ ଅଞ୍ଚଳର ଦୁଇ ଜଣ ବାନ୍ଧବୀ ମଧ୍ୟ ଯାଇଥିଲେ। ସେମାନେ ବୁଲୁଥିଲା ବେଳେ ଜଣେ ବାନ୍ଧବୀଙ୍କ କୁକୁର ପାଣି ଭିତରକୁ ପଶିଯାଇଥିଲା। କୁକୁରଟି ବୁଡ଼ିଯିବ ବୋଲି ଭାବି ତାକୁ ଉଦ୍ଧାର କରିବାକୁ ସରଳ ପାଣି ଭିତରକୁ ଡେଇଁପଡ଼ିଥିଲେ। କିନ୍ତୁ ସେ ଆଉ ବାହାରି ପାରି ନଥିଲେ। କିଛି ସମୟ ପରେ କୁକୁର ପହଁରି ପହଁରି କୂଳକୁ ଆସିଯାଇଥିଲା। ହେଲେ ସରଳ ବୁଡିଯାଇଥିବାରୁ ତାଙ୍କର ଦୁଇ ବାନ୍ଧବୀ ସହାୟତା ପାଇଁ ଚିତ୍କାର କରିଥିଲେ। ଏହି ସମୟରେ 'ଜଙ୍ଗଲ୍ କ୍ୟାମ୍ପ୍'ର ସିକ୍ୟୁରିଟି ଗାର୍ଡ ଆସିଥିଲେ ମଧ୍ୟ ସରଳଙ୍କୁ ପାଇ ନଥିଲେ। ପରେ ଘଟଣାସ୍ଥଳରେ ପୁଲିସ ଏବଂ ବୁଡ଼ାଳି ଟିମ୍ ପହଞ୍ଚିଥିଲେ ମଧ୍ୟ ସରଳଙ୍କ ଚିହ୍ନବର୍ଣ୍ଣ ମିଳି ନଥିଲା। କିଛି ଘଣ୍ଟା ପରେ ତାଙ୍କର ତାଙ୍କର ମୃତଦେହ ମିଳିଥିଲା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ସରଳ ଭୋପାଳସ୍ଥିତ ମୌଲାନା ଆଜାଦ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜିରୁ ବିଟେକ୍ ପାସ୍ କରି ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ମଧ୍ୟ ତାଙ୍କ ବାପାମାଆଙ୍କ ଏକମାତ୍ର ସନ୍ତାନ ଥିଲେ ବୋଲି ଜଣାପଡ଼ିଛି।

## ରଶ୍ମି ଶୁକ୍ଳା ମହାରାଷ୍ଟ୍ରର ପ୍ରଥମ ମହିଳା ଡିଜିପି



**ମୁମ୍ବାଇ,୪।୧(ଏଜେନ୍ସି):** ମହାରାଷ୍ଟ୍ରର ବରିଷ୍ଠ ପୁଲିସ ଅଧିକାରୀ ତଥା ୧୯୮୮ ବ୍ୟାଚ୍ ଆଇପିଏସ୍ ରଶ୍ମି ଶୁକ୍ଳା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ମହାରାଷ୍ଟ୍ର ଗୃହ ବିଭାଗ ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ୫୯ ବର୍ଷୀୟା ରଶ୍ମି ଡେପୁଟେସନରେ ସଶସ୍ତ୍ର ସୀମାବଳର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ମହାରାଷ୍ଟ୍ର ଡିଜିପି ରହିଥିବା ରଜନୀଶ ସେଠ୍ ଗତ ଡିସେମ୍ବର ୩୧ରେ ଅବସର ନେବା ପରେ ମୁମ୍ବାଇ ପୁଲିସ କମିସନର ବିବେକ ଫନସଲକରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ରଶ୍ମିଙ୍କୁ ଏବେ ଡିଜିପି ଭାବେ ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ରଶ୍ମି ପୁନେର କମିସନର ରହିଥିଲା ବେଳେ ତାଙ୍କ କାର୍ଯ୍ୟକଳାପ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିଲା।

## କଂଗ୍ରେସରେ ସାମିଲ ହେଲେ ୱାଇ ଏସ୍ ଶର୍ମିଳା



**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ସାନଭଉଣୀ ତଥା ୱାଇଏସ୍ଆର୍ ତେଲେଙ୍ଗାନା ପାର୍ଟି (ୱାଇଏସ୍‌ଟିପି) ସଂସ୍ଥାପିକା ୱାଇ ଏସ୍ ଶର୍ମିଳା ଗୁରୁବାର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଗତକାଲି କଂଗ୍ରେସରେ ମିଶ୍ରଣ ନେଇ ଶର୍ମିଳା ଗଣମାଧ୍ୟମକୁ ପରୋକ୍ଷରେ ଇଙ୍ଗିତ କରିଥିଲେ। ତେବେ ଗୁରୁବାର ସେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ଏକ ବିଶେଷ କାର୍ଯ୍ୟକ୍ରମରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଶର୍ମିଳାଙ୍କୁ ଔପଚାରିକ ଭାବେ କଂଗ୍ରେସ ପାର୍ଟିରେ ସାମିଲ କରାଯାଇଛି। ଏବେ ଠାରୁ ୱାଇଏସ୍ଆର୍ ତେଲେଙ୍ଗାନା ପାର୍ଟି କଂଗ୍ରେସରେ ମିଶ୍ରଣ ହେଲା ବୋଲି ଶର୍ମିଳା ଘୋଷଣା କରିବା ସହିତ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ନିଷ୍ଠାର ସହ ପାଳନ କରିବେ ବୋଲି କହିଛନ୍ତି। ଏହି ଅବସରରେ ସେ କଂଗ୍ରେସକୁ ପ୍ରଶଂସା କରି ସବୁ ସମ୍ପ୍ରଦାୟର ସେବା ଓ ସବୁବର୍ଗର ଲୋକଙ୍କୁ ଏକାଠି ରଖିପାରିଥିବା ଦେଶର ବୃହତ୍ତମ ଧର୍ମନିରପେକ୍ଷ ଦଳ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶର୍ମିଳା ହେଉଛନ୍ତି ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ୱାଇ ଏସ୍ ରାଜଶେଖର ରେଡ୍ଡୀଙ୍କ ଝିଅ।

## ଶୁଣାଣି ବେଳେ ମହିଳା ବିଚାରପତିଙ୍କୁ ଆକ୍ରମଣ

**ୱାଶିଂଟନ୍,୪।୧(ଏଜେନ୍ସି):** ଆମେରିକାର ଲାସଭେଗାସ୍‌ର ଏକ କୋର୍ଟରେ ଶୁଣାଣି ଚାଲିଥିଲା ବେଳେ ଜଣେ ମହିଳା ବିଚାରପତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କ୍ଲାର୍କ କାଉଣ୍ଟି ଡେମୋକ୍ରାଟିକ୍ କୋର୍ଟରେ ଶୁଣାଣି ବେଳେ ମହିଳା ବିଚାରପତିଙ୍କ ଚୌକି ଉପରକୁ ଡେଇଁ ଅଭିଯୁକ୍ତ ଆକ୍ରମଣ କରିଛନ୍ତି। ଏହି ଦୃଶ୍ୟର ଭିଡିଓ ଏବେ ବିଭିନ୍ନ ଗଣମାଧ୍ୟମରେ ଘୁରି ବୁଲୁଥିଲା ବେଳେ ଏହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ ଏକ ମାମଲାରେ ମହିଳା ବିଚାରପତି ମେରୀ ଦଣ୍ଡାଦେଶ ଶୁଣାଉଥିବା ବେଳେ ଏହି ସମୟରେ ଜଣେ ଅଭିଯୁକ୍ତ ଅଚାନକ ଟେବୁଲ ଉପରକୁ ଡେଇଁ ହମଲା କରିଥିଲେ । ୩୦ବର୍ଷ ପୁରୁଣା ମାମଲାର ଶୁଣାଣି ପାଇଁ ଅଭିଯୁକ୍ତ ଡିୟୋବ୍ରା ଡେଲୋନ ରେଡ୍ଡିନଙ୍କୁ ଅଦାଲତରେ ହାଜର କରାଯାଇଥିଲା । କିନ୍ତୁ ଦଣ୍ଡ ଶୁଣାଣି ବେଳେ ସେ ମେରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ଦେଖି କୋର୍ଟରେ ଉପସ୍ଥିତ ଲୋକ ତଟସ୍ଥ ହୋଇଯାଇଥିଲେ। ତେବେ ପୁଲିସ ତୁରନ୍ତ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲା। ଏହି ଭିଡିଓ ସିସିଟିଭିରେ କଏଦ ହୋଇଛି । ଯାହା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

● 'ଇଣ୍ଡିଆ' ମେଣ୍ଟରେ ବଢୁଛି ବିବାଦ

# ଆସନ ବଣ୍ଟାକୁ ନେଇ କଂଗ୍ରେସ-ଟିଏମ୍‌ସି ମୁହାଁମୁହିଁ

**ନୂଆଦିଲ୍ଲୀ,୪।୧(ଏଜେନ୍ସି)**





୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଇଣ୍ଡିଆ ମେଣ୍ଟ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଥିଲା ତାହା ସଫଳ ହେବା ଦିଗରେ ସନ୍ଦେହ ଉପୁଜିଛି। ଦିନକୁ ଦିନ ମେଣ୍ଟ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ତେଜିବାରେ ଲାଗିଥିଲା ବେଳେ ଆସନ ବୁଝାମଣା ଏବେ ସବୁଠୁ ବଡ଼ ପ୍ରସଙ୍ଗ ହୋଇଛି। ଏହି ପ୍ରସଙ୍ଗରେ ପୂର୍ବରୁ କଂଗ୍ରେସ ସହ ଆମ ଆଦମୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ତୀବ୍ର ମତଭେଦ ଦେଖାଯାଇଥିଲା। ଏବେ ଆସନବଣ୍ଟାକୁ ନେଇ ପୁଣିଥରେ କଂଗ୍ରେସ ଏବଂ ମମତାଙ୍କ ଟିଏମସି ମୁହାଁମୁହିଁ ହୋଇଛନ୍ତି। ପଶ୍ଚିମବଙ୍ଗରେ କଂଗ୍ରେସକୁ ମାତ୍ର ୨ଟି ଆସନ ଦେବାକୁ ମମତା ଘୋଷଣା କରିବା ପରେ ଟିଏମ୍‌ସି ଉପରେ ବର୍ଷିଛି କଂଗ୍ରେସ।ଗତକାଲି ଟିଏମସି ପଶ୍ଚିମବଙ୍ଗରେ କଂଗ୍ରେସକୁ କେବଳ ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦେବ ବୋଲି ସୂଚନା ଦେଇଥିଲା। ଏହି ଖବର ସାମ୍ନାକୁ ଆସିବା ପରେ ଗୁରୁବାର ପଶ୍ଚିମବଙ୍ଗ କଂଗ୍ରେସ ଅଧ୍ୟକ୍ଷ ତଥା ସାଂସଦ ଅଧୀର ରଞ୍ଜନ ଚୌଧୁରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ୍ କରି ବର୍ଷିଛନ୍ତି। ସେ କହିଛନ୍ତି, 'ଆମେ ମମତାଙ୍କୁ ଭିକ ମାଗୁନୁ। ଆମକୁ ତାଙ୍କ ଦୟାର ଆବଶ୍ୟକତା ନାହିଁ। ଆମେ ଏକୁଟିଆ ଲଢି ଅଧିକ ଆସନରେ ବିଜୟୀ ହୋଇପାରିବୁ। ମମତା ନିଜେ ମେଣ୍ଟ ଚାହୁଁଥିବା କଥା କହିଛନ୍ତି। କିନ୍ତୁ ପ୍ରକୃତରେ ସେ ମେଣ୍ଟ ଚାହୁଁନାହାନ୍ତି। କଂଗ୍ରେସକୁ ଦୁଇଟି ଆସନ ଦେଇ ଟିଏମସି ଅଧିକ କ'ଣ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ପଶ୍ଚିମବଙ୍ଗରେ ଦଳର ଦୁଇ ଜଣ ସାଂସଦ ରହିଛନ୍ତି। ଏହାମଧ୍ୟ ଟିଏମସି ଏବଂ ବିଜେପି ବିରୋଧରେ ଜିତି ହାସଲ କରାଯାଇଛି। ତେଣୁ ଏବେ ଦୁଇଟି ଆସନରେ କଂଗ୍ରେସ କାହିଁକି ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଅଧୀର ରଞ୍ଜନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଅଧୀରଙ୍କ ଏହି ମନ୍ତବ୍ୟକୁ ନେଇ ଟିଏମସି ମଧ୍ୟ କଂଗ୍ରେସ ଉପରେ ବର୍ଷିଛି। ଟିଏମସି ନେତା କୁନାଲ ଘୋଷ କହିଛନ୍ତି ଯେ, ୨୦୧୯ ଲୋକସଭା ନିର୍ବାଚନରେ ଟିଏମସି ୪୩ ପ୍ରତିଶତ ଭୋଟ ପାଇଥିଲା ଓ ୨୨ଟି ଆସନରେ ବିଜୟୀ ହୋଇଥିଲା। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗର ପ୍ରମୁଖ ଦଳ ଭାବେ ଟିଏମସି ହିଁ ଆସନବଣ୍ଟନକୁ ନେଇ ଚୂଡାନ୍ତ ନିଷ୍ପତ୍ତି ନେବା ଦରକାର। ୨୦୨୧ ନିର୍ବାଚନରେ ଟିଏମସି ଏକାକୀ ଲଢ଼ିଥିଲା। କିନ୍ତୁ ସେତେବେଳେ ଅଧୀର ରଞ୍ଜନ ସିପିଏମ୍ ସହ ମିଳିତ ଭାବେ ଲଢି କିଛି ବି ପାଇ ନଥିଲେ। ତେଣୁ ସେ ଏତେ ବଡ଼ କଥା କହିବା ଅନାବଶ୍ୟକ। ରାଜ୍ୟରେ ବିଜେପି ବିରୋଧରେ ଲଢେଇ କରିବାକୁ ଟିଏମସି ପାଇଁ କାହାର ସହାୟତା ଦରକାର ନାହିଁ । କିନ୍ତୁ ଇଣ୍ଡିଆ ମେଣ୍ଟ ପରିପ୍ରେକ୍ଷୀରେ ମମତା ଯେଭଳି ସହଯୋଗ କରୁଛନ୍ତି ତାହାହିଁ ଯଥେଷ୍ଟ। କିନ୍ତୁ କଂଗ୍ରେସ ଦୁଇପଟରୁ ଖେଳ କରୁଛି ବୋଲି କୁନାଲ କହିଛନ୍ତି। ଏପରିକି ଅଧୀରଞ୍ଜନ ଜଣେ ବିଜେପି ପ୍ରବକ୍ତା ଭାବେ ଆଚରଣ ଦେଖାଉଛନ୍ତି ବୋଲି କୁନାଲ କହିଛନ୍ତି।

● ବିରୋଧୀଙ୍କୁ ବାବା ରାମଦେବଙ୍କ ପରାମର୍ଶ

## 'ଅସ୍ତିତ୍ୱ ବଞ୍ଚାଇବାକୁ ଚାହୁଁଥିଲେ ରାମଙ୍କ ପ୍ରତି ଭୁଲ୍ ଟିପ୍ପଣୀ ଦିଅନି'

**ଲକ୍ଷ୍ନୌ,୪।୧(ଏଜେନ୍ସି)**



ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଏହି ଭବ୍ୟ ଉତ୍ସବ ପାଇଁ ଅତିଥି ନିମନ୍ତ୍ରଣକୁ ନେଇ ରାଜନୀତି ଜୋର ଧରିଛି। ଏହାବ୍ୟତୀତ ପ୍ରଭୁ ରାମଙ୍କ ନେଇ ମଧ୍ୟ ରାଜନୀତିକ ସ୍ତରରେ ଟିକା ଟିପ୍ପଣୀ ଦିଆଯାଉଛି। ଲୋକସଭା ନିର୍ବାଚନର ଠିକ ପୂର୍ବରୁ ମନ୍ଦିର ପ୍ରତିଷ୍ଠା କରି ବିଜେପି ରାଜନୀତି କରୁଥିବା ଅଭିଯୋଗ କରି ବହୁ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ସ୍ଥିତିରେ ଯୋଗଗୁରୁ ବାବା ରାମଦେବ ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ , ଯଦି କେହି ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ଚାହୁଁ ଥାଆନ୍ତି ତେବେ ପ୍ରଭୁ ରାମଙ୍କ ପ୍ରତି କୌଣସି ଭୁଲ ଟିକା ଟିପ୍ପଣୀ ଦିଅନ୍ତୁ ନାହିଁ। ପ୍ରଭୁ ଶ୍ରୀରାମ ପକ୍ଷ ଏବଂ ବିପକ୍ଷ ମଧ୍ୟରେ ନିରପେକ୍ଷ। ସେ ସମସ୍ତଙ୍କର। ଯେଉଁମାନେ ନିମନ୍ତ୍ରଣ ପାଇଛନ୍ତି ସେମାନେ ମଧ୍ୟ ରାମ ମନ୍ଦିରର ଉଦଘାଟନକୁ ଯିବା ଉଚିତ୍ ଏବଂ ଯେଉଁମାନେ ନିମନ୍ତ୍ରଣ ପାଇ ନାହାଁନ୍ତି ସେମାନେ ମଧ୍ୟ ଆସିବା ଉଚିତ୍। ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଚାହୁଁଥିବା ରାଜନୈତିକ ଦଳ ଶ୍ରୀରାମଙ୍କ ବିଷୟରେ କୌଣସି ଭୁଲ ବିବୃତି ଦେବା ଉଚିତ୍ ନୁହେଁ, ନଚେତ୍ ସେମାନଙ୍କର ଅସ୍ତିତ୍ୱ ଶେଷ ହୋଇଯିବ ବୋଲି ରାମଦେବ କହିଛନ୍ତି।

## ଶ୍ରୀରାମଙ୍କୁ ମାଂସାହାରୀ କହି କ୍ଷମାମାଗିଲେ ଏନ୍‌ସିପି ନେତା



**ମୁମ୍ବାଇ,୪।୧(ଏଜେନ୍ସି):** ପ୍ରଭୁ ରାମଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇ ଫସିଛନ୍ତି ଏନସିପିର ବରିଷ୍ଠ ନେତା ଜିତେନ୍ଦ୍ର ଆହ୍ୱାଦ୍। ପ୍ରଭୁ ରାମଙ୍କୁ ସେ ମାଂସାହାରୀ ବୋଲି କହିବା ପରେ ଏହାକୁ ନେଇ ବିବାଦ ତେଜିବାରୁ ଏଥିପାଇଁ ସେ କ୍ଷମା ମାଗିବା ସହିତ ନିଜ ବୟାନ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଯଦି ତାଙ୍କ ମନ୍ତବ୍ୟ କାହାକୁ ଆଘାତ ଦେଇଛି ତେବେ ସେ ଦୁଃଖିତ, ସେ ଏପରି ଚାହୁଁନଥିଲେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ସିରିଡ଼ିଠାରେ ଏକ କାର୍ଯ୍ୟକ୍ରମରେ ଭଗବାନ ରାମ ମାଂସାହାରୀ ଥିଲେ ବୋଲି ଜିତେନ୍ଦ୍ର କହିଥିଲେ। କିଛି ଲୋକ ପ୍ରଭୁ ରାମଙ୍କ ଉଦାହରଣ ଦେଇ ସମସ୍ତଙ୍କୁ ଶାକାହାରୀ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପ୍ରଭୁ ରାମ ଶାକାହାରୀ ନଥିଲେ, ସେ ଜଣେ ମାଂସାହାରୀ ଥିଲେ। ପ୍ରଭୁ ରାମ ବହୁଜନ ସମାଜରୁ ଆସିଥିଲା ବେଳେ ସେ ପଶୁ ଶିକାର କରୁଥିଲେ ଏବଂ ଖାଉଥିଲେ। ଜଣେ ବ୍ୟକ୍ତି, ଯିଏ ୧୪ ବର୍ଷ ଧରି ଜଙ୍ଗଲରେ ରହିଥିଲା ବେଳେ କିଭଳି ଶୁଦ୍ଧ ନିରାମିଶ ଆହାର ପାଇବେ ବୋଲି ଜିତେନ୍ଦ୍ର ପ୍ରଶ୍ନ କରିଥିଲେ। ଏନେଇ କାନପୁର ଆଇଆଇଟି ଦ୍ୱାରା ବାଲ୍ମିକୀ ରାମାୟଣକୁ ନେଇ ହୋଇଥିବା ଗବେଷଣା ସମ୍ପର୍କରେ ମଧ୍ୟ ସେ କହିଥିଲେ। ତେବେ ଜିତେନ୍ଦ୍ରଙ୍କ ଏହି ବୟାନକୁ ନେଇ ବିଭିନ୍ନ ମହଲରେ ବିବାଦ ତେଜିଥିଲା। ବିଭିନ୍ନ ସଂଗଠନର କର୍ମୀଙ୍କ ସମେତ ବିଜେପି ଏବଂ ଏନସିପି ଅଜିତ ପାୱାରଙ୍କ ଗୋଷ୍ଠୀ ଜିତେନ୍ଦ୍ରଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତାଙ୍କ ବିରୋଧରେ ଥାନାରେ ଦ୍ୱାରସ୍ଥ ହେବା ନେଇ ମଧ୍ୟ ଚେତାବନୀ ଦେଇଥିଲେ। ବିଭିନ୍ନ ମହଲରୁ ତୀବ୍ର ବିରୋଧର ଶିକାର ହେବା ପରେ ଗୁରୁବାର ଜିତେନ୍ଦ୍ର ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି।

## ଲାଗୁହେବ ଭାରତୀୟ ନ୍ୟାୟ ସଂହିତା ୮୨ ହଜାର କଏଦୀଙ୍କୁ ମଳିପାରେ ମୁକ୍ତି

**ନୂଆଦିଲ୍ଲୀ,୪।୧(ଏଜେନ୍ସି)**



ନିକଟରେ ସଂସଦର ଶୀତ ଅଧିବେଶନରେ କେନ୍ଦ୍ର ସରକାର ତିନି ନୂଆ ଅପରାଧିକ ଆଇନ ବିଲ୍‌କୁ ମଞ୍ଜୁରୀ ଦେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ଏବେ ଏହିସବୁ ବିଲ୍ ଆଇନରେ ପରିଣତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ରିଟିଶ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧାନ ଆଇନ(ଆଇପିସି) ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା ବା ବିଏନସ ଲାଗୁ ହେବାକୁ ଯାଉଛି। ଗଣତନ୍ତ୍ର ଦିବସ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ତେବେ ଏହି ନୂତନ ଆଇନ ଲାଗୁ ହେଲେ ଦେଶର ବିଭିନ୍ନ ଜେଲରେ ରହିଥିବା ପ୍ରାୟ ୮୨ହଜାର କଏଦୀଙ୍କ ପାଇଁ ମୁକ୍ତିର ଦ୍ୱାର ଖୋଲିଯିବ ବୋଲି ସମ୍ଭାବନା ବଢିଛି। ଯେଉଁମାନେ କୌଣସି ଗୁରୁତର ଅପରାଧରେ ସଜା ଭୋଗୁ ନଥିବେ ସେମାନେ ମୁକ୍ତ ହେବା ନେଇ ସୂଚନା ମିଳିଛି । ହୋଲି ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ରହିଛି। ଏ ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ , ଅଣ୍ଡର କଏଦୀଙ୍କୁ ମୁକ୍ତ କରିବା ପାଇଁ ପ୍ରଶିକ୍ଷକମାନେ ଜେଲ ଅଧିକାରୀ,ପୁଲିସ ଏବଂ ଆଇନଜୀବୀଙ୍କୁ ପ୍ରଶିକ୍ଷଣ ଦେବେ । ଏବେ ସୁଦ୍ଧା ୩ହଜାର ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇସାରିଥିଲା ବେଳେ ବର୍ତ୍ତମାନ ସେମାନେ ନୂତନ ନିୟମ ଅନୁଯାୟୀ ଅନ୍ୟମାନଙ୍କୁ ତାଲିମ ଦେବେ। ଯେଉଁ କଏଦୀଙ୍କ ପାଖରେ ଜାମିନ ଆବେଦନ ପାଇଁ ଅର୍ଥ ନଥିବ ସେମାନଙ୍କ ପାଇଁ ସରକାର ଏକ ସ୍ୱତନ୍ତ୍ର ପାଣ୍ଠି ପାଇଁ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି କଏଦୀଙ୍କ ପାଇଁ ଜାମିନ ଟଙ୍କା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏବେ ଦେଶର ବିଭିନ୍ନ ଜେଲରେ ପ୍ରାୟ ୫ଲକ୍ଷ ୫୦ହଜାର କଏଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ସଙ୍ଗୀନ ଅପରାଧରେ ଜଡ଼ିତ ରହିଥିବା କଏଦୀଙ୍କ ସଂଖ୍ୟା ପ୍ରାୟ ୨ଲକ୍ଷ ବୋଲି କୁହାଯାଇଛି।

**ଚର୍ଚ୍ଚାରେ ମହାରାଷ୍ଟ୍ର ମନ୍ତ୍ରୀ ଅବଦୁଲ ସତାର୍‌ଙ୍କ ଜନ୍ମଦିନ ପାର୍ଟି**

# ଲୋକଙ୍କୁ ଡାକିଲେ; ଭିଡ଼ ହେବାରୁ ପିଟିବାକୁ ପୁଲିସକୁ କହିଲେ

**ମୁମ୍ବାଇ,୪।୧(ଏଜେନ୍ସି)**



ମହାରାଷ୍ଟ୍ରର ଲଘୁ ସଂପ୍ରଦାୟ ବିଭାଗୀୟ ମନ୍ତ୍ରୀ ଅବଦୁଲ ସତାରଙ୍କ ଏକ ଆଚରଣକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ନିଜ ଜନ୍ମଦିନ ପାର୍ଟିକୁ ଲୋକଙ୍କୁ ଡାକି ଅଧିକ ଭିଡ଼ ହେବାରୁ ମନ୍ତ୍ରୀ ଅବଦୁଲ ସେମାନଙ୍କୁ ପିଟିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ଘଟଣା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଗତକାଲି ଅବଦୁଲଙ୍କ ଜନ୍ମ ଦିନ ପାଳନ ପାଇଁ ଛତ୍ରପତି ସମ୍ଭାଜୀନଗର ଜିଲ୍ଲା ସିଲୋଡ ଟାଉନରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମହାରାଷ୍ଟ୍ରର ଲୋକପ୍ରିୟ ନୃତ୍ୟ କଳାକାର ଗୌତମୀ ପଟିଲ ଯୋଗ ଦେବା ସହିତ ଡ୍ୟାନ୍ସ ଶୋ' ପରିବେଷଣ କରିଥିଲେ। କିନ୍ତୁ ସେ ନୃତ୍ୟ ଆରମ୍ଭ କରିବା ମାତ୍ରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ଶହ ଶହ ଲୋକ ଉଚ୍ଚ ସ୍ୱରରେ ପାଟି କରିବା ସହିତ ଉର୍ଦ୍ଦଣ୍ଡ ନୃତ୍ୟ କରିବା ଆରମ୍ଭ କରିଥିଲେ। ବେଳକୁ ବେଳ ଭିଡ଼ ବଢିବାରୁ ମନ୍ତ୍ରୀ ମାଇକ୍ ଦ୍ୱାରା ଲୋକମାନଙ୍କୁ ଶାନ୍ତ ରହିବାକୁ କହିଥିଲେ। କିନ୍ତୁ ଲୋକମାନେ ଏହାକୁ ଶୁଣିବାକୁ ପ୍ରସ୍ତୁତ ନଥିଲେ। ଏହାପରେ ମନ୍ତ୍ରୀ ଅବଦୁଲ ରାଗିଯାଇ ଲାଠିମାଡ଼ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କୁ କୁକୁର ଭଳି ପିଟି ହାଡ଼ଗୋଡ ଭାଙ୍ଗି ଦେବାକୁ ମାଇକ୍‌ରେ କହିଥିଲେ। ଏପରିକି ସେ ଉପସ୍ଥିତ ଲୋକଙ୍କୁ ମଣିଷ ନା ରାକ୍ଷସ ବୋଲି କହିଥିଲେ। ଅବଦୁଲ ଷ୍ଟେଜ୍ ଉପରେ ଛିଡ଼ା ହୋଇ ପୁଲିସକୁ ଏଭଳି ନିର୍ଦ୍ଦେଶ ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ତାଙ୍କର ଏଭଳି ଆଚରଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ମହାରାଷ୍ଟ୍ର ବିରୋଧୀ ଦଳ ନେତା ଆମ୍ବାଦାସ ଦାନଭେ ଅବଦୁଲଙ୍କ ଏଭଳି ଭାଷା ପ୍ରୟୋଗକୁ ନେଇ ଭର୍ତ୍ସନା କରିଛନ୍ତି। ସେ ଲୋକଙ୍କ ପ୍ରତି ଯେଭଳି ଭାଷା ବ୍ୟବହାର କରିଛନ୍ତି ତାହା ତାଙ୍କ ସଂସ୍କୃତିକୁ ଦର୍ଶାଇଛି ବୋଲି କହିଛନ୍ତି। ସେହିଭଳି କଂଗ୍ରେସ ପକ୍ଷରୁ ମଧ୍ୟ ଅବଦୁଲଙ୍କୁ ତୀବ୍ର ନିନ୍ଦା କରାଯିବା ସହିତ ଅବଦୁଲ ଜଣେ ମନ୍ତ୍ରୀ ନା ଗ୍ୟାଙ୍ଗଷ୍ଟର ବୋଲି ପ୍ରଶ୍ନ କରାଯାଇଛି। ରାଜ୍ୟର ଜଣେ ମନ୍ତ୍ରୀଙ୍କ ଏଭଳି ଆଚରଣକୁ ନେଇ ମୁଖ୍ୟମନ୍ତ୍ରୀ ସିନ୍ଦେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ କି ବୋଲି ଦଳୀୟ ପ୍ରବକ୍ତା ଅତୁଲ ପଟିଲ ପ୍ରଶ୍ନ କରିଛନ୍ତି।

**ବିଜେପି ଉପରେ ବର୍ଷିଲେ କେଜ୍ରିୱାଲ**

## ଗୁଣ୍ଡାଗିରି କରି ମତେ ଗିରଫ କରିବାକୁ ଉଦ୍ୟମ



**ନୂଆଦିଲ୍ଲୀ,୪।୧(ଏଜେନ୍ସି):** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତିନି ଥର ସମନ କରିଥିଲେ ବି କେଜ୍ରିୱାଲ ଏହାକୁ ଏଡାଇ ଦେଇଛନ୍ତି। ଏହାପରେ ଇଡି ଚତୁର୍ଥ ଥର ସମନ ଜାରି କରି କେଜ୍ରିୱାଲଙ୍କୁ ଗିରଫ କରିପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। କୌଣସି ମୁହୂର୍ତ୍ତରେ ଇଡି କେଜ୍ରିୱାଲଙ୍କ ଘରେ ଚଢ଼ାଉକରି ତାଙ୍କୁ ଗିରଫ କରିବା ନେଇ ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ଗୁରୁବାର କେଜ୍ରିଓ୍ୱାଲ ବିଜେପି ବିରୋଧରେ ବର୍ଷିଛନ୍ତି। ସେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ବିଜେପି ଗୁଣ୍ଡାଗିରି କରି ତାଙ୍କୁ ଗିରଫ କରିବାକୁ ଚାହୁଁଛି ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ,ପୂର୍ବରୁ ସିବିଆଇ ତାଙ୍କୁ ଡାକିଥିଲା ବେଳେ ସେ ଉପସ୍ଥିତ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥିଲେ। କିନ୍ତୁ ଏବେ କେଉଁ କାରଣରୁ ଇଡି ତାଙ୍କୁ ହାଜର ହେବାକୁ କହୁଛି ତାହା ସେ ବୁଝିପାରୁ ନାହାନ୍ତି। ଡକାଇବାର କାରଣ ସମ୍ପର୍କରେ ସେ ବାରମ୍ବାର ପ୍ରଶ୍ନ କରିଥିଲେ ମଧ୍ୟ ଆଜି ଯାଏଁ ଇଡି କିଛି ଉତ୍ତର ରଖିପାରୁ ନାହିଁ। ଏହାଛଡ଼ା ଇଡି ତାଙ୍କର ଦୁଇ ବରିଷ୍ଠ ନେତାଙ୍କୁ ଗିରଫ କରି ଜେଲରେ ରଖିଥିଲା ବେଳେ ଏପର୍ଯ୍ୟନ୍ତ କେତେ ଟଙ୍କା ହେରଫେର ହୋଇଛି ତାହା କୁହାଯାଉ ନାହିଁ। ତେଣୁ ରାଜନୀତିକ ଅଭିସନ୍ଧି ରଖି ବିଜେପି ତାଙ୍କୁ ଗିରଫ କରିବାକୁ ଚାହୁଁଛି ବୋଲି କେଜ୍ରିୱାଲ କହିଛନ୍ତି। ଏବେ ଲୋକସଭା ନିର୍ବାଚନ ପାଖେଇ ଆସୁଥିବାରୁ ବିଜେପି ଭୟଭୀତ ହୋଇ ମୋତେ ଗିରଫ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି।

DSPL-506

ଆମ ଓଡ଼ିଶା ନବୀନ ଓଡ଼ିଶା

# ବି.ଏସ୍.କେ.ୱାଇ ନବୀନ କାର୍ଡ଼



"ପ୍ରତିଟି ଜୀବନ ମୂଲ୍ୟବାନ"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବର୍ତ୍ତମାନ ସୁଦ୍ଧା ବି.ଏସ୍.କେ.ୱାଇ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ପାଇଁ




- ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଓ ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ନିମନ୍ତେ କାର୍ଡ଼ ପାଇବା ପାଇଁ ଥିବା ଯୋଗ୍ୟତା ଏବଂ ମିଳୁଥିବା ଚିକିତ୍ସା ସହାୟତା ଆଦି ସର୍ତ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ । ସେମାନେ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ଆବେଦନ କରିବା ଆବଶ୍ୟକ ନାହିଁ ।
- ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବି.ଏସ୍.କେ.ୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ ।
- ବି.ଏସ୍.କେ.ୱାଇ ହିତାଧିକାରୀମାନେ ପୂର୍ବପରି ଘରୋଇ ହସ୍ପିଟାଲ ମାନଙ୍କରେ ସବୁ ପ୍ରକାର ରୋଗର ଦେୟମୁକ୍ତ ଚିକିତ୍ସା ପାଇପାରିବେ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ର ପ୍ରାବଧାନ

- ବର୍ତ୍ତମାନ ବି.ଏସ୍.କେ.ୱାଇ ଅନ୍ତର୍ଭୁକ୍ତ ହୋଇନଥିବା ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନ୍‌ସନ୍ ଧାରୀ ଏବଂ ଆୟକର ଦାତାଙ୍କ ବ୍ୟତୀତ) ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡ଼ିକର ଦେୟମୁକ୍ତ ଚିକିତ୍ସା ପାଇବେ । ହୃଦ୍ ରୋଗ, କିଡ୍‌ନୀ ରୋଗ, ଲିଭର ରୋଗ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ, ମାଂସପେଶୀ ଏବଂ କ୍ୟାନ୍‌ସର ରୋଗ ଆଦିକୁ ଗୁରୁତର ( କ୍ରିଟିକାଲ ) ରୋଗ ଅନ୍ତର୍ଭୁକ୍ତ କରାଯାଇଛି । ବି.ଏସ୍.କେ.ୱାଇ ନବୀନ କାର୍ଡ଼ ଧାରୀ ବ୍ୟକ୍ତିମାନେ ଓଡ଼ିଶା ଏବଂ ଓଡ଼ିଶା ବାହାର ଅନ୍ତର୍ଭୁକ୍ତ ହସ୍ପିଟାଲରେ ଏହିସବୁ ରୋଗର ଦେୟମୁକ୍ତ ଚିକିତ୍ସା ପାଇବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ ତାରିଖ ଠାରୁ ପ୍ରାପ୍ତ ହେବ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପଞ୍ଜୀକରଣ ପାଇଁ ଯୋଗ୍ୟତା ଓ ପ୍ରକ୍ରିୟା

ଏହି କାର୍ଡ଼ ନିମନ୍ତେ ପଞ୍ଜୀକରଣ ପାଇଁ ଏକ ପରିବାରର ସମସ୍ତ ସଦସ୍ୟ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ:

- ସେମାନେ ସମସ୍ତେ ଓଡ଼ିଶାର ଗ୍ରାମାଞ୍ଚଳରେ ବସବାସ କରୁଥିବେ ।
- କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦାତା ହୋଇନଥିବେ ।
- କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ୍ ଭୋଗୀ ହୋଇନଥିବେ ।
- କୌଣସି ସଦସ୍ୟ ବର୍ତ୍ତମାନ ଚାଲୁଥିବା ବି.ଏସ୍.କେ.ୱାଇ କାର୍ଡ଼ / ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ହୋଇନଥିବେ ।

ଆମ ଓଡ଼ିଶା ନବୀନ ଓଡ଼ିଶା

ବି.ଏସ୍.କେ.ୱାଇ ନବୀନ କାର୍ଡ଼



"ପ୍ରତିଟି ଜୀବନ ମୂଲ୍ୟବାନ"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର

- ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବା ଆବଶ୍ୟକ ।
- ଗୋଟିଏ ପରିବାରର ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ସଦସ୍ୟ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରିପାରିବେ ।
- ଦରଖାସ୍ତକାରୀଙ୍କର ସକ୍ରିୟ ମୋବାଇଲ ନମ୍ବର ସଂଯୁକ୍ତ ବିଧିସିଦ୍ଧ ଆଧାର କାର୍ଡ଼ ଥିବା ଆବଶ୍ୟକ ।
- ଦରଖାସ୍ତକାରୀଙ୍କ ପାଇଁ ଆଧାର ଭିତ୍ତିକ ଇ - କେ.ୱାଇ.ସି ବାଧ୍ୟତାମୂଳକ ।
- ୧୮ ବର୍ଷରୁ ଉର୍ଦ୍ଧ୍ୱ ସବୁ ସଦସ୍ୟମାନଙ୍କର ଭୋଟ ପରିଚୟ ପତ୍ର ଥିବା ଆବଶ୍ୟକ ।
- ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନିମନ୍ତେ ପରିବାର ମୁଖ୍ୟଙ୍କର ବିଧିସିଦ୍ଧ ସକ୍ରିୟ ମୋବାଇଲ ନମ୍ବର ଥିବା ଆବଶ୍ୟକ ।
- ଦରଖାସ୍ତକାରୀ ଏବଂ ପରିବାର ମୁଖ୍ୟଙ୍କର ସଦ୍ୟତମ ଫଟୋ ।
- ୫ ବର୍ଷରୁ କମ୍ ପିଲାଙ୍କ ସମେତ ସବୁ ସଦସ୍ୟମାନଙ୍କର ଆଧାର କାର୍ଡ଼ ।
- ଯଦି ୫ ବର୍ଷରୁ କମ୍ କୌଣସି ପିଲାଙ୍କର ଆଧାର ନମ୍ବର ନଥାଏ ତେବେ ତା ୩୦.୬.୨୦୨୪ ରିଖ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦିଆଯିବା ଆବଶ୍ୟକ ।

## ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ କେମିତି ଆବେଦନ କରିବେ

ନବୀନ କାର୍ଡ଼ ପାଇଁ ଉପରୋକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପରିବାର ୨ ଟି ଉପାୟରେ ଆବେଦନ କରିପାରିବେ

**ସ୍ୱ-ପଞ୍ଜୀକରଣ:** ଦରଖାସ୍ତକାରୀ *www.bskynabin.odisha.gov.in* ସାଇଟ୍ କୁ ଯାଇ ନିଜେ ପଞ୍ଜୀକରଣ କରିପାରିବେ । ଆବଶ୍ୟକ ହେଲେ ଦରଖାସ୍ତକାରୀ ସହାୟତା କେନ୍ଦ୍ର (ହେଲ୍ପ-ଡେସ୍କ) ର ବୈଷୟିକ ସହାୟତା ନେଇପାରିବେ ।

**ମୋ ସେବାକେନ୍ଦ୍ରରେ ପଞ୍ଜୀକରଣ:** ଦରଖାସ୍ତକାରୀ ମଧ ନିକଟବର୍ତ୍ତୀ ମୋ ସେବାକେନ୍ଦ୍ରରେ ବିନା ଦେୟରେ ପଞ୍ଜୀକରଣ କରିପାରିବେ ।

**ସମସ୍ତ ଦରଖାସ୍ତ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ ହେବ । କୌଣସି ଅଫ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।**

## କେବେ ଆବେଦନ କରିବେ

ଆବେଦନ ପାଇଁ *www.bskynabin.odisha.gov.in* ପୋର୍ଟାଲ ତା ୭/୧/୨୦୨୪ ରିଖ ଦିନ ଖୋଲିବ ଏବଂ ତା ୧୭/୧/୨୦୨୪ ରିଖ ଦିନ ବନ୍ଦ ହେବ । ଏହି ସମୟ ମଧ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ ହେବା ଆବଶ୍ୟକ ।

**ସମୟ ଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲମାନଙ୍କରେ ଉପଲବ୍ଧ ସୁବିଧାର ସର୍ବାଧିକ ଉପଯୋଗ ସହ ପର୍ଯ୍ୟାୟକ୍ରମେ ବି.ଏସ୍.କେ.ୱାଇ ପରିସରକୁ ସମ୍ପ୍ରସାରିତ କରାଯାଉଛି ।**

**ଓଡ଼ିଶାର ଜନସାଧାରଣଙ୍କ ପାଇଁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ । ଏଥି ନିମନ୍ତେ ପରବର୍ତ୍ତୀ ସମ୍ପ୍ରସାରଣ ପର୍ଯ୍ୟାୟରେ ସହରାଞ୍ଚଳରେ ବାସ କରୁଥିବା ପରିବାର, ସରକାରୀ କର୍ମଚାରୀ, ପେନ୍‌ସନ୍ ଭୋଗୀ ଏବଂ ଅନ୍ୟାନ୍ୟ ସହାୟତା-ଯୋଗ୍ୟ ବର୍ଗମାନଙ୍କୁ ସାମିଲ କରାଯିବା ପ୍ରସ୍ତାବ ଉପରେ ନୀତିଗତ ନିଷ୍ପତ୍ତି ନିଆଯାଇଛି ।**

### ହେଲ୍ପ-ଡେସ୍କ ସହାୟତା

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ **ବି.ଏସ୍.କେ.ୱାଇ କାର୍ଡ଼ ସହାୟତା ନମ୍ବର - ୧୫୫୩୬୯ କୁ** ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

OIPR-10001/13/0141/2324



# କର୍ତ୍ତବ୍ୟପଥରେ ଚମକିବ 'ମିଶନଶକ୍ତି'

## ବିଶ୍ୱବାସୀ ଦେଖିବେ 'କୀର୍ତ୍ତି'ଙ୍କ କଳା କାରିଗରୀ

## ସାରା ଦେଶରେ ଓଡ଼ିଶାର ମଡେଲ୍ ତିନି ନମ୍ବର

**ଭୁବନେଶ୍ୱର, ୪।୧(ସମିସ):**

ସାରା ବିଶ୍ୱ ଦେଖିବ ଓଡ଼ିଶା କଳା-ସଂସ୍କୃତିର ଝଲକ ଓ ମହାନ ପରମ୍ପରା, ଐତିହ୍ୟ। ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼। ଗଣତନ୍ତ୍ର ଦିବସରେ ଓଡ଼ିଶା ପ୍ରଜ୍ଞାପନ ମେଢ଼ ମଡେଲ ମନୋନିତ ହୋଇଥିବା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଚିଠି ଲେଖାଯାଇଛି। ଚଳିତ ବର୍ଷ ଓଡ଼ିଶା ପକ୍ଷରୁ ରଘୁରାଜପୁର ଶିଳ୍ପୀଗ୍ରାମ ଓ ମହିଳା ସଶକ୍ତୀକରଣ ମଡେଲ୍ ପଠାଯାଇଥିଲା। ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମଡ଼େଲ ଚୂଡ଼ାନ୍ତ ନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖାଯାଇଛି। ତେବେ ଏହି ମଡେଲକୁ ତିଆରି କରିଥିବା ଶିଳ୍ପୀ କୀର୍ତ୍ତି କିଶୋର ମହାରଣାଙ୍କ ନିକଟକୁ ଛୁଟିଛି ପ୍ରଶଂସା ଓ ଶୁଭେଚ୍ଛାର ସୁଅ।

ଏ ସଫଳତା ପାଇଁ କୀର୍ତ୍ତି ସମସ୍ତ ଶ୍ରେୟ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦେଇଛନ୍ତି। କେନ୍ଦ୍ରୀୟ ବିଭାଗ (ପ୍ରତିରକ୍ଷା ମନ୍ତ୍ରଣାଳୟ) ପକ୍ଷରୁ ସାରା ଭାରତର ସ୍ଥପତି, ଭାସ୍କର୍ଯ୍ୟ ଶିଳ୍ପୀ, ଓ କଳା କ୍ଷେତ୍ରରେ ଦକ୍ଷତା ରହିଥିବା ଶିଳ୍ପୀ ବା କଳାକାରଙ୍କୁ ଆବେଦନ ପାଇଁ ୨୦୨୩ ମସିହା ଅକ୍ଟୋବର ପ୍ରଥମ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିପାଇଁ ପ୍ରୋଫାଇଲ ସହ ୪ଟି ମଡେଲ ପଠାଇଥିଲେ କୀର୍ତ୍ତି। ସେଥିରେ ୪ଟି ଡିଜାଇନ୍ ମଧ୍ୟରୁ 'ରଘୁରାଜପୁର ଚିତ୍ର କଳାମାଧ୍ୟମରେ ନାରୀ ସଶକ୍ତୀକରଣ' ମଡେଲଟି ଚୟନ ହୋଇଥିଲା। ସାରା ଭାରତରୁ ୩୦ ଜଣଙ୍କ ମଧ୍ୟରୁ ୩ନମ୍ବର ସ୍ଥାନରେ ରହିଥିଲା ଏହି ମଡେଲ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ସହଯୋଗରେ ସେ ଆକାମ ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୨ଜଣ ଶିଳ୍ପୀ ଟିମ୍ ୱାର୍କ କରିଥିଲେ। ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ୪ଦିନ ଧରି ଦିନକୁ ୧୬ରୁ ୧୭ଘଣ୍ଟା କାମରେ ଲାଗିଥିଲେ କାରିଗରମାନେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ପରମ୍ପରା ସହ ନାରୀଶକ୍ତୀକରଣକୁ ରଘୁରାଜପୁର ପଟ୍ଟଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିବାକୁ ଚେଷ୍ଟା କରିଥିଲେ କୀର୍ତ୍ତି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ମିଶନଶକ୍ତି ମହିଳାମାନେ ଏକତ୍ରିତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ତାହାକୁ ଏହି ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଆଗରେ ହାତୀ ଯାଉଛି, ପଛରେ ରହିଛି ଐତିହ୍ୟ ଗ୍ରାମ ରଘୁରାଜପୁର। ରଥ ଆକୃତିର ଏକ ମଣ୍ଡପ ଉପରେ ଛିଡ଼ା ହୋଇଛି ହାତୀ। ଏକ ମଣ୍ଡପରେ ଝଲସୁଥିଲା ରଘୁରାଜପୁର। ଯେଉଁଥିରେ ପ୍ରଦର୍ଶିତ ହୋଇଥିଲା ଶିଳ୍ପୀମାନେ ଚିତ୍ର ଆଙ୍କୁଥିବେ, ପଛରେ ରହିଥିଲା ପାରମ୍ପରିକ ଘର, ବିଶ୍ୱପ୍ରସିଦ୍ଧ ହସ୍ତଶିଳ୍ପ, ଠାକୁରଙ୍କ ଛତ୍ରୀ, ଡିଜିଟାଲ ଶିକ୍ଷା, ଶିଳ୍ପୀଙ୍କ କାରବାର, ଓ ଓଡ଼ିଶା ସରକାରଙ୍କ ପ୍ରତୀକ ଘୋଡ଼ା। ମେଢ଼କୁ ଆହୁରି ଆକର୍ଷଣୀୟ କରିଥିଲା ସମ୍ବଲପୁରୀ ନୃତ୍ୟ ଦଳ। ପୁରା ମେଢ଼ରେ ରହିଥିଲା ପଟ୍ଟଚିତ୍ର ପ୍ରତୀକ। ଯେଉଁଥିରେ ମହିଳା ସଶକ୍ତିକରଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ତେବେ ୩ବର୍ଷ ପରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ କିଭଳି ସାମିଲ କରାଯିବ ସେଥିପାଇଁ ସମସ୍ତେ ଲାଗିଥିଲେ ବୋଲି କହିଛନ୍ତି କୀର୍ତ୍ତି। ଗଜେନ୍ଦ୍ର ସାହୁ, ବଳଦେବ ମହାରଣା, ଛତ୍ରପତି ବିଶ୍ୱାଳ, ମାନସ ରଞ୍ଜନ ମହାରଣା, ପ୍ରତାପ ମହାରଣା, ସୁଧାକୃଷ୍ଣ ସାହୁ ପ୍ରମୁଖଙ୍କ ଅନେକ ଅବଦାନ ରହିଛି।



# ପୂର୍ବଶତ୍ରୁତାରୁ ସାଙ୍ଗଙ୍କୁ ଅପହରଣ

## ଅପହୃତ ଯୁବକ ତମାଣ୍ଡୋରୁ ଉଦ୍ଧାର; ୪ ଅଟକ

**ଭୁବନେଶ୍ୱର, ୪।୧(ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସାଙ୍ଗ ଅପହରଣ କଲା ସାଙ୍ଗ। ଏଭଳି ଘଟଣା ଚନ୍ଦକା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଗୁରୁବାର ସନ୍ଧ୍ୟାରେ ଦାରୁଠେଙ୍ଗର ଆଶିଷ ରଞ୍ଜନ ବେହେରା ଓ ତାଙ୍କ ସାଙ୍ଗ ରାକେଶ ରଣସିଂହ ଚାଲିଚାଲି ଯାଉଥିବା ବେଳେ ଚନ୍ଦକା-ପିତାପଲ୍ଲୀ ରାସ୍ତାରେ ଏକ କାର୍ କିଛି ଯୁବକ ଆଶିଷଙ୍କୁ ଡାକିଥିଲେ। ଆଶିଷ ଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଆଶିଷଙ୍କ ବନ୍ଧୁ ରାକେଶ ଏନେଇ ପରିବାର ଲୋକଙ୍କୁ ସୂଚନା ଦେବା ସହିତ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କମିସନରେଟ୍ ପୁଲିସ୍ ଆଶିଷଙ୍କୁ ତମାଣ୍ଡୋରୁ ଉଦ୍ଧାର କରିଥିଲା। ଅପହରଣ କରିଥିବା ଯୁବକମାନେ ଆଶିଷର ବନ୍ଧୁ ବୋଲି ପୁଲିସ ଜାଣିବାକୁ ପାଇଛି। ଗତ ୬ମାସ ତଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଜି ସନ୍ଧ୍ୟାରେ ମଧ୍ୟ ଏକାଠି ମଦ ପିଉଥିଲା ବେଳେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆଶିଷ ଏବଂ ରାକେଶ ସେଠାରୁ ପଳାଇ ଆସି ଚାଲିଚାଲି ଯାଉଥିଲେ। ଏହି ସମୟରେ ସେମାନେ ତାଙ୍କୁ ଅପହରଣ କରି ନେଇଥିଲେ। ତାଙ୍କୁ ମାଡ଼ ମାରିବା ସହ ଏକ ପଡ଼ିଆରେ ଛାଡ଼ି ପଳାଇଥିଲେ। ତମାଣ୍ଡୋର ଜଣେ ବ୍ୟକ୍ତି ଆଶିଷକୁ ନେଇ ନିଜ ଘରେ ରଖିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ପୁଲିସକୁ ଖବର ଦେବା ପରେ ପୁଲିସ ସେଠାରେ ପହଞ୍ଚି ଆଶିଷକୁ ଉଦ୍ଧାର କରିଥିଲା। ଅପହରଣ କରିଥିବା ଆଶିଷଙ୍କ ୪ଜଣ ସାଙ୍ଗଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

# ୪ ମୋବାଇଲ୍ ଲୁଟେରା ଗିରଫ



**ଭୁବନେଶ୍ୱର, ୪।୧(ସମିସ):** ମୋବାଇଲ ଫୋନ ଲୁଟ୍ କରିଥିବା ଘଟଣାରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆ ସାହି ଶ୍ରୀରାମ ନଗରରେ ରହୁଥିବା ବଳଙ୍ଗା ଥାନା ଗୋପୀନାଥପୁରର ଗୁରୁଚରଣ ପୃଷ୍ଟି (୨୪), ସାଲିଆ ସାହି ଶକ୍ତି ବିହାରର ରତ୍ନାକର ସାହୁ ଓରଫ୍ ଗୁନୁ (୧୯), ବିକାଶ ବେହେରା ଓରଫ୍ ପାପୁନି (୧୯) ଓ ଡୁମୁଡୁମା ସୁବାସ ନଗର ବସ୍ତିର ସାଗର ନାୟକ (୨୬)। ସେମାନଙ୍କ ଠାରୁ ୫ଟି ମୋବାଇଲ, ଗୋଟିଏ ମନିପର୍ସ ଓ ନଗଦ ୯୫୦୦ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ସନ୍ତୋଷ ପରମାଣିକଙ୍କଠାରୁ ହୋଟେଲ୍ କ୍ରାଉନ୍ ପାଖରେ ଗୁରୁଚରଣ ଓ ତା'ର ସହଯୋଗୀ ଏକ ସ୍କୁଟିରେ ଆସି ତାଙ୍କୁ ମାଡ଼ ମାରିବା ସହିତ ତାଙ୍କଠାରୁ ମୋବାଇଲ ଫୋନ୍ ଏବଂ ୯ହଜାର ୫ଶହ ଟଙ୍କା ଛଡ଼ାଇ ନେଇଥିଲେ। ସେ ଏ ନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗୁରୁଚରଣକୁ ଗିରଫ କରିଥିଲା। ସେହିପରି ଗତ ନଭେମ୍ବର ୨୧ ତାରିଖ ରାତିରେ ସମ୍ରିତ ନାୟକ ଓ ତାଙ୍କର ଜଣେ ବନ୍ଧୁ ସ୍କୁଟି ଯୋଗେ ଏକ କଲେଜରୁ ଛାତ୍ରାବାସକୁ ଫେରୁଥିବା ବେଳେ ହାତିଆଶୁଣୀ ଛକ ନିକଟରେ ଗୁନୁ, ପାପୁନି ଓ ତାଙ୍କ ସହଯୋଗୀ ଦୁଇଟି ମୋବାଇଲ ଫୋନ୍, ଦୁଇଟି ସ୍ମାର୍ଟ ୱାଚ୍ ଓ ଦୁଇଟି ମନିପର୍ସ ଛଡ଼ାଇ ନେଇଥିଲେ। ସମ୍ରିତ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଗୁନୁ ଓ ପାପୁନିକୁ ଗିରଫ କରିଛି। ସେହିଭଳି ସୁନ୍ଦରପଦା ହାଇଟେକ୍ ପ୍ଲାଜାରେ ରହୁଥିବା ପ୍ରିୟଦର୍ଶିନୀ ସେନାପତି ୨୦୨୨ ମସିହା ନଭେମ୍ବର ୧୯ ତାରିଖ ଦିନ ୟୁନିଟ୍-୧ ପେଟ୍ରୋଲ ପମ୍ପ ନିକଟରେ ଗୃହୋପକରଣ ସାମଗ୍ରୀ କିଣିବାରେ ବ୍ୟସ୍ତ ଥିବାବେଳେ ସାଗର ସ୍କୁଟିରେ ଟଙ୍ଗା ଯାଇଥିବା ତାଙ୍କ ମନିପର୍ସକୁ ସେଠାରୁ ଚୋରି କରି ନେଇଯାଇଥିଲା। ପ୍ରିୟଦର୍ଶିନୀଙ୍କ ଅଭିଯୋଗ ପରେ ଗୁରୁବାର ବାପୁଜୀ ନଗର ଅଞ୍ଚଳରେ ଚଢ଼ଉ କରି ସାଗରକୁ କାବୁ କରିବା ସହ ଦୁଇଟି ଚୋରା ମୋବାଇଲ ଫୋନ୍ ଜବତ କରିଛି କ୍ୟାପିଟାଲ୍ ଥାନା ପୁଲିସ।

# ଶୋଭନୀୟ ଯୁବ, ଛାତ୍ର ସମାବେଶ



**ଭୁବନେଶ୍ୱର, ୪।୧ (ସମିସ):** ଜୟଦେବ ଭବନରେ ସର୍ବଭାରତୀୟ ଶୋଭନୀୟ ଯୁବ ଓ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶକୁ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପ୍ରଫେସର କାଳୀକିଙ୍କର ପଟ୍ଟନାୟକ, କିଟ୍‌ର ଆସୋସିଏଟ୍ ପ୍ରଫେସର ଡ. ବିଦ୍ୟୁଭୂଷଣ ଦାଶ ଯୋଗ ଦେଇଥିଲେ। ଡ. ଅରୁନ୍ଧତୀ ଦେବୀ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଇଜିପ୍ଟିର କାଏରୋରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ କାର୍ଯ୍ୟରତ ଡା. ସତ୍ୟ ଲେଙ୍କାଙ୍କୁ କୁମାର ଭାଇ ଶୋଭନୀୟ ଯୁବସମ୍ମାନ, ଇଥିଓପିଆର ମିସ୍ ସେଗ୍‌ନେଟ୍ ମେନ୍‌ଜିସ୍ତୁଙ୍କୁ କୁମାର ଭାଇ ଶୋଭନୀୟ ଯୁବ ଛାତ୍ର ସମ୍ମାନ, ଜାତୀୟ ଯୁବ ପ୍ରକଳ୍ପର ମଧୁଭାଇଙ୍କୁ ଯୁବ ପ୍ରେରଣା ସମ୍ମାନ, ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ଦେବାଶିଷ ସାହୁଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ତରାଖଣ୍ଡର ଡ. ଅଜୟ ଶର୍ମା, ଆଇଜର୍‌ର ନୀଲେଶ ରାଉତ, ସଞ୍ଜୟ କୁମାର, ସୁଶ୍ରୀ ଅରୂପା ପ୍ରଭୃତି 'ଶାନ୍ତି, ଶୋଭନୀୟତା ଏବଂ ଅହିଂସା' ଉପରେ ସନ୍ଦର୍ଭ ପାଠ କରିଥିଲେ। ସ୍ମରଣିକା 'ଯୁବସୂର୍ଯ୍ୟ' ଉନ୍ମୋଚିତ ହୋଇଥିଲା। ନୀରଦବରଣ ଖୁଣ୍ଟିଆ, ନିରାକାର ବେଉରା, ଶରତଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ମହାନ୍ତି, ତୁଳସୀରାମ ଜଗତ, ଇଂ. ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ରାକେଶ କୁମାର, ବରଦା ମହାନ୍ତି, ମନୋରମା ଦେବୀ, କେଦାରଲକ୍ଷ୍ମୀ ଦାସ, ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଅସମ୍ପୂର୍ଣ୍ଣ ପୁରୁଣା ଜଗନ୍ନାଥ ସଡ଼କ ରାସ୍ତା କାର୍ଯ୍ୟ



**ହଂସପାଳ, ୪।୧(ସମିସ):** ହଂସପାଳ ଠାରୁ ପୁରୁଣା ଜଗନ୍ନାଥ ସଡ଼କ ଦେଇ ଯାଇଥିବା ରାସ୍ତା ଅଧାପନ୍ତରିଆ କାମ ହୋଇ ପଡ଼ିରହିଛି। ଯାହା ଫଳରେ ଏଇ ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକା ନେଇଥିବା ସଂସ୍ଥା ଏହି ରାସ୍ତାର ମଝି ପାର୍ଶ୍ୱକୁ ଖୋଳିଦେଇଥିବା ହେତୁ ବାଲିଅନ୍ତା ହାଇସ୍କୁଲ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାଟି ହଂସପାଳ ଠାରୁ ଚଉଡ଼ାରେ କାର୍ଯ୍ୟ ହୋଇ ଆସୁଥିବାବେଳେ ବାଲିଅନ୍ତା ବଜାର ନିକଟରୁ ରାସ୍ତାଟି ବହୁତ ସଂକୀର୍ଣ୍ଣ ହୋଇଯାଇଛି। ଯାହାଦ୍ୱାରା ଦୁଇଦିନ ଧରି ଚାଲୁଥିବା ସାପ୍ତାହିକ ହାଟ ପାଳିରେ ଲୋକମାନଙ୍କୁ ନୟାନ୍ତ ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଲୋକମାନେ ଜାମ୍‌ରେ ଫସି ରହୁଛନ୍ତି। ଏହି ରାସ୍ତାଟି ଅଡ଼ଶପୁର, ନିଆଳି, ଜୟଦେବକୁ ସଂଯୋଗ କରୁଥିବାରୁ ପ୍ରତିଦିନ ହଜାର ହଜାର ଗାଡ଼ି ଏହି ରାସ୍ତା ଦେଇ ଯିବାଆସିବା କରୁଛି। ତେଣୁ ଏହି କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଆଲୋକୀକରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଜ୍ୟ ଗ୍ରନ୍ଥାଗାର ପରିଦର୍ଶନ କଲେ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ୪।୧(ସମିସ):** ଦେବଗଡ଼ ଜିଲ୍ଲାର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପରିଦର୍ଶନ କରିଛନ୍ତି। ଏଥିରେ ୪୯ ଜଣ ଛାତ୍ରଛାତ୍ରୀ, ୧୦ ଜଣ ଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ସାମିଲ ଥିଲେ। ଦେବଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେମାନେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପରିଦର୍ଶନରେ ଆସିଥିଲେ। ସୂଚନାଯୋଗ୍ୟ ଯେ, ଯେଉଁମାନେ ଶତକଡ଼ା ୯୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି ସେହି ଛାତ୍ରଛାତ୍ରୀ ହିଁ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଅବସରରେ ଗ୍ରନ୍ଥାଗାରର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ ଗ୍ରନ୍ଥାଗାରରେ ଅଧ୍ୟୟନରତ ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିବା ସହ ଖୁସିବ୍ୟକ୍ତ କରିଥିଲେ।

# ଶ୍ରୀଅରବିନ୍ଦ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ନନ୍ଦନକାନନ, ୪।୧(ସମିସ):** ଗଣ୍ଡରପୁରସ୍ଥିତ ଶ୍ରୀଅରବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଜାଭେଲିନ୍, ସଟ୍‌ପୁଟ୍, ଡିସ୍କସ୍ ଥ୍ରୋ, ଦଉଡ଼ି ଡିଆଁ, ଅଖା ଡିଆଁ, ପୁଚି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଅତିଥିଭାବେ ପୁରାତନ ଛାତ୍ର ସଞ୍ଜୟ ସାସମଲ, ଏମ୍‌ଇ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ରଥ, ପୂର୍ବତନ ଶିକ୍ଷକ ବଂଶୀଧର ପଡ଼ିଆରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିବିକ୍ରମ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଛନ୍ତି। କ୍ରୀଡ଼ା ପ୍ରତିଯୋଗିତାକୁ କଳାରାହାଙ୍ଗ ୟୁପି ସ୍କୁଲ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ମିଶ୍ର ପରିଚାଳନା କରିଛନ୍ତି। ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଡ଼ିଆରୀ, ଦୁଷ୍ମନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ଶନିବାର କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେବାର ରହିଛି।

# ପ୍ରାଣୀଚିକିତ୍ସକଙ୍କ ସାମୟିକ ଛୁଟି ନିଷ୍ପତ୍ତି ସ୍ଥଗିତ

**ଭୁବନେଶ୍ୱର, ୪।୧(ସମିସ):** ମନ୍ତ୍ରୀସ୍ତରୀୟ ପରିଷଦ ସହ ଆଲୋଚନା ପରେ ପ୍ରାଣୀଚିକିତ୍ସକଙ୍କ ସମୂହ ଛୁଟି ସାମୟିକ ଭାବେ ସ୍ଥଗିତ ହୋଇଛି। ପ୍ରାଣୀଚିକିତ୍ସା ସେବାରେ ବ୍ୟାପକ ରୂପାନ୍ତରଣ ତଥା ଡିଏସିପି, ଏନପିଏ ଏବଂ କ୍ୟାଡର ପୁନର୍ଗଠନ ଭଳି ବିଭିନ୍ନ ଦାବି ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ବିଗତ ବହୁ ଦିନରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲା। ଗତ ୨ ତାରିଖରେ ଆନ୍ତଃ ମନ୍ତ୍ରୀସ୍ତରୀୟ ପରିଷଦରେ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ପ୍ରାଣୀ ଚିକିତ୍ସା ସେବା ସଂଘର ସଭାପତି ଡା ଯଦୁନାଥ ପରିଡ଼ା ଏବଂ ସମ୍ପାଦକ ଡା ଶଙ୍କର୍ଷଣ ମାହୁନ୍ତ ନିମନ୍ତ୍ରିତ ହୋଇ ସଂଘ ତରଫରୁ ଦାବି ଉପସ୍ଥାପନା କରିଥିଲେ। ବହୁ ପ୍ରତୀକ୍ଷିତ ଏହି ସାକ୍ଷାତକାରଟି ସକାରାତ୍ମକ ଭାବେ ସମାପନ ହୋଇଥିଲା। ଏଥିନିମନ୍ତେ ପ୍ରାଣୀ ଚିକିତ୍ସା ସେବା ସଂଘର ଏକ ଜରୁରିକାଳୀନ ସାଧାରଣ ସଭା ଆଭାସୀ ମାଧ୍ୟମରେ ଆୟୋଜନ ହୋଇଥିଲା। ଆଲୋଚନାରେ ସରକାରଙ୍କୁ ଆଉ କିଛିଦିନ ସମୟ ଦେବା ନିମନ୍ତେ ଓଡ଼ିଶାର ସମସ୍ତ ପ୍ରାଣୀ ଚିକିତ୍ସକମାନେ ସହମତ ହୋଇଥିଲେ। ଫଳସ୍ୱରୂପ ସମସ୍ତ ପ୍ରାଣୀ ଚିକିତ୍ସକମାନେ ଆସନ୍ତା ୪ତାରିଖରୁ ହେବାକୁ ଥିବା ସମୂହ ଛୁଟି ଆନ୍ଦୋଳନକୁ ଜାନୁଆରୀ ୧୬

**ଆଜି ପକ୍ଷୀ ଦିବସ**

**'ପକ୍ଷୀ ମଣିଷ'ଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ**

**ରଖିଛନ୍ତି ୪୦ ପ୍ରଜାତିର ହଜାରେରୁ ଉର୍ଦ୍ଧ୍ୱ ବିଦେଶୀ ପକ୍ଷୀ**

# ବିଲୁପ୍ତପ୍ରାୟ ପକ୍ଷୀଙ୍କ ସୁରକ୍ଷା ଚିନ୍ତାରେ 'ଶ୍ୟାମ ସୁନ୍ଦର'

**ଭୁବନେଶ୍ୱର, ୪।୧(ସମିସ):**

ପକ୍ଷୀମାନଙ୍କୁ ନେଇ ଅନେକ ଗବେଷଣା କରି ବିଲୁପ୍ତ ପ୍ରାୟ ପକ୍ଷୀମାନଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି। ସେ କେବଳ ପକ୍ଷୀମାନଙ୍କୁ ବ୍ରିଡ୍ କରୁନାହାନ୍ତି କି ପକ୍ଷୀଙ୍କ ଉପରେ ଗବେଷଣା କରୁନାହାନ୍ତି ବରଂ ପକ୍ଷୀଙ୍କ ସୁରକ୍ଷା ଉପରେ ସଚେତନ କରାଉଛନ୍ତି। ପକ୍ଷୀ ପାଳନ ଉପରେ ରହିଥିବା ବିଭିନ୍ନ ସରକାରୀ ନିୟମ ବିଷୟରେ ସଚେତନ କରାନ୍ତି। ଏହି ପକ୍ଷୀ ମଣିଷ ହେଉଛନ୍ତି ରାଜଧାନୀର ଶ୍ୟାମ ସୁନ୍ଦର ମିଶ୍ର।

ଜିଜିପି ଛକସ୍ଥିତ କେନାଲ ରୋଡରେ ପରିବାର ସହ ରୁହନ୍ତି ଶ୍ୟାମ ସୁନ୍ଦର। ଯେଉଁଠାରେ ସେ ତିଆରି କରିଛନ୍ତି ନିଜର ବାର୍ଡ ଫାର୍ମ। ସେ ବିଭିନ୍ନ ବିଦେଶୀ ପକ୍ଷୀଙ୍କ ବ୍ରିଡ୍ କରାଇବା ସହ ସେମାନଙ୍କୁ ନିଜ ପିଲା ଭଳି ଲାଳନପାଳନ କରୁଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ଏକକାଳୀନ ୪୦ରୁ ଉର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୧୦୦୦ରୁ ଅଧିକ ବିଦେଶୀ ପକ୍ଷୀ ରହିଛନ୍ତି। ଏହି ପକ୍ଷୀ ବିଭିନ୍ନ ପରିବା, ମଞ୍ଜି ସହ ମାଣ୍ଡିଆ, ଫ୍ଲାକ୍‌ସିଡସ୍, ଓଟ୍‌ସ, ପକ୍‌ହ୍ୱିଟ୍ ଆଦି ଖାଦ୍ୟ ଖାଇଥାନ୍ତି। ପ୍ରାୟ ୨୭ ବର୍ଷ ତଳେ ଶ୍ୟାମ ସୁନ୍ଦର ପକ୍ଷୀଙ୍କ ବ୍ରିଡିଂ ଆରମ୍ଭ କରିଥିଲେ। ପ୍ରଥମେ ଅଳ୍ପ ବିଲୁପ୍ତପ୍ରାୟ ପକ୍ଷୀଙ୍କ ବ୍ରିଡିଂ କରାଇ ସେଥିରୁ ନୂଆ ପ୍ରଜାତିର ପକ୍ଷୀ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ପାଖରେ ୨୦ରୁ ଉର୍ଦ୍ଧ୍ୱ ଦେଶର ପକ୍ଷୀ ରହିଛନ୍ତି। ଏହି ସବୁଠାରୁ ବଡ଼କଥା ହେଉଛି ବିଦେଶରୁ ଆମଦାନୀ କରାଯାଉଥିବା ପକ୍ଷୀ ଓଡ଼ିଶାର ପାଣିପାଗ ମଧ୍ୟରେ ତିଷ୍ଠି ପାରିବେନି ଯେଉଁ ଭାବନା ସମସ୍ତଙ୍କ ମନରେ ରହିଛି ତାହାକୁ ସେ ଦୂର କରିଛନ୍ତି। ତାଙ୍କ ଫାର୍ମରୁ ବ୍ରିଡିଂ ହେଉଥିବା ବିଦେଶୀ ପକ୍ଷୀ କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦି ରାଜ୍ୟକୁ ରପ୍ତାନି କରାଯାଉଛି। ବ୍ରାଜିଲ, ଆମେରିକା, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଭଳି ବିଭିନ୍ନ ଦେଶର ପକ୍ଷୀ ଏଠାରେ ଦେଖିବାକୁ ମିଳେ। ପୃଥିବୀର ସବୁଠାରୁ କୁନି ବା ଛୋଟ ମାକାଓ ଏଠାରେ ରହିଛି। ଏହାର ଅରିଜିନ୍ ଆଫ୍ରିକାର ବୋଲି ସେ କହିଛନ୍ତି। ସେହିପରି ସାଉଥ୍ ଆମେରିକାନ୍ ପକ୍ଷୀ ବ୍ଲୁ ଫ୍ରଣ୍ଟେଡ ଆମାଜନ୍ ରହିଛି। ଯାହାର ଦାମ୍ ଅଢ଼େଇ ଲକ୍ଷ ରହିଛି। ଏହି ପକ୍ଷୀଙ୍କର ଟକିଂ ଆବିଲିଟି ରହିଛି। ତେବେ ଛୋଟ ଠାରୁ ଆରମ୍ଭ କରି ବ୍ରିଡିଂ ପେୟାର ବା ଆଡଲ୍ଟ ପେୟାର ଅନୁସାରେ ଦାମ୍ ରହିଛି। ତେବେ ଏଠାରେ ରହିଥିବା ପକ୍ଷୀଙ୍କର ସର୍ବାଧିକ ମୂଲ୍ୟ ରହିଛି ୨୦ଲକ୍ଷ। ଯାହାର ନାଁ ହେଉଛି କାଟେଲିନା ମାକାଓ। ଏନେଇ ଶ୍ୟାମ ସୁନ୍ଦର କହିଛନ୍ତି ଯେ, ପକ୍ଷୀମାନଙ୍କ ପାଇଁ ମୁଁ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଯେଉଁମାନେ ଭାବନ୍ତି ଯେ, ଓଡ଼ିଶାର ଜଳବାୟୁରେ ବିଦେଶୀ ପକ୍ଷୀ ତିଷ୍ଠି ପାରିବେନି ତାହା ସମ୍ପୂର୍ଣ୍ଣ ଭୁଲ, କାରଣ ଏଠାରେ ରହିଥିବା ସମସ୍ତ ପକ୍ଷୀ ବିଦେଶୀ। ଉପଯୁକ୍ତ ଲାଳନପାଳନ ଓ ଯତ୍ନ ନେବା ଉଚିତ୍ ବୋଲି ସେ କହିଛନ୍ତି।





# ଭୁବନେଶ୍ୱର ସିଟି

## ଆଡ୍‌ଭାନ୍ସଡ୍ ଏଣ୍ଡୋସ୍କୋପି ସମ୍ମିଳନୀ



**ଭୁବନେଶ୍ୱର, ୪।୧(ସମିସ):** ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର୍ ସାଇନ୍‌ସ ତରଫରୁ ଆଡଭାନ୍ସ ଏଣ୍ଡୋସ୍କୋପି ସମ୍ମିଳନୀ ଭୁବନେଶ୍ୱରର ଏକ ହୋଟେଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଦେଶ ଏବଂ ବିଦେଶରୁ ବହୁ ପେଟ ଓ ଲିଭର ରୋଗ ବିଶେଷଜ୍ଞ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ପ୍ରତ୍ୟେକ ବ୍ୟକ୍ତି ତା'ର ସ୍ୱାସ୍ଥ୍ୟ ଉପରେ କେତେ ଗୁରୁତ୍ୱ ଦେବା ଉଚିତ୍ ଓ ସଚେତନ ତାହା ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଆଧୁନିକ ଏଣ୍ଡୋସ୍କୋପିର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ବହୁ ବରିଷ୍ଠ ଡାକ୍ତର ଏହି ସମ୍ମିଳନୀରେ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଡା. ଆଶୁତୋଷ ମହାପାତ୍ର ଦେଇଥିବାବେଳେ ଡାକ୍ତର ସୋନମୁନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪୩ ଆଦିବାସୀ ପରିବାରକୁ ମାଗଣା ବିଜୁଳି



**ଭୁବନେଶ୍ୱର, ୪।୧(ସମିସ):** ଟାଟା ପାୱାର ପକ୍ଷରୁ ୧୪୩ଟି ଆଦିବାସୀ ପରିବାରକୁ ମାଗଣାରେ ବିଦ୍ୟୁତ ଯୋଗାଣ କରାଯାଇଛି। ଫଳରେ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ ଆଲୁଅର ସ୍ୱପ୍ନ ସାକାର ହୋଇଛି। ଅନୁଗୋଳ ଜିଲ୍ଲା ପାଲଲ୍‌ହଡ଼ା ବ୍ଲକ୍ ୩ଟି ଆଦିବାସୀ ପ୍ରବଣ ଗାଁରେ ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ସୋଲାର ପ୍ୟାନେଲ ମାଧ୍ୟମରେ ଏହି ବିଦ୍ୟୁତ ଯୋଗାଇ ଦିଆଯାଇଛି। ବରଡିହ ଗ୍ରାମ ପଞ୍ଚାୟତର ସଲେଇ ଓ କଡ଼କ ଗାଁ ଏବଂ ପେଚାମୁଣ୍ଡି ଗ୍ରାମ ପଞ୍ଚାୟତର ଦୁଇପାଣି ଗାଁରେ ସୋଲାର ପ୍ୟାନେଲ ମାଧ୍ୟମରେ ୧୪୩ଟି ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଏହି ତିନୋଟି ଗାଁ, ଜଙ୍ଗଲ ଭିତରେ ରହିଥିବାବେଳେ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ରହିଆସିଥିଲା। ଟିପିସିଓଡିଏଲ୍ ଓ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ମିଳିତ ଉଦ୍ୟମରେ ସେମାନଙ୍କ ଘରେ ସୋଲାର୍ ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ ସେବା ପ୍ରଦାନ କରାଯାଇଛି। ବିଦ୍ୟୁତ ସଂଯୋଗ ସହ ପ୍ରତ୍ୟେକ ଘରକୁ ଏକ ରିମୋଟ ଚାଳିତ ଫ୍ୟାନ୍, ଗୋଟିଏ ଏଲ୍‌ଇଡି ଟ୍ୟୁବ୍ ଲାଇଟ୍, ୩ଟି ଏଲ୍‌ଇଡି ବଲ୍‌ବ୍, ବ୍ୟାଟେରୀ ଓ ଚାର୍ଜର ମଧ୍ୟ ପ୍ରଦାନ କରାଯାଇଥିବା ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂହ କହିଛନ୍ତି।

## କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ ୭ରେ

**ଭୁବନେଶ୍ୱର, ୪।୧(ସମିସ):** କାଦମ୍ବିନୀ ସାହିତ୍ୟ ଏକାଡେମୀ ପକ୍ଷରୁ ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଆସନ୍ତା ଜାନୁଆରୀ ୭ ତାରିଖ ସକାଳ ୯.୩୦ ମିନିଟ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ସନ ସେଣ୍ଟର୍‌ରେ ଅନୁଷ୍ଠିତ ହେବ। ଏହି ଅବସରରେ ଲେଖିକା ମୃଦୁଳା ଗର୍ଗଙ୍କୁ ଚଳିତବର୍ଷର ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ସେହିପରି କଥାକାର, ପ୍ରାବନ୍ଧିକ ଓ ସ୍ତମ୍ଭକାର ତଥା ବରିଷ୍ଠ ପ୍ରଶାସକ ବିଜୟ ନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪', 'ସୁଲେଖା'ର ସମ୍ପାଦକ ସଦାଶିବ ମିଶ୍ର ଏବଂ 'ଗୋଧୂଳି'ର ସମ୍ପାଦିକା ବିମଳା ସିଂହଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୪' ପ୍ରଦାନ କରାଯିବ। ଏହା ସହିତ ସାହିତ୍ୟିକ ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ତୁଳସୀ ଓଝା, ସୁକାମିନୀ ନନ୍ଦ ଓ ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା- ୨୦୨୪'ରେ ସମ୍ବର୍ଦ୍ଧିତ କରାଯିବ। କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା 'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ର ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବେ ଲେଖିକା ଅନୀତା ଅଗ୍ନିହୋତ୍ରୀ, କବି ଓ ସମ୍ପାଦକ ସୁବୋଧ ସରକାର, ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ, ଅଭିନେତା ଅଭୟ ବର୍ମା ପ୍ରମୁଖ ଯୋଗଦେବେ। ଏହି ଅବସରରେ ଯୁବ ସାହିତ୍ୟ ସମ୍ମିଳନୀ, 'କବି ଓ କବିତା', 'ଶିଶୁ ସାହିତ୍ୟ ସମ୍ମିଳନୀ', ଅନୁଷ୍ଠିତ ହେବ। ଏହାସହ ପ୍ରଜ୍ଞା ପାରମିତା ରଥ, ମିଯୋଗରଞ୍ଜନ ପାତ୍ର, ବେଦପ୍ରକାଶ ନାୟକ, ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ ଓ ଆଶିଷ କୁମାର ମିଶ୍ରଙ୍କୁ କାଦମ୍ବିନୀ ନବଉନ୍ମେଷ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ସମେତ କୁନିକଥା କୁନିପ୍ରତିଭା ପୁରସ୍କାର ପ୍ରଦାନ କରାଯିବ ବୋଲି କାଦମ୍ବିନୀ ପକ୍ଷରୁ ସୂଚନା ଦିଆଯାଇଛି।

## 'ମୋ ଓଡ଼ିଶା, ନବୀନ ଓଡ଼ିଶା' ଉଦ୍‌ଯାପିତ




**ବାଲିଅନ୍ତା, ୪।୧(ସମିସ):** ବେଣ୍ଟପୁରସ୍ଥିତ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇ ସପ୍ତାହ ଧରି ଚାଲିଥିବା ମୋ ଓଡ଼ିଶା, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ କଲେଜ ପରିସରରେ ବୁଧବାର ଆୟୋଜିତ ପୁରସ୍କାର ବିତରଣ ସଭାରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ପୀତବାସ ଦାଶ, ସଞ୍ଜୀବ ରଞ୍ଜନ ଦାଶ, ସମାଜସେବୀ ନିରଞ୍ଜନ ସେନାପତି, ଓଡ଼ିଆ ବିଭାଗ ଅଧ୍ୟାପିକା ଡ.ସତ୍ୟଭାମା ନାୟକ, ଶିକ୍ଷା ବିଭାଗର ସୁଶ୍ରୀ ସୁଚରିତା, ଇତିହାସ ବିଭାଗ ଅଧ୍ୟାପକ ସତ୍ୟପ୍ରିୟ ସାହୁ, ଇଂରାଜୀ ବିଭାଗର ତରୁଣ କୁମାର ସାହୁ ଓ କ୍ରୀଡ଼ା ଶିକ୍ଷକ ଅଜଗଲ ଅଲ୍ଲି ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ଶିକ୍ଷା ବିଭାଗ ଅଧିକାରୀ ପ୍ରଜ୍ଞାପରମିତା ଜେନା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।





ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସମେତ ଅତିଥିବୃନ୍ଦ

## 'ପିଲାଙ୍କ ପାଇଁ ମାଆ ସବୁଠୁ ବଡ଼ ବୈଜ୍ଞାନିକ'

**ଭୁବନେଶ୍ୱର, ୪।୧(ସମିସ):** ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବ ଭାରତୀୟ ରାଷ୍ଟ୍ରୀୟ ଭୂମିକା ନିର୍ବାହ ଓ ଲୋକନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ରାମାନୁଜ୍ ନାରାୟଣ ଯୋଗଦେଇ କହିଛନ୍ତି ଯେ, ପିଲାଙ୍କ ପାଇଁ ମାଆ ସବୁଠୁ ବଡ଼ ବୈଜ୍ଞାନିକ। ଏହି ତିନିଦିନିଆ କାର୍ଯ୍ୟକ୍ରମକୁ 'କିଶୋର ଭାରତ' ଭାବେ ସେ ଅଭିହିତ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ଚାରୋଟି ପ୍ରାୟୋଗିକ ବହୁଉଦ୍ଦେଶୀୟ(ଡିଏମ୍) ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଏନ୍‌ସିଇଆର୍‌ଟି ସଂଯୋଜକ ଡକ୍ଟର ବିଜୟ କୁମାର ମଲ୍ଲିକ ସ୍ୱାଗତ ଭାଷଣ ରଖିଥିବାବେଳେ ଡକ୍ଟର ହରିଶ କୁମାର ମିନା କାର୍ଯ୍ୟକ୍ରମର ଆଭିମୁଖ୍ୟ ଅବଗତ କରିଛନ୍ତି। ଶେଷରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୟୁନିଭର୍ସାଲ୍ ବ୍ରେଲ୍ କିଟ୍ ବଣ୍ଟନ

**ଭୁବନେଶ୍ୱର, ୪।୧(ସମିସ):** ଭାରତୀୟ ବିଦ୍ୟାଭବନ ଠାରେ ଅନୁଷ୍ଠିତ ଲୁଇସ୍ ବ୍ରେଲ୍‌ଙ୍କର ୨୧୫ ତମ ଜୟନ୍ତୀ ପାଳନ ଅବସରରେ ୩୦ ଜଣ ଦୃଷ୍ଟିହୀନ ମେଧାବୀ ଛାତ୍ରଛାତ୍ରୀଙ୍କୁ ୟୁନିଭର୍ସାଲ ବ୍ରେଲ୍ କିଟ୍ ବଣ୍ଟନ କରାଯାଇଥିଲା। ଏହି କିଟ୍‌ରେ ଜର୍ମାନ୍‌ର ବ୍ରେଲ ସ୍ଲେଟ୍, ଷ୍ଟାଇଲସ୍, ଆବାକସ୍, ଟେଲର୍ ଫ୍ରେମ୍, ମୋବିଲିଟି କେନ୍, ହିନ୍ଦୀ ଓ ଇଂରାଜୀ ବ୍ରେଲ୍ ବର୍ଣ୍ଣମାଳା ବୋର୍ଡ, ଟେକଟାଇଲ ଜାମିତିକ ସାମଗ୍ରୀ, ଷ୍ଟୋରୀ ବୁକ୍ ଏବଂ ବ୍ରେଲ୍ ଲିପିରେ ମୁଦ୍ରିତ ହୋଇଥିବା ନୂତନ ବର୍ଷର କ୍ୟାଲେଣ୍ଡର ଭଳି ଉପକରଣ ରହିଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନ୍ତର୍ନିବେଶୀ ଶିକ୍ଷାର ସଂଯୋଜକ ଅଶୋକ କୁମାର ମହାପାତ୍ର, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପ ଶାସନ ସଚିବ ସନ୍ନ୍ୟାସୀ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବ୍ରେଲ କିଟ୍ ପ୍ରଦାନ କରିବା ସହିତ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ରେଲି ଅକ୍ଷରର ଆବଶ୍ୟକ ଏବଂ ସେମାନଙ୍କ ପାଇଁ ସରକାରଙ୍କ ନିୟମ ଏବଂ ସୁବିଧା ବିଷୟରେ ଅବଗତ କରାଇଥିଲେ। ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନୂତନ ବର୍ଷର କ୍ୟାଲେଣ୍ଡର ଏବଂ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କର ଅଧିକାର ଅଧିନିୟମ ୨୦୧୬ର ବ୍ରେଲ୍ ଲିପିରେ ମୁଦ୍ରିତ ହୋଇଥିବା ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭାବଗ୍ରାହୀ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା

## ଡ. ସୁଧାକର ପଣ୍ଡା ଭାରତୀୟ ଅର୍ଥନୀତି ସଂଘର ସଭାପତି



**ଭୁବନେଶ୍ୱର,୪।୧(ସମିସ):** ପୂର୍ବତନ ପ୍ରଫେସର ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ଆନାଲିଟିକାଲ ଆଣ୍ଡ ଆପ୍ଲାଏଡ୍ ଇକୋନୋମିକ୍ସର ମୁଖ୍ୟ ଡ. ସୁଧାକର ପଣ୍ଡା ଭାରତୀୟ ଅର୍ଥନୀତି ସଂଘ (ଆଇଇଏ) ର ସଭାପତି ହୋଇଛନ୍ତି। କିଟ୍ ବିଦ୍ୟାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ବାର୍ଷିକ ଅଧିବେଶନରେ ଡ. ପଣ୍ଡା ସଂଘର ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଡ. ପଣ୍ଡା ଯାଦବପୁର ବିଶ୍ୱ ବିଦ୍ୟାଳୟର ଅର୍ଥନୀତିର ପ୍ରଫେସର ପୂର୍ବତନ ପ୍ରଫେସର ବିଶ୍ୱଜିତ୍ ଚାର୍ଟାଜୀଙ୍କ ସ୍ଥାନରେ ଏହି ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ପଣ୍ଡା ମଧ୍ୟ ତୃତୀୟ ରାଜ୍ୟ ଅର୍ଥ ଆୟୋଗର ଅଧ୍ୟକ୍ଷ ରହିବା ସହ ବିର୍ଲାଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରହିଥିଲେ।

## ମଞ୍ଚସ୍ଥ 'ଶୁଣ ସୁଜନେ'



**ଭୁବନେଶ୍ୱର, ୪।୧(ସମିସ):** ମନନ ନାଟ୍ୟ ସଂସ୍ଥାର ୪୫ତମ ବାର୍ଷିକ ନାଟକ ଜନ୍ମ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଡାଇନାମିକ ପ୍ଲାଟଫର୍ମ ଭୁବନେଶ୍ୱର ପକ୍ଷରୁ ନାଟକ 'ଶୁଣ ସୁଜନେ' ମଞ୍ଚସ୍ଥ ହୋଇଥିଲା। ବିଶ୍ୱଜିତ ଦାସଙ୍କ ପ୍ରଯୋଜିତ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଦେବବ୍ରତ ପଟ୍ଟନାୟକ।

## ଜିଓ ଫାଇବର୍‌କୁ ୫୦ ହଜାର ଜରିମାନା

**ଭୁବନେଶ୍ୱର, ୪।୧(ସମିସ):** ନୂଆପଲ୍ଲୀ ଅଞ୍ଚଳରେ ବେଆଇନ୍ ଭାବେ ପୋଷ୍ଟର ମାରିବା ଅଭିଯୋଗରେ ଜିଓ ଫାଇବାର୍ ଉପରେ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଏହାସହ ସମ୍ପୃକ୍ତ ସଂସ୍ଥା ବିରୋଧରେ ଥାନାରେ ଏତଲା ଦିଆଯାଇଛି। ସୂଚନାଯୋଗ୍ୟ କାନ୍ଥ, ଗଛ, ପୋଲ୍ ଉପରେ ପୋଷ୍ଟର୍ ମାରିଲେ ଜରିମାନା ଅଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଜିଓ ଫାଇବର ନୂଆପଲ୍ଲୀ ଅଞ୍ଚଳରେ ଏହି ନିୟମକୁ ଅବମାନନା କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କୁହାଯାଇଛି।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଯାଁଳା, ୪।୧(ସମିସ):** ରାଜଧାନୀ ଉପକଣ୍ଠ ଯାଁଳା ଅଞ୍ଚଳର ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସପ୍ତଦଶ ବାର୍ଷିକ ଉତ୍ସବ 'ଗ୍ରେସ୍ ୨୦୨୩' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ଓ ସୂଚନା ଏବଂ ଜନସମ୍ପର୍କ ବିଭାଗର ସଚିବ ସଞ୍ଜୟ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମହାରାଷ୍ଟ୍ରର ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଶିକ୍ଷାବିତ ଶଶୀକାନ୍ତ ପୋଡ଼ୱାଲ୍, ଆଦ୍ୟାନ୍ତର ପ୍ରତିଷ୍ଠାତା, ବିଶିଷ୍ଟ ଶିକ୍ଷାବିତ୍ ତଥା ମୁଖ୍ୟ ପରିଚାଳକ ଅଜୟ ବାହାଦୁର ସିଂହ ଯୋଗ ଦେଇଥିଲେ। ଜାତୀୟ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାରତର ସ୍ୱାଧୀନତା ସଂଗ୍ରାମର ବୀରତ୍ୱପୂର୍ଣ୍ଣ ଇତିହାସ, ସବୁଜ ବିପ୍ଳବ, ସ୍ୱାସ୍ଥ୍ୟସେବା, ସୁରକ୍ଷା, ଶିକ୍ଷା, ବିଜ୍ଞାନର ଅଗ୍ରଗତି, କଳା ସଂସ୍କୃତି ଏବଂ ଜୀବନଧାରାକୁ ଭିତ୍ତିକରି 'ହମ ସବ୍ ଭାରତୀୟ ହେଁ' ଶୀର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ରିଙ୍କୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାଲିଅନ୍ତା, ୪।୧(ସମିସ):** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର ମୋ ଓଡ଼ିଶା ଯୁବ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଡିଓ ପବିତ୍ର କୁମାର ସାମଲ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ସହକାରୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ପରିଡ଼ା, ସ୍ଥାନୀୟ ସରପଞ୍ଚ ହୃଷିକେଶ ବେହେରା, ସମିତି ସଭ୍ୟ ଗଗନ ବିହାରୀ ସାହୁ, ଗୀତାଞ୍ଜଳି ସାହୁ, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳଶୈଳ ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ଶରତ କୁମାର ବସନ୍ତରାୟ, ଯୁବ ଛାତ୍ର ନେତା ବ୍ରହ୍ମଲାଭ ହରିଚନ୍ଦନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଜି ୩ଟି ପର୍ଯ୍ୟାୟରେ କ୍ରିକେଟ୍, କବାଡ଼ି ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଆସନ୍ତା ୮ ତାରିଖରେ ଉଦ୍‌ଯାପିତ ହେବ। ଏହା ସହିତ ବିଭିନ୍ନ ଦିନରେ ଫୁଟବଲ ଓ ଭଲି ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ନିୟମ ମାନୁନାହାନ୍ତି ହୋଟେଲ, ଫାଷ୍ଟଫୁଡ୍ ଦୋକାନୀ

# ଜଳୁଛି କୋଇଲା, ବଢୁଛି ପ୍ରଦୂଷଣ

**ଭୁବନେଶ୍ୱର, ୪।୧(ସମିସ):**



ରାଜଧାନୀର ବିଭିନ୍ନ ହୋଟେଲଗୁଡ଼ିକରେ ଅନ୍ଧାଧୂନ ଜଳୁଛି କୋଇଲା। କୋଇଲା ଭାଟିରୁ ବହୁ ପରିମାଣରେ ଧୂଆଁ ନିର୍ଗତ ହେଉଛି। ଯାହା ବାୟୁମଣ୍ଡଳରେ ମିଶିବା ଦ୍ୱାରା ପ୍ରଦୂଷଣ ବଢୁଛି। ଦେଶର ଅନ୍ୟ ସହରଗୁଡ଼ିକରେ ପ୍ରଦୂଷଣର ମାତ୍ରା ବଢ଼ିବା ମାତ୍ରେ ମହାନଗର ନିଗମ ପକ୍ଷରୁ କୋଇଲା ଭାଟିକୁ ତୁରନ୍ତ ବନ୍ଦ କରିଦିଆଯାଏ। ଏହାବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜରିମାନା ଆଦାୟ କରାଯାଏ। ହେଲେ ରାଜଧାନୀର ଅଧିକାଂଶ ହୋଟେଲ ଏବଂ ଫାଷ୍ଟଫୁଡ ଷ୍ଟଲରେ କୋଇଲା ଜଳୁଥିଲେ

### ମନେ ପଡ଼ିଲେ ଚଢ଼ଉ କରୁଛି ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ

ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କୋଇଲା ଭାଟିରେ ଉପରେ ଥରେ ରେଡ୍ ହେଲେ ପରବର୍ତ୍ତୀ ରେଡ୍ ୬ମାସ ପରେ ହେଉଛି। ଏଭଳି ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ଯୋଗୁଁ କୋଇଲା ଭାଟି ଉପରେ ନିୟନ୍ତ୍ରଣ ଲାଗିପାରୁ ନାହିଁ ବୋଲି କୁହାଯାଉଛି।

ଗତବର୍ଷ ଅଗଷ୍ଟ ମାସରେ କ୍ୟାପିଟାଲ ହସ୍ପିଟାଲ ଅଞ୍ଚଳରେ ଥିବା ଏକ ହୋଟେଲରେ ଚଢ଼ଉ କରାଯାଇଥିଲା। ହୋଟେଲ ମାଲିକ କୋଇଲା ଭାଟିରେ ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ବିଏମ୍‌ସି ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲ। ପରବର୍ତ୍ତି ସମୟରେ ଏଭଳି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପାରେ ପୁଣି ୫ ମାସ ପରେ ପଦ୍ମକେଶରୀପୁର ଅଞ୍ଚଳରେ ବୁଧବାର ରେଡ୍ କରାଯାଇ କୋଇଲା ଭାଟିକୁ ବନ୍ଦ କରାଯାଇଛି। ହେଲେ ସହରରେ ଅଧିକାଂଶ ଚାଲିଆ ହୋଟେଲରେ ଏବେ ବି କୋଇଲା ଆଞ୍ଚ ବ୍ୟବହାର କରାଯାଉଛି। ଏଗୁଡ଼ିକ ତୁରନ୍ତ ବନ୍ଦ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ଭୁବନେଶ୍ୱରରେ ନୂଆପଲ୍ଲୀ, ପଟିଆ, ଚନ୍ଦ୍ରଶେଖରପୁର, ଲିଙ୍ଗରାଜ, ଚକେଇସିଆଣି, ନହରକଣ୍ଟା, ଲକ୍ଷ୍ମୀସାଗର, ଷ୍ଟେସନବଜାର ଅଞ୍ଚଳରେ ବିଭିନ୍ନ ହୋଟେଲରେ ରୋଷେଇପାଇ କୋଇଲା ଭାଟି ବ୍ୟବହାର କରାଯାଉଛି। ସହର ଭିତରେ ଉଠା ଦୋକାନୀମାନେ ଏହାର ବହୁଳ ବ୍ୟବହାର କରୁଛନ୍ତି। ସେହିପରି ବେଆଇନ୍ ଭାବେ ନିର୍ମାଣ ହେଉଥିବା ହୋଟେଲଗୁଡ଼ିକ ଦୋକାନ ଭାଙ୍ଗିଯିବାର ଭୟ ଗ୍ୟାସଚୁଲାରେ ଟଙ୍କା ନିବେଶ କରୁନାହାନ୍ତି। ଏହା ଶସ୍ତା ଏବଂ ଏନ୍‌ଫୋର୍ସମେଣ୍ଟର ଭୟ ନ ଥିବାରୁ ଉପକଣ୍ଠରେ ସାଧରଣ ହୋଟେଲଗୁଡ଼ିକ ଜାଳେଣିପାଇଁ କୋଇଲା ବ୍ୟବହାର କରୁଛନ୍ତି।

ହୋଟେଲଗୁଡ଼ିକରେ ତନ୍ଦୁରୀ, କିମ୍ବା ନାନ୍ ପାଇଁ କୋଇଲା ବ୍ୟବହାର କରାଯାଉଛି। ସେହିପରି ସନ୍ଧ୍ୟା ସମୟରେ ରାସ୍ତା ଉପରେ ଫାଷ୍ଟଫୁଡ ଦୋକାନୀ ଚିକେନ୍ ତନ୍ଦୁରୀ, ଚିକେନ୍ ଟିକା, ଚିକେନ୍ କବାବ୍, ମଟନ୍ ପୋଡ଼ା, ମାଛ ପୋଡ଼ା ଏବଂ ବିଭିନ୍ନ ତନ୍ଦୁରୀ ଜାତୀୟ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଏହାର ବ୍ୟବହାର କରାଯାଉଛି। କିଛି ଫାଷ୍ଟଫୁଡ୍ ଦୋକାନୀଙ୍କ କହିବା ଅନୁଯାୟୀ କୋଇଲା ବ୍ୟବହାର କଲେ ଗ୍ରାହକଙ୍କ ଭିଡ଼ ବଢୁଛି। କୋଇଲା ଦ୍ୱାରା ପୋଡ଼ା ଯାଉଥିବା ଖାଦ୍ୟ ସ୍ୱାଦିଷ୍ଟ, ଗ୍ରାହକଙ୍କ ପସନ୍ଦ ହେଉଛି ତେଣୁ ରେଷେଇ କଲା ବେଳେ ବାଧ୍ୟ ହୋଇ କୋଇଲାର ବ୍ୟବହାର କରୁଛନ୍ତି। ବୁଧବାର ଚଢ଼ଉ ବେଳେ ଜଣାପଡ଼ିଥିଲା ଗ୍ୟାସ ଚୁଲା ଥାଇ ମଧ୍ୟ ସମ୍ପୃକ୍ତ ଦୋକାନୀ ଜଣଙ୍କ କୋଇଲା ଭାଟି ବ୍ୟବହାର କରୁଥିଲେ। ଅନ୍ୟପକ୍ଷରେ କୋଇଲା ଚୁଲା କିମ୍ବା ଭାଟିର ବ୍ୟବହାର ରାଜଧାନୀରେ ଯଦିଓ ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ ତେବେ ବହୁମାତ୍ରାରେ କମିଛି ବୋଲି ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୯୮
- ୟୁରୋ ୯୧.୨୧ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୯,୨୦୦ (ନୂଆଦିଲ୍ଲୀ)
- ରୁପା : ୭୮,୯୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୮୪୭.୦୦
- ନିଫ୍ଟି ୨୧,୬୫୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ଡିସିଜିଆଇର ବଡ଼ ନିଷ୍ପତ୍ତି

# ରକ୍ତ ପାଇଁ ଅଧିକ ଚାର୍ଜ କରିପାରିବେନି ହସ୍‌ପିଟାଲ୍ ଓ ରକ୍ତଭଣ୍ଡାର

**ନୂଆଦିଲ୍ଲୀ,୪।୧(ଏଜେନ୍ସି):**

ଏଣିକି ଆଉ ଗରିବ ଲୋକଙ୍କୁ ଆଉ ରକ୍ତ ପାଇଁ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବନାହିଁ। କାରଣ ରକ୍ତ ପାଇଁ ଲୋକଙ୍କଠାରୁ ଅଧିକ ଚାର୍ଜ କରିପାରିବେନି ହସ୍‌ପିଟାଲ୍ ଓ ରକ୍ତଭଣ୍ଡାର। ଭାରତୀୟ ଔଷଧ ନିୟନ୍ତ୍ରଣ ମହାନିର୍ଦ୍ଦେଶାଳୟ (ଡିସିଜିଆଇ) ପ୍ରକ୍ରିୟାକରଣ ଶୁଳ୍କ ଏବଂ ରକ୍ତ ଯୋଗାଣ ବ୍ୟତୀତ ସମସ୍ତ ପ୍ରକାରର ଶୁଳ୍କ ଉପରେ ପ୍ରତିବନ୍ଧକ ଲଗାଇଛି। ସମ୍ପ୍ରତି ହସ୍‌ପିଟାଲ୍‌ଗୁଡ଼ିକରେ ରକ୍ତ ଦେବା ପାଇଁ ଲୋକଙ୍କଠାରୁ ଅଧିକ ଟଙ୍କା ଚାର୍ଜ କରୁଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ଔଷଧ ନିୟନ୍ତ୍ରଣ ମହାନିର୍ଦ୍ଦେଶାଳୟ (ଡିସିଜିଆଇ) ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଡିସିଜିଆଇ ଦେଶର ସମସ୍ତ ହସ୍‌ପିଟାଲ୍ ଓ ରକ୍ତଭଣ୍ଡାର ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ନିର୍ଦ୍ଦେଶ ସମ୍ପର୍କରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟନ୍ତ୍ରକ ଓ ଲାଇସେନ୍ସପ୍ରାପ୍ତ ସଂସ୍ଥାକୁ ସୂଚିତ କରିଦିଆଯାଇଛି। ଏଥିରେ କୁହାଯାଇଛି ଯେ ରକ୍ତ ବିକ୍ରୟ ପାଇଁ ନୁହେଁ। ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଡ୍ରଗ୍ କଣ୍ଟ୍ରୋଲର୍ କମ ଲାଇସେନ୍ସ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିବା ବାର୍ତ୍ତାରେ ଡିସିଜିଆଇ କହିଛନ୍ତି ଯେ ରକ୍ତ ପାଇଁ ମନଇଚ୍ଛା ଶୁଳ୍କ ଆଦାୟ କରାଯାଇପାରିବନାହିଁ। ପ୍ରକ୍ରିୟାକରଣ ଶୁଳ୍କ ଏବଂ ଯୋଗାଣ ଦେୟ ବ୍ୟତୀତ ଅନ୍ୟ ସମସ୍ତ ଦେୟ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ହସ୍‌ପିଟାଲ୍‌ଗୁଡ଼ିକରେ ରକ୍ତ ଆବଶ୍ୟକ କରୁଥିବା ପରିବାରଗୁଡିକ କିଭଳି ବିପଦ ସମୟରେ ଶୋଷଣର ଶିକାର ହେଉଛନ୍ତି ସେ ନେଇ ଅଭିଯୋଗ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ୨୬ ସେପ୍ଟେମ୍ବରରେ ଔଷଧ ପରାମର୍ଶଦାତା କମିଟି ୬୨ ତମ ବୈଠକରେ ରକ୍ତ ପାଇଁ ଅଧିକ ମୂଲ୍ୟ ନିଆଯାଉଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ କୁହାଯାଇଥିଲା ଯେ ରକ୍ତ ବିକ୍ରି ପାଇଁ ନୁହେଁ ବରଂ ଲୋକଙ୍କୁ ଯୋଗାଇବା ପାଇଁ ହୋଇଛି। ତେଣୁ ବ୍ଲଡ୍ ସେଣ୍ଟରମାନେ କେବଳ ପ୍ରୋସେସିଂ ଫି ଚାର୍ଜ କରିବା ଉଚିତ। ସଂଶୋଧିତ ମାର୍ଗଦର୍ଶିକା ଅନୁସାରେ ରକ୍ତଯୋଗାଣ କେନ୍ଦ୍ରଗୁଡ଼ିକ ରକ୍ତ ଓ ରକ୍ତସାମଗ୍ରୀ ପାଇଁ କେବଳ ପ୍ରକ୍ରିୟାକରଣ ଫି ୨୫୦ରୁ ୧୫୫୦ ଟଙ୍କା ମଧ୍ୟରେ ନେବା ଉଚିତ୍। ନୂଆ ମାର୍ଗଦର୍ଶିକାକୁ ଯେଭଳି ପାଳନ କରାଯାଏ ସେଥିପାଇଁ ଡିସିଜିଆଇ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଦ ନିୟନ୍ତ୍ରକକୁ ନିର୍ଦ୍ଦେଶ ଦେଇଛନ୍ତି। ରକ୍ତଦାନର ଅଭାବ ଯୋଗୁ ଘରୋଇ ଡାକ୍ତରଖାନାଗୁଡ଼ିକ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ରକ୍ତ ୟୁନିଟ୍ ପିଛା ୩ ହଜାର ଓ ୮ ହଜାର ଟଙ୍କା ଚାର୍ଜ କରୁଥିଲେ। ଆଉ ଯଦି ରକ୍ତ ଅଭାବ ପଡ଼ିଲା ଓ ବିରଳ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଦରକାର ପଡ଼ିଲା ତେବେ ମୂଲ୍ୟ ଆକାଶ ଛୁଅାଁ ହେଉଥିଲା।



**ପ୍ରକ୍ରିୟାକରଣ ଶୁଳ୍କ ବ୍ୟତୀତ ସମସ୍ତ ପ୍ରକାରର ଚାର୍ଜ ରଦ୍ଦ**

# ଅକ୍ଟୋବରରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିଲା ଜିଓ

**ଭୁବନେଶ୍ୱର, ୪।୧(ସମିସ):** ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଜିଓ ରାଜ୍ୟରେ ସର୍ବାଧିକ ପସନ୍ଦର ଏବଂ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଆଧିପତ୍ୟ ବଜାୟ ରଖି ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଲଗାତାର ଦ୍ୱିତୀୟ ମାସ ପାଇଁ ଜିଓ ଏକମାତ୍ର ସେବା ପ୍ରଦାନକାରୀ ଭାବେ ଓଡ଼ିଶାରେ ନୂଆ ମୋବାଇଲ ଗ୍ରାହକ ଯୋଡ଼ିଥିବା ଏହି ତଥ୍ୟରୁ ଜଣାପଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଅକ୍ଟୋବର ମାସରେ ଜିଓ ଓଡ଼ିଶାରେ ୧.୮୮ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଏହାସହିତ ୨୦୨୩ ଅକ୍ଟୋବର ୩୧ ସୁଦ୍ଧା ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧.୪୭ କୋଟିରେ ପହଞ୍ଚିଛି। ଅକ୍ଟୋବରରେ ଓଡ଼ିଶାରେ ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୪୯ ଲକ୍ଷ ବୃଦ୍ଧି ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଅକ୍ଟୋବର ଶେଷ ସୁଦ୍ଧା ୩.୩୩ କୋଟିକୁ ବୃଦ୍ଧି ହୋଇଛି।

# ସିମ୍ବୋସିସ ଇଣ୍ଟରନ୍ୟାସନାଲ ଅଣ୍ଡରଗ୍ରାଜୁଏଟ ପ୍ରୋଗ୍ରାମ ପାଇଁ ନାମଲେଖା ଆରମ୍ଭ

**ଭୁବନେଶ୍ୱର,୪।୧(ସମିସ):** ସିମ୍ବୋସିସ ଇଣ୍ଟରନ୍ୟାସନାଲ (ଡିମଡ ବିଶ୍ୱବିଦ୍ୟାଳୟ) ଏହାର ଶିକ୍ଷାନୁଷ୍ଠାନରେ ଅଣ୍ଡରଗ୍ରାଜୁଏଟ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଆୟୋଜନ କରିବ। ଏହି ପରୀକ୍ଷାରେ ଏସଇଟି ଜେନେରାଲ (ସିମ୍ବୋସିସ ପ୍ରବେଶିକା ପରୀକ୍ଷା, ଏସଇଟି-ଆଇନ ଯାହା ଆଇନ ବିଦ୍ୟା ପ୍ରବେଶିକା ପରୀକ୍ଷା ଓ ସିମ୍ବୋସିସ ଇନିଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଅନ୍ତର୍ଭୁକ୍ତ। ଭାରତରେ ୭୬ଟି ସହରରେ କମ୍ପ୍ୟୁଟର ଆଧାରିତ ଏହି ପରୀକ୍ଷା ପରିଚାଳିତ ହେବ। ଏସଇଟି- ଜେନେରାଲ (ପ୍ରବେଶିକା ପରୀକ୍ଷା) ଏଥିରେ ଶିକ୍ଷା ଲାଭ ପାଇଁ ପ୍ରାର୍ଥୀ ଏପ୍ରିଲ ୧୨, ୨୦୨୪ ପର୍ଯ୍ୟନ୍ତ ଅନଲାଇନରେ ଆବେଦନ କରିପାରିବେ। ଏସଇଟି ପରୀକ୍ଷା ମେ ୫ ତାରିଖ ଓ ୧୧ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଲ ନାମଲେଖା ପରୀକ୍ଷା ପାଇଁ ଏସଏଲଏଟି ୨୦୨୪ ୫ ମଇ ୨୦୨୪ରେ ଓ ୧୧ ମଇ ୨୦୨୪ରେ ଅନୁଷ୍ଠିତ ହେବ।

### ଶ୍ରୀଦୁର୍ଗା ପକ୍ଷରୁ ଲକି ଡ୍ର' ଅଫରର ବିଜେତା ଘୋଷଣା

# ମିଭାନ୍ ସାମନ୍ତରାୟ ଜିତିଲେ 'ହାର୍ଲେ ଡେଭିଡ୍‌ସନ'

**ଭୁବନେଶ୍ୱର, ୪।୧(ସମିସ) :** 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର' ଅଫର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଆଜି ଭୁବନେଶ୍ୱରସ୍ଥିତ ଜନପଥସ୍ଥିତ ଷ୍ଟୋରରେ ଏହି ଲକି ଡ୍ର' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସପିଂର ନିଆରା ଅନୁଭୂତିରେ ଗ୍ରାହକମାନେ ନିଶ୍ଚିତ ଉପହାରରେ 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର'ରେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍ ଜିତିବାର ରହିଥିଲା ସୁବର୍ଣ୍ଣ ସୁଯୋଗ। ତେବେ ଭୁବନେଶ୍ୱରର ମିଭାନ ସାମନ୍ତରାୟ ଏହି ଲକି ଡ୍ର' 'ହାର୍ଲେ ଡେଭିଡ୍ସନ୍' ବାଇକ୍ ଜିତିଛନ୍ତି। ଏକମାତ୍ର ଶାଢୀ ଏବଂ ଗାର୍ମେଣ୍ଟସ୍ ସୋ'ରୁମ ଭାବେ ୍ରୀ ଦୂର୍ଗାରେ ଗ୍ରାହକମାନେ ସ୍ୱର୍ଣ୍ଣମୁଦ୍ରା ଜିତିବାର ସୁଯୋଗ ପାଇଥିଲେ। 'ସ୍ୱର୍ଣ୍ଣମୁଦ୍ରା' ସହିତ ଗ୍ରାହକଙ୍କ ପାଇଁ ଏଠାରେ ରହିଥିଲା ଅନେକ ଆକର୍ଷଣୀୟ ପୁରସ୍କାର। 'ଶ୍ରୀଦୁର୍ଗା'ର ଭୁବନେଶ୍ୱରସ୍ଥିତ ଅଶୋକ ନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁର ବଡ଼ବଜାରଠାରେ ଥିବା ସୋ'ରୁମରେ ଏହି ସୁବିଧାଗୁଡ଼ିକ ଉପଲବ୍ଧ।



# କେଏଲ୍‌ଏଚ୍ ସିଏସ୍‌ଇ ବିଦ୍ୟାର୍ଥୀଙ୍କ ଚତୁର୍ଥ ସ୍ଥାନ ହାସଲ

**ଭୁବନେଶ୍ୱର,୪।୧(ସମିସ) :** କେଏଲଏଚ୍ ହାଇଦ୍ରାବାଦ କ୍ୟାମ୍ପସ ଏହାର ତୃତୀୟ ବର୍ଷ ବି.ଟେକ୍ ଛାତ୍ର ପି ଭାମ୍‌ସି କ୍ରିଷ୍ଣା ରାଜୁ ଏଲ୍‌୩ ସାର୍ଟିଫାଏଡ୍ ଏଥିକାଲ୍ ହ୍ୟାକର (ମାଷ୍ଟର) ସାର୍ଟିଫିକେସନ ହାସଲ କରି ଅସାଧାରଣ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି ଏବଂ ଇସି-କାଉନସିଲର ତ୍ରୈମାସିକ ୩ ଲିଡର୍ ବୋର୍ଡ ରାଙ୍କିଙ୍ଗ୍ ୨୦୨୩ରେ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। କେଏଲଏଚ୍ ହାଇଦ୍ରାବାଦ କ୍ୟାମ୍ପସ୍ ଅଫ୍ କେଏଲ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର କ୍ୟାମ୍ପସ, ସମ୍ପୃକ୍ତ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରି ସାଇବର ନିରାପତ୍ତା କ୍ଷେତ୍ରରେ ଦକ୍ଷତା ସୃଷ୍ଟି କରିବାରେ ସର୍ବଦା ଅଗ୍ରଣୀ ରହିଛି। ସୂଚନା ସୁରକ୍ଷା ପ୍ରଶିକ୍ଷଣର ଶୀର୍ଷରେ ଥିବା ସାର୍ଟିଫାଏଡ୍ ଏଥିକାଲ୍ ହ୍ୟାକର (ସିଇଏଚ୍) କାର୍ଯ୍ୟକ୍ରମରେ କେଏଲ୍‌ଏଚ୍ କ୍ୟାମ୍ପସରୁ ଉଲ୍ଲେଖନୀୟ ସଫଳତା ମିଳିଛି।

# ବରଗଡ଼ ଜାତୀୟ ହସ୍ତତନ୍ତ ସମ୍ମିଳନୀ ଉଦ୍‌ଘାଟିତ

**ବରଗଡ଼, ୪।୧ (ସମିସ):** ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ଓ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ (ଡବ୍ଲୁଓଡିସି)ର ସହଯୋଗରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ ବରଗଡ଼ ଜାତୀୟ ହସ୍ତତନ୍ତ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହାକୁ ରାଜ୍ୟ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ଭାରତର ୨୦ଟି ରାଜ୍ୟର ୫୦ରୁ ଅଧିକ ପ୍ରଦର୍ଶକ ତଥା ବିକ୍ରେତା ଯୋଗଦେଇ ହସ୍ତତନ୍ତ କ୍ଷେତ୍ରର ବିବିଧତା ଏବଂ ସୃଜନଶୀଳତା ପ୍ରଦର୍ଶନ କରିଛନ୍ତି। ବଲିଉଡ୍ ଅଭିନେତ୍ରୀ ଦିଆ ମିର୍ଜା ରନ୍‌ୱେ ପାଇଁ ଶୋ' ଟପର୍ ଭାବରେ ରାମ୍ପ-ୱାକ୍ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟକ ସ୍ନେହାଙ୍ଗିନୀ ଛୁରିଆ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ସଚିବ ଶୋଭନ କ୍ରିଷ୍ଣା ସାହୁ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ ଓ ବରଗଡ଼ ଡିଆରଡିଏର ପିଡି ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି ଯେ ଏହି ସମ୍ମିଳନୀ ବରଗଡ଼କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ଜାତୀୟ ସ୍ତରକୁ ନେବାକୁ ଯାଉଛି। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅଞ୍ଚଳର ୬୦ ହଜାର ବୁଣାକାରଙ୍କ ଜୀବନକୁ ପ୍ରଭାବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ସାହାଯ୍ୟରେ ହସ୍ତତନ୍ତ କଳାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାର ଚେଷ୍ଟା ଜାରି ରହିଛି। ବୟନ ଜ୍ୟୋତି ଯୋଜନା, ଦକ୍ଷତା ତାଲିମ ଯୋଜନା ମାଧ୍ୟମରେ ଓଡ଼ିଶା ସରକାର ବୁଣାକାରମାନଙ୍କୁ ରୋଜଗାର ଯୋଗାଇ ଦେଉଛନ୍ତି।

# ଏସ୍‌ଟିଏଫ୍ ପାଇଁ ସଫଳତାର ବର୍ଷ 'ତେଇଶି'

**ଭୁବନେଶ୍ୱର, ୪।୧(ସମିସ)**

- ୮ କିଲୋ ବ୍ରାଉନସୁଗର; ୪୫୬ ଗଞ୍ଜେଇ ଜବତ
- ୧୫ ବାଘଛାଲ, ୬ଟି ହରିଣ ଛାଲ ୧୦ ବଜ୍ରକାପ୍ତା ଉଦ୍ଧାର
- ୭୨ ଲକ୍ଷ ନକଲି ନୋଟ୍, ଟନ୍‌ଟନ୍ ଖଣିଜଦ୍ରବ୍ୟ ଜବତ

କ୍ରାଇମ୍‌ବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ଲାଗି ବର୍ଷ ୨୦୨୩ ଥିଲା ଆଉ ଏକ ସଫଳତାର ବର୍ଷ। ନିଶା ମାଫିଆଙ୍କୁ ଛାଟ, ବନ୍ୟଜନ୍ତୁ ଶିକାର ବିରୋଧରେ ଶୂନ୍ୟ ସହନଶୀଳ ନୀତି, ନକଲି ନୋଟ୍ ଜବତ ଆଦି କ୍ଷେତ୍ରରେ ବ୍ୟାପକ ଧରପଗଡ଼ ଏବଂ ଖଣିଜଦ୍ରବ୍ୟ ଜବତରେ ଏସ୍‌ଟିଏଫ୍ ଏହି ବର୍ଷ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୂରା ବର୍ଷରେ ଏସ୍‌ଟିଏଫ୍ ୪୧ଟି ମାମଲାରେ ୭୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ୬ଟି ରାଜ୍ୟର ୭ଜଣ ମୋଷ୍ଟୱାଣ୍ଟେଡ୍ ଅପରାଧୀ ରହିଥିବା ବେଳେ ଓଡ଼ିଶାର ଅପରାଧୀ ସଂଖ୍ୟା ୬୮ ରହିଛି। ପଶ୍ଚିମବଙ୍ଗରୁ ୨ଜଣ, ମଣିପୁର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆସାମ ଓ ଜାମୁ କାଶ୍ମୀରରେ ଜଣେ ଲେଖାଏଁ କୁଖ୍ୟାତ ଅପରାଧୀ ଏସ୍‌ଟିଏଫ୍ ପଞ୍ଝାରେ ଫସିଛନ୍ତି।

ଏହି ବର୍ଷ ଏସ୍‌ଟିଏଫ୍ ୮ କେଜି ବ୍ରାଉନସୁଗର, ୪୫୬ କେଜି ଗଞ୍ଜେଇ, ୨ କେଜି ୮୮୦ ଗ୍ରାମ୍ ଅଫିମ ଜବତ ହୋଇଛି। ନିଶା କାରବାର କରି ଅମାପ ସମ୍ପତ୍ତିର ମାଲିକ ହୋଇଥିବା ନିଶା ମାଫିଆଙ୍କ ୭୫ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ କୋଲକାତାରେ ଥିବା କ୍ଷମତାପ୍ରାପ୍ତ ଅଧିକାରୀ(କମ୍ପିଟାଣ୍ଟ) ଜବତ କରିଛି। ସେହିଭଳି ଏସ୍‌ଟିଏଫ୍ ଜବତ କରିଥିବା ବ୍ରାଉନସୁଗର ଓ ଗଞ୍ଜେଇକୁ ନଷ୍ଟ କରିବା ପ୍ରକ୍ରିୟା ଜାରି ରହିଛି। ଗତ ବର୍ଷ ୩୯ କିଲୋ ବ୍ରାଉନସୁଗର, ୮୦ କୁଇଣ୍ଟାଲ ଗଞ୍ଜେଇ ପୋଡ଼ି ନଷ୍ଟ କରି ଦିଆଯାଇଛି।

ବନ୍ୟପ୍ରାଣୀ ଶିକାରକୁ ମୂଳୋତ୍ପାଟନ କରିବା ଲାଗି ଏସ୍‌ଟିଏଫ୍ ପକ୍ଷରୁ ଜାରି ରଖିଛି ଜିରୋ-ଟଲରାନ୍ସ ନୀତି। ଏଥିରେ ୧୪ଟି କଲରାପତରିଆ, ଗୋଟିଏ ମହାବଳ ବାଘ ଛାଲ, ୧୦ ଜୀବନ୍ତ ବଜ୍ରକାପ୍ତା, ୬ଟି ହରିଣଛାଲ, କଚ୍ଛିମ ଓ ବାରହା କାତି ଜବତ ହୋଇଛି। ସେଭଳି ନକଲି ନୋଟ୍ ବିରୋଧରେ ସ୍ୱତନ୍ତ୍ର ଧରପଗଡ଼ ପ୍ରକ୍ରିୟା ଜାରି ରହିଛି। ୨ଟି ମାମଲାରେ ୭୨ଲକ୍ଷ ୪୩ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରାଯାଇଛି।

ଚୋରା ଖଣିଜଦ୍ରବ୍ୟ ଚାଲାଣ ରୋକିବାରେ ମଧ୍ୟ ଏସ୍‌ଟିଏଫ୍‌କୁ ବଡ଼ ସଫଳତା ମିଳିଛି। ବର୍ଷରେ ୧୫ ଟନ୍ ପଥର କୋଇଲା, ୧୧ଟନ୍ କାଠ କୋଇଲା, ୩୩୦ଟନ୍ କ୍ରୋମାଇଟ, ୪ଟି ଟ୍ରକ, ୬ଟି ଜେସିବି, ୩ଟି ପଥର ଭଙ୍ଗା ମେସିନ, ୪୧ଟି ଲୁହାପଥର ବୋଝେଇ ଟ୍ରକ୍ ଜବତ ହୋଇଛି। ଏଥିସହ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାରେ ବ୍ୟବହାର ହେଉଥିବା ବିସ୍ଫୋରକ ବି ଜବତ ହୋଇଛି। ୨୦୦ଟି ଡିଟୋନେଟର, ୭୫ଟି ଜିଲୋଟିନ୍ ଓ ୫୦ କେଜି ଆମୋନିୟମ ନାଇଟ୍ରେଟ ଜବତ ହୋଇଥିବା ଏସ୍‌ଟିଏଫ୍ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ପିଏନ୍‌ବି ଏମ୍‌ଡିଙ୍କ ଭୁବନେଶ୍ୱର ଗସ୍ତ

**ଭୁବନେଶ୍ୱର,୪।୧(ସମିସ):** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତୁଲ କୁମାର ଗୋଏଲ ଦୁଇଦିନିଆ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ସର୍ବଭାରତୀୟ ପିଏନ୍‌ବି ଅଧିକାରୀ ସଂଘର ସଦସ୍ୟମାନେ ସହାୟକ ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ଶ୍ରୀ ଗୋଏଲଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡି ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ସେ ମଧ୍ୟ ସଂସଦୀୟ କମିଟି ବୈଠକରେ ଯୋଗଦେବା ସହ ରାଜ୍ୟରେ ଥିବା ବ୍ୟାଙ୍କଗୁଡିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରିବେ।



# ୨୮୫ ବିଲ୍ଡର୍ ସଂସ୍ଥାକୁ 'ଓରେରା' ଛାଟ

### କ୍ୟୁପିଆର୍ ଦାଖଲ କରିନଥିବାରୁ ନୋଟିସ୍

**ଭୁବନେଶ୍ୱର, ୪।୧(ସମିସ):** ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ(ଓରେରା) ପକ୍ଷରୁ ୨୮୫ଜଣ ବିଲ୍ଡର୍ ସଂସ୍ଥା (ପ୍ରମୋଟର୍ସ)ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ନିର୍ଦ୍ଧାରିତ ସମୟରେ ଏହି ପ୍ରମୋଟର୍ସମାନେ ଏମାନଙ୍କର ପ୍ଲଟିଂ ଓ ବାସଗୃହ ପ୍ରକଳ୍ପର ତ୍ରୟମାସିକ ଅଗ୍ରଗତି ରିପୋର୍ଟ(କ୍ୟୁପିଆର୍) ଦାଖଲ କରି ନଥିବାରୁ ଓରେରା ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥରେ ଘର ଖଣ୍ଡେ କିଣିବା ପାଇଁ ଲକ୍ଷାଧିକ ଗୃହକ୍ରେତା ବିଲ୍ଡର ଓ ପ୍ରମୋଟର୍ସମାନଙ୍କୁ ଅଗ୍ରୀମ ଟଙ୍କା ଦେଉଛନ୍ତି। ଗ୍ରାହକଙ୍କଠାରୁ ବୁକିଂ ରଖିବା ପରେ ବିଲ୍ଡର୍ ଓ ପ୍ରମୋଟର୍ସମାନେ ତାଙ୍କ ପ୍ଲଟିଂ ସ୍କିମ୍ ଓ ବାସଗୃହ ପ୍ରକଳ୍ପ କାର୍ଯ୍ୟ ଜାରି ରଖୁଛନ୍ତି। ଘର ସମ୍ପୂର୍ଣ୍ଣ ହେବା ପରେ ପୂର୍ଣ୍ଣ ଟଙ୍କା ଏହି ସଂସ୍ଥାମାନେ ପାଉଛନ୍ତି। ହେଲେ କିଛି ସଂସ୍ଥା ମନମୁଖୀ ଆଚରଣ କରୁଛନ୍ତି। ଗୃହକ୍ରେତାଙ୍କଠାରୁ ଅଗ୍ରୀମ ଟଙ୍କା ପାଇବା ପରେ ମଧ୍ୟ ଗୃହ ନିର୍ମାଣରେ ବିଳମ୍ବ କରୁଛନ୍ତି। ଗୃହକ୍ରେତାଙ୍କ ଟଙ୍କା ନେଇ ଅନ୍ୟତ୍ର ବ୍ୟୟ କରୁଛନ୍ତି। ଫଳରେ ଗୃହକ୍ରେତାମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଏଥିପାଇଁ ୨୦୧୬ ମସିହାରେ ସେକ୍ସନ ୧୧(୧) ରେରା ନିୟମ ଲାଗୁ ହେଲା। ଏହି ନିୟମ ଅନୁଯାୟୀ ପ୍ରମୋଟର୍ସ ସଂସ୍ଥାମାନେ ପ୍ରତି ତିନି ମାସକୁ ଥରେ ସେମାନଙ୍କ କ୍ୟୁପିଆର୍ ରିପୋର୍ଟ ଓରେରା ପାଖରେ ଜମା କରିବେ। ଏଥିରେ ସେମାନେ ଗୃହ ପ୍ରକଳ୍ପର ଅଗ୍ରଗତି ସମେତ ଗୃହ ପ୍ରକଳ୍ପରେ ଖର୍ଚ୍ଚ ହେଉଥିବା ଅର୍ଥର ବିଶଦ ବିବରଣୀ ପ୍ରଦାନ କରିବେ। ଯେଉଁ ସଂସ୍ଥା କ୍ୟୁପିଆର୍ ଦାଖଲ କରିନଥିବ, ସେହି ସଂସ୍ଥା ଅବଧିରୁ ୧୫ଦିନ ଭିତରେ ଦାଖଲ ନ କଲେ ପ୍ରତି କ୍ୟୁପିଆର୍ ପିଛା ୫ହଜାର ଟଙ୍କା ଜରିମାନା ଦେବାକୁ ଥିବା ବେଳେ ତା'ଠାରୁ ଅଧିକ ଦିନ ହେଲେ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ୨୦୧୭ରୁ ଏହି ନିୟମ ଲାଗୁ ହୋଇଥିବା ବେଳେ ଏହି ସଂସ୍ଥାମାନେ ସେବେଠାରୁ ନିଜର କ୍ୟୁପିଆର୍ ଦାଖଲ କରିନଥିଲେ। ଏବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ● ବ୍ରାହ୍ମଣୀ ଓ ଶାଖା ନଦୀ ପ୍ରଦୂଷଣ ମାମଲା

# ମୁଖ୍ୟ ଶାସନ ସଚିବଙ୍କ ସତ୍ୟପାଠ ଦାଖଲ

**କଟକ, ୪।୧(ସମିସ):** ବ୍ରାହ୍ମଣୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳ ପ୍ରଦୂଷଣ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ ହୋଇଛି। ଏହି ନଦୀର ପ୍ରଦୂଷଣ ସହ ନଦୀରେ ମିଶିଥିବା ଦମଶାଳା ନାଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଏହି ସତ୍ୟପାଠ ଦିଆଯାଇଛି। ବ୍ରାହ୍ମଣୀ ଓ ଶାଖା ନଦୀ ପ୍ରଦୂଷଣ ସାନି ମୂଲ୍ୟାୟନ ପାଇଁ କମିଟି ଗଠନ ହେବ। ଏଥିପାଇଁ ବିଶେଷଜ୍ଞମାନଙ୍କ ତାଲିକା ପ୍ରଦାନ ପାଇଁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ବିଶେଷଜ୍ଞ ତାଲିକା ଦେବାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାଉନସେଲ ବିଭୁପ୍ରସାଦ ତ୍ରିପାଠୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁଆରୀ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

### ● ପ୍ରଦୂଷଣମୁକ୍ତ ହ୍ରଦ ପାଇଁ ସରକାରଙ୍କ ଆଉ ଏକ ପଦକ୍ଷେପ

# ଚିଲିକାରେ ଚାଲିବ ସୌରଚାଳିତ ବୋଟ୍



**ଓରେଡା ପକ୍ଷରୁ ଟେଣ୍ଡର୍ ଆହ୍ୱାନ**

**୬ରୁ ବିଡିଂ ପ୍ରକ୍ରିୟା ଆରମ୍ଭ**

**ଚିଲିକାରେ ସଫଳ ହେଲେ ଅନ୍ୟ ସ୍ଥାନରେ ଆରମ୍ଭ ହେବ**

**ଭୁବନେଶ୍ୱର, ୪।୧(ସମିସ):** ଚିଲିକାରେ ପ୍ରଦୂଷଣ କମାଇବା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଚିଲିକାରେ ସୌରଚାଳିତ ଇଲେକ୍ଟ୍ରିକ ବୋଟ୍ ଚଳାଚଳ କରିବାକୁ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା(ଓରେଡା) ପକ୍ଷରୁ ଇ-ଟେଣ୍ଡର୍ ଆହ୍ୱାନ କରାଯାଇଛି। ଚିଲିକାର ବିଭିନ୍ନ ସ୍ଥାନ ପାଇଁ ୨୦ ସିଟ୍ ବିଶିଷ୍ଟ ସୌରଚାଳିତ ବୋଟ୍ ଚଳାଚଳ କରିବ। ଏହାର ଡିଜାଇନ୍, ଇଞ୍ଜିନିୟରିଂ, ଉତ୍ପାଦନ, ଯୋଗାଣ, ପରିବହନ ପାଇଁ ଏହି ଟେଣ୍ଡର୍ ଆହ୍ୱାନ କରାଯାଇଛି।

ସୂଚନା ଅନୁଯାୟୀ, ଆସନ୍ତା ୬ ତାରିଖରୁ ବିଡିଂ ପ୍ରକ୍ରିୟା ଆରମ୍ଭ ହେବ। ଏହା ପ୍ରାୟ ମାସେ ଧରି ଚାଲିବ। ଓରେଡା ପକ୍ଷରୁ ଯେଉଁ ଇ-ଟେଣ୍ଡର୍ ନୋଟିସ୍ ପ୍ରକାଶ ପାଇଛି। ସେଥିରେ ସୌରଚାଳିତ ବୋଟ୍ ସମ୍ପର୍କରେ ବିଶଦ୍ ତଥ୍ୟ ଉପଲବ୍ଧ ରହିଛି। ପ୍ରାଥମିକ ଭାବେ ପାଇଲଟ୍ ପ୍ରକଳ୍ପ ଭାବେ ଏହା ଚିଲିକାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଯଦି ସଫଳ ହୁଏ, ତାହେଲେ ରାଜ୍ୟ ସରକାର ଏହାକୁ ରାଜ୍ୟର ଅନ୍ୟ ସ୍ଥାନରେ କାର୍ଯ୍ୟାନ୍ୱୟନ କରିବାକୁ ବିଚାର କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଏସିଆର ସବୁଠାରୁ ବଡ଼ ଲବଣାକ୍ତ ହ୍ରଦ ଚିଲିକା 'ରାମସାର ସମ୍ମିଳନୀ ଅଧୀନରେ ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି'(ରାମସାର ୱେଟ୍ ଲ୍ୟାଣ୍ଡ ଅଫ୍ ଇଣ୍ଟରନ୍ୟାସନାଲ ଇମ୍ପୋର୍ଟାନ୍ସ) ରେ ସ୍ଥାନିତ ହୋଇଛି। ହଜାର ହଜାର ପ୍ରବାସୀ ପକ୍ଷୀଙ୍କ ଦୀର୍ଘଯାତ୍ରାରେ ଚିଲିକା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ଥାୟୀ ରହଣି (ଷ୍ଟପ୍ ଓଭର୍ ପଏଣ୍ଟ) ଭାବେ କାର୍ଯ୍ୟ କରେ। ଚିଲିକା ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ଜଳଜୀବଙ୍କ ସହ ବିରଳ ଇରାୱାଡି ଡଲଫିନ୍‌ଙ୍କ ଘର ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ଏହି ହ୍ରଦରେ ଡିଜେଲ୍ ଚାଳିତ ମୋଟର ବୋଟ୍ ବ୍ୟବହାର ଦ୍ୱାରା ଏହା ବିଭିନ୍ନ ପ୍ରକାର ପ୍ରଦୂଷଣର କାରଣ ହେଉଛି। ଏହା ପ୍ରଭାବରେ ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା କମିବା ସହ ଡଲଫିନ୍ ମଧ୍ୟ ଦୂରେଇ ଯିବାର ଆଶଙ୍କା ରହିଛି। ତେଣୁ ଚିଲିକାରେ ସୌରଚାଳିତ ବା ବ୍ୟାଟେରୀ ଚାଳିତ ବୋଟ୍ ଚାଲିବା ନେଇ ନିଷ୍ପତ୍ତି ନିଆଯାଇଛି। ଏନେଇ ଗତ ଅକ୍ଟୋବର ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଚିଲିକାରେ ସୌର ବୋଟ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିଲା।

# ସମ୍ପତ୍ତି ତାଲିକା ନ ଦେଲେ ଜେଲ୍ କର୍ମଚାରୀଙ୍କ ପଦୋନ୍ନତି ବନ୍ଦ

**ଭୁବନେଶ୍ୱର, ୪।୧(ସମିସ):** ଜେଲ୍ ବିଭାଗରେ '୫-ଟି' ଲାଗୁ ହେବା ପରେ ସ୍ୱଚ୍ଛତା ଆସିଛି। ଜେଲ୍ କର୍ମଚାରୀ ଯେପରି ଦୁର୍ନୀତି କିମ୍ବା ଟଙ୍କା କାରବାରରେ ଲିପ୍ତ ନ ରହିବେ, ସେଥିପାଇଁ ସେମାନଙ୍କୁ ସମ୍ପତ୍ତି ତାଲିକା ମାର୍ଚ୍ଚ ୩୧ ସୁଦ୍ଧା ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ କଡାକଡ଼ି ପାଳନ କରିବାକୁ ମଧ୍ୟ ଜେଲ୍ ନିର୍ଦ୍ଦେଶାଳୟ ସମସ୍ତ ଜେଲ୍, ଉପ-କାରାଗାର ଅଧୀକ୍ଷକ ଏବଂ ଜେଲର୍‌ଙ୍କୁ କୁହାଯାଇଛି। ଗ୍ରୁପ୍-ସି ଏବଂ ଗ୍ରୁପ୍ -ଡି କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ଅନ୍‌ଲାଇନ୍‌ରେ ଦାଖଲ କରିବାରେ ସମସ୍ୟା ହେଲେ, ଜେଲ୍ ଅଧୀକ୍ଷକ କିମ୍ବା ତାଙ୍କର ଉପରିସ୍ଥ ଅଧିକାରୀଙ୍କ ସହଯୋଗ ନେଇ ଅନ୍‌ଲାଇନ୍‌ରେ ଦାଖଲ କରିପାରିବେ। ଯେଉଁମାନେ ସମ୍ପତ୍ତି ତାଲିକା ଦାଖଲ କରିବେ ନାହିଁ, ସେମାନଙ୍କର ପଦୋନ୍ନତି ବନ୍ଦ କରାଯିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦର୍ଶାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୪୪୧ କନିଷ୍ଠ ଯନ୍ତ୍ରୀଙ୍କୁ...

କରିଥାଏ। ଏହି ବିଭାଗର ଯନ୍ତ୍ରୀମାନେ ଚାଷ ଜମିକୁ ଜଳ ଯୋଗାଣ, ବନ୍ୟା ଦାଉରୁ ସୁରକ୍ଷା ଏବଂ ପାନୀୟ ଜଳ, ଶିଳ୍ପ, ମତ୍ସ୍ୟ ଚାଷ ଏବଂ ଅନେକ ଜୀବନ ପରିବର୍ତ୍ତନକାରୀ କାର୍ଯ୍ୟ ନିଜ ହାତକୁ ନେଇଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ଏବେ ୪ ହଜାରରୁ ଅଧିକ ଡ୍ୟାମ୍ ରହିଥିବା ବେଳେ ଆହୁରି ଅନେକ ପ୍ରକଳ୍ପର ନିର୍ମାଣ କାମ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୩୦ଟି ନଦୀଗର୍ଭ ଜଳାଶୟ କାମ ଆରମ୍ଭ ହୋଇଥିଲା ବେଳେ ପରବର୍ତ୍ତି ପର୍ଯ୍ୟାୟରେ ଆଉ ୪୧ଟି ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପ ଗୁଡିକ ଜଳ ସଂରକ୍ଷଣ, ଗ୍ରାମୀଣ ଅଞ୍ଚଳକୁ ଜଳ ଯୋଗାଣ, ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେବ। ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନର ମୁକାବିଲା କରିବାରେ ଏହି ପ୍ରକଳ୍ପ ଗୁଡିକ ବେଶ୍ ଉପାଦେୟ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜ୍ୟ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଚାଷୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମ କରୁଛନ୍ତି। ଏକ ନୂତନ ଓଡ଼ିଶା ଗଠନରେ ଚାଷୀମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବେ। ରାଜ୍ୟର ରୂପାନ୍ତରଣ ଯାତ୍ରାରେ ଯନ୍ତ୍ରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦୁଇ ଜଣ ନବ ନିଯୁକ୍ତ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାମଲ ଓ ଜୀବନ ଜ୍ୟୋତି ରାଉତ କହିଥିଲେ, ଅଟୋମେଟିକ୍ ଟଏସ୍ ଲକିଂ ବ୍ୟବସ୍ଥା ମାଧ୍ୟରେ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଓ ତ୍ୱରିତ ହୋଇଥିବା ପ୍ରକାଶ କରିଛନ୍ତି। ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଆମେ ଜଳସମ୍ପଦ ଭିତ୍ତିଭୂମି ସୃଷ୍ଟି କରୁଥିବାରୁ କୃଷକ ସଶକ୍ତିକରଣରେ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଏହି ବିଭାଗର କାର୍ଯ୍ୟ ପରିସର ଓ ଦାୟିତ୍ୱ ବୃଦ୍ଧି ପାଉଥିବାରୁ ଆପଣମାନେ ଏକ ଟିମ୍ ଭାବେ କାମ କରି ଅତ୍ୟାଧୁନିକ ବୈଷୟିକ କୌଶଳ ଜରିଆରେ ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ ଶେଷ କରିବା ଉଚିତ। କାର୍ଯ୍ୟକ୍ରମ ଶେଷରେ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ମାସରେ ସୁନ୍ଦରଗଡ଼କୁ...

ପରିଦର୍ଶନ କରିବା ସହ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତି ନେଇ ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି। ସମଲେଇ ମନ୍ଦିର ବ୍ୟତୀତ ରାଉରକେଲାର ବେଦବ୍ୟାସ ମନ୍ଦିର, ଗୋଘର ଶିବ ମନ୍ଦିର ଓ ବେଲସରା ଶିବ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଛନ୍ତି ଶ୍ରୀ ପାଣ୍ଡିଆନ୍। ଏହାପରେ ରାଜଗାଙ୍ଗପୁରର ଜାମପାଲି ପଡ଼ିଆଠାରେ ଆୟୋଜିତ ଏକ ବିରାଟ ଜନ ସମାବେଶରେ ଯୋଗ ଦେଇଛନ୍ତି। ସମାବେଶରେ ସେ ସାଧାରଣ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ନବବର୍ଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ଓ ସେମାନଙ୍କର ଆପତ୍ତି ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶାକୁ ସଶକ୍ତ କରିବା ହିଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ସେଥିପାଇଁ ଏ ସରକାର ସାଧାରଣ ଲୋକଙ୍କର ଓ ଆପଣମାନଙ୍କର ସରକାର। ଏଥିପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ମା'ମାନେ ଆଗେଇ ଆସିଲେ ଓଡ଼ିଶା ଦୌଡ଼ିବ, ଅଧିକ ସଶକ୍ତ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ମାର୍ଚ୍ଚ ମାସ ୧୨ ତାରିଖରେ ସେ ସୁନ୍ଦରଗଡ଼ ଜିଲ୍ଲାକୁ ଆସିଥିଲେ। ସେତେବେଳେ ସେ ରାଜଗାଙ୍ଗପୁରବାସୀଙ୍କ ପାଖରୁ ୪୦୦ଟି ଅଭିଯୋଗ ପତ୍ର, ଦରଖାସ୍ତ ନେଇ ସମାଧାନ ପାଇଁ ଏଠାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ନେଇ ଯାଇଥିଲେ। ଏହି ଆଧାରରେ ପ୍ରାୟ ସୁନ୍ଦରଗଡ ଜିଲ୍ଲା ପାଇଁ ୯୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଲୋକଙ୍କ ଦାବି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଆଦିର ବିକାଶ ପାଇଁ ୯୦ ପ୍ରତିଶତ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ରାଜଗାଙ୍ଗପୁରବାସୀଙ୍କ ସବୁଠାରୁ ବଡ଼ ଦୁଃଖ କୁହାଯାଉଥିବା ୧୫ ବର୍ଷର ଅସମାଧିତ ସମସ୍ୟା ରାଜଗାଙ୍ଗପୁରର ରେଲୱେ ଓଭର ବ୍ରିଜ ସମ୍ପର୍କରେ ଅବଗତ ହେବା ପରେ ଏହାକୁ ସମାଧାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୪୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ମନ୍ଦିରର ରୂପାନ୍ତରଣ ତଥା ସର୍ବାଙ୍ଗୀନ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ସରବତୀ ଦେବୀ ମହାବିଦ୍ୟାଳୟ, ଡାଲମିଆ ମହାବିଦ୍ୟାଳୟ ଓ ବେଦବ୍ୟାସ ମହାବିଦ୍ୟାଳୟ ପାଇଁ ୧ କୋଟି ୨୫ ଲକ୍ଷ ଲେଖାଏଁ ୩ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଭିତ୍ତିଭୂମି ତଥା ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଜଗାଙ୍ଗପୁରରେ ଥିବା ସମସ୍ତ ସ୍କୁଲ କଲେଜକୁ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ କରାଯାଇଛି। ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ, ସାଇନ୍ସ କ୍ଲାସ୍ ଆଦି ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ଏହିମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମାପ୍ତ ହୋଇଯିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ମାର୍ଚ୍ଚ ୧୨ ତାରିଖରୁ ଏପର୍ଯ୍ୟନ୍ତ ମାତ୍ର ୮ ମାସ ଭିତରେ ବିଭିନ୍ନ ଅଭିଯୋଗପତ୍ରର ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ ପାଇଁ ମୋଟ୍ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆଜି ବି ଯେଉଁ ଦରଖାସ୍ତ ତଥା ଅଭିଯୋଗପତ୍ର ମିଳିଛି, ସେସବୁକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବେ। ମନ୍ଦିର, ମସଜିଦ୍ ଚର୍ଚ୍ଚ ଏବଂ କମ୍ୟୁନିଟି ହଲ୍ ନିର୍ମାଣ ବା ରୂପାନ୍ତରଣ ପାଇଁ ଯେଉଁ ଦରଖାସ୍ତ ଆସିଛି, ସେ ବିଷୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନ୍ତା ୧୦ ଦିନ ଭିତରେ ଖୁସି ଖବର ଘୋଷଣା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ପାଇଁ ବିଜୁ ସ୍ୱାସ୍ଥ୍ୟ ଯୋଜନା କରିଛନ୍ତି। ଏଥିରେ ପୁରୁଷଙ୍କ ଚିକିତ୍ସା ପାଇଁ ୫ ଲକ୍ଷ, ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗ୍ରାମାଞ୍ଚଳରେ ସବୁ ଲୋକେ ଯେପରି ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହୋଇପାରିବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ କାର୍ଡ ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ମାସ ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ନିଜ ନିଜ ନାମ ପଞ୍ଜୀକରଣ କରିପାରିବେ।

ଲକ୍ଷ୍ମୀ ଯୋଜନାରେ ଆସନ୍ତା ଫେବ୍ରୁଆରୀ ମାସରୁ ପ୍ରତି ପଞ୍ଚାୟତରୁ ବ୍ଲକ୍ ପର୍ଯ୍ୟନ୍ତ ଲକ୍ଷ୍ମୀ ବସ୍ ଗଡ଼ିବ। ମାତ୍ର ୫ ଟଙ୍କାରେ ଏହି ବସ୍‌ରେ ସମସ୍ତେ ଯାତ୍ରା କରିପାରିବେ। ସୁନ୍ଦରଗଡ଼ ଜିଲ୍ଲାର ବହୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ନାହିଁ। ମୁଖ୍ୟମନ୍ତ୍ରୀ ଏବେ ସବୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା କରିବାକୁ 'ଆମ ବ୍ୟାଙ୍କ' ଯୋଜନା ଘୋଷଣା କରିଛନ୍ତି। ସେଠାରେ ଆପଣ ବିଭିନ୍ନ ଭତ୍ତାଠାରୁ ଆରମ୍ଭ କରି ଋଣ ଆଦି ସୁବିଧା ନେଇପାରିବେ ବୋଲି ସେ କହିଛନ୍ତି। ସେହିପରି ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂଆଗାଁଠାରେ ଆୟୋଜିତ ସଭାରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୨ଟି ଏବଂ ବଣେଇ ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ ନୂଆ ସରକାରୀ ଡିଗ୍ରୀ କଲେଜ ଖୋଲିବା ନେଇ ସେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ବଣେଇଁରେ ଡାଏଲେସିସ ସେଣ୍ଟର ପାଇଁ ମୁଖ୍ୟମନ୍ତ୍ରୀ ୧.୮୧ କୋଟି ଟଙ୍କା ମଞ୍ଜୁର କରିଥିବା ଶ୍ରୀ ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲାକୁ ବହୁତ ଭଲ ପାଆନ୍ତି। ତାର ବାସ୍ତବ ନିଦର୍ଶନ ହେଉଛି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଠାରେ ବିଶ୍ୱର ସର୍ବ ଶ୍ରେଷ୍ଠ ହକି ଷ୍ଟାଡିୟମ୍ ନିର୍ମାଣ। ଏହାଦ୍ୱାରା ସୁନ୍ଦରଗଡ଼କୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ନୂଆ ପରିଚୟ ଦେଇ ଓଡ଼ିଶାରେ ଇତିହାସ ସୃଷ୍ଟି କରିଛନ୍ତି। ସୁନ୍ଦରଗଡ଼ ହେଉଛି ହକିର ଏନ୍ତୁଡ଼ିଶାଳ, ଯେଉଁଠାରୁ ବହୁ ସଂଖ୍ୟାରେ ଯୁବ କ୍ରୀଡାବିତ୍ ହକିରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଓଡ଼ିଶା ପାଇଁ ଗୌରବ ସାଉଁଟିଛନ୍ତି। ଆନ୍ତର୍ଜାତୀୟ ମାନଚିତ୍ରରେ ସୁନ୍ଦରଗଡ଼କୁ ସ୍ଥାନ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ମାତ୍ର ୧୫ ମାସ ମଧ୍ୟରେ ରାଉରକେଲାରେ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ହକି ଷ୍ଟାଡିୟମ୍ ନିର୍ମାଣ ସମ୍ପୂର୍ଣ୍ଣ କରାଇ ପୁରୁଷ ବିଶ୍ୱକପ୍ ଆୟୋଜନ କରିଛନ୍ତି। କଥା କମ୍ ଏବଂ କାମ ଅଧିକ କରିବାରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁନ୍ଦରଗଡ ଜିଲ୍ଲାବାସୀଙ୍କୁ ଭଲ ପାଇବା ଏବଂ ଜିଲ୍ଲା ପ୍ରତି ପ୍ରତିବଦ୍ଧତାର ଏହା ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ।

## ଉତ୍କଳ ସଂସ୍କୃତି...

ଜୟନ୍ତୀ ଅବସରରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଏହା କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ବର୍ଷକ ମଧ୍ୟରେ ପ୍ରେକ୍ଷାଳୟ ନିର୍ମାଣ କରିବାକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି, ସଂସ୍କୃତି ହିଁ ଗୋଟିଏ ସମାଜ, ଜାତି ଓ ମଣିଷର ପରିଚୟ। ଓଡ଼ିଶାର କଳା ଓ ସଂସ୍କୃତି ପ୍ରାଚୀନ କାଳରୁ ସମୃଦ୍ଧ ଓ ପରିଚିତି ହାସଲ କରିଛି। ପ୍ରତିଦିନ ସଂସ୍କୃତିରେ ପରିବର୍ତ୍ତନ ଘଟୁଛି। ପୂର୍ବରୁ ସାଧବ ପୁଅମାନେ ବିଦେଶ ଯାଇ ବାଣିଜ୍ୟ କାରବାର କରୁଥିଲେ। ଏବେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବିଦେଶକୁ ଯାଇ ବାଣିଜ୍ୟ କରୁଛନ୍ତି। ଏହା ହେଉଛି ପରିବର୍ତ୍ତିତ ସଂସ୍କୃତିର ପରିଚାୟକ। ଏହି ବିଶ୍ୱବିଦ୍ୟାଳୟ ପ୍ରାଚୀନ ସଂସ୍କୃତିକୁ ଲିପିବଦ୍ଧ କରିବା ସହ ଆଧୁନିକ ସଂସ୍କୃତିକୁ ଦିଗ୍‌ଦର୍ଶନ ଦେବାରେ ସକ୍ରିୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଜିର ଯୁବପିଢ଼ିଙ୍କୁ ଆବଶ୍ୟକ ସାଂସ୍କୃତିକ ଦିଗ୍‌ଦର୍ଶନ ଦେବାରେ ମଧ୍ୟ ସହାୟକ ହେବ। ସମ୍ପ୍ରତି ଚାଲିଥିବା ଗବେଷଣା ଆଗାମୀ ପିଢ଼ି ପାଇଁ ମାର୍ଗପ୍ରଦର୍ଶକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ପୁରୁଣା ସଂସ୍କୃତିକୁ ପ୍ରାମାଣିକ କରିବା ପାଇଁ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷସ୍ପର୍ଶ ପାଇବାକୁ ଯାଉଛି। ସମାନ୍ତରାଳ ଭାବେ ମେଟ୍ରୋ ପ୍ରକଳ୍ପ, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପରିବେଷ୍ଟିତ କମ୍ପାନୀକୁ ଓଡ଼ିଶା ଆଣି ସରକାର ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛନ୍ତି। ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଏକା ସମୟରେ ହେଉଥିବାରୁ ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିଛି। ରୂପାନ୍ତରଣ ପ୍ରକ୍ରିୟା ଏହାର ସୂତ୍ରଧର ବୋଲି ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି। ଏହାସହ ସଫଳତାରେ ଆତ୍ମବିଭୋର କିମ୍ବା ବିଫଳତାରେ ଧୈର୍ଯ୍ୟହରା ନ ହୋଇ ନିଷ୍ଠାର ସହ କାର୍ଯ୍ୟ କଲେ ଆହୁରି ଅଧିକ ସଫଳତା ମିଳିପାରିବ। ପିତାମାତା ଓ ଗୁରୁଙ୍କୁ ସମ୍ମାନ ଦେବା ସହ ତାଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ସଫଳତାର ଶିଖର ଛୁଇଁ ହେବ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହ ରୌପ୍ୟ ଜୟନ୍ତୀ ସମାରୋହ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ, ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ସହ ସାହିତ୍ୟ, କଳା ଓ ଐତିହ୍ୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୌଦ୍ଧିକ ବିକାଶ ହେଲେ ସମାଜର ବିକାଶ ହୋଇପାରିବ। କୁଳସଚିବ ଅନାମିକା ଅଧିକାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟରେ ପୂର୍ବରୁ ୧୯ଟି ବିଭାଗ ଥିବାବେଳେ ନୂତନ କରି ସାଂସ୍କୃତିକ ଐତିହ୍ୟ ଓ ସୁରକ୍ଷା ଏବଂ ସଂଗ୍ରହାଳୟ ବିଜ୍ଞାନ ବିଭାଗ ଭାବେ ଦୁଇଟି ସ୍ନାତକୋତ୍ତର ବିଭାଗ ଖୋଲିବ। ଏହାସହ ସୁନନ୍ଦା ପଟ୍ଟନାୟକ, ସାରଳା ଦାସ, ଭୀମଭୋଇ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଚାରିଟି ଚେୟାର ପ୍ରତିଷ୍ଠା କରାଯାଇଥିବା କୁଳସଚିବ ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ଡ. ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଦେବେନ୍ଦ୍ରନାଥ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅମ୍ବିକା ନନ୍ଦ ଓ ଛାତ୍ର ହିମାଂଶୁ ମହନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହାପରେ ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ ସହ ଦୃଶ୍ୟକଳା ବିଭାଗର କ୍ୟାଟ୍‌ଲଗ୍ "ସୃଷ୍ଟି', ସାହିତ୍ୟଭିତ୍ତିକ ପତ୍ରିକା "ରୂପାୟନ', ବିଶ୍ୱବିଦ୍ୟାଳୟର ସ୍ମରଣିକା "ସଂସ୍କୃତି' ଏବଂ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ "ଦ କ୍ଲେ ଇମେଜ୍ ଆଣ୍ଡ ପୋଟର୍ସ ଅଫ୍ ଓଡ଼ିଶା' ପୁସ୍ତକ ଉନ୍ମୋଚନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ସିକତା ଦାସ, ଉତ୍କଳ ସଂଗୀତ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ ଜେନା, ବି.କେ. ଆର୍ଟ କଲେଜର ଅଧ୍ୟକ୍ଷ ଡ. ଗଜେନ୍ଦ୍ର ପାଢ଼ୀ, ସରକାରୀ ଓ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମଲ୍ଲିକଙ୍କ ସମେତ ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ଗାଡ଼ି ଚାଳକଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୪।୧(ସମିସ):** ହିଟ୍ ଆଣ୍ଡ ରନ୍ ମାମଲାରେ ଦଣ୍ଡବିଧାନ ବ୍ୟବସ୍ଥାକୁ ବିରୋଧ କରି ଆଜିଠାରୁ ସର୍ବଭାରତୀୟସ୍ତରରେ ଗାଡ଼ି ଚାଳକମାନେ ଧର୍ମଘଟ ଆରମ୍ଭ କରିଥିବା ବେଳେ ଆସନ୍ତାକାଲିଠାରୁ ଓଡ଼ିଶା ଡ୍ରାଇଭର୍ ମହାସଂଘ ଏଥିରେ ସାମିଲ ହେବ। ଆଇନ୍ ପ୍ରତ୍ୟାହାର ଏବଂ ପୁରୁଣା ଦାବିକୁ ନେଇ ଓଡ଼ିଶାର ଗାଡ଼ି ଚାଳକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂଛାଡ଼ ଆନ୍ଦୋଳନ କରିବେ ବୋଲି ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି। ଏଥିଯୋଗୁଁ ଆସନ୍ତାକାଲିଠାରୁ ରାଜ୍ୟରେ ସାଧାରଣ ପରିବହନ ବ୍ୟବସ୍ଥା ବ୍ୟାହତ ହେବା ଆଶଙ୍କା ରହିଛି। ତେବେ ଏହି ଧର୍ମଘଟ ଯୋଗୁଁ ବଜାରରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଅଭାବ ଦେଖାଦେଇପାରେ। ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି, ଆଜି ସମଗ୍ର ରାଜ୍ୟରେ ଡିପୋରୁ ଟାଙ୍କିକୁ ଇନ୍ଧନ ପରିବହନ ସ୍ୱାଭାବିକ ରହିଛି। ଓଡ଼ିଶାରେ ଯେତିକି ପେଟ୍ରୋଲ, ଡିଜେଲ ଅଛି, ତାହା ଦୁଇ/ତିନି ଦିନର ଆବଶ୍ୟକା ପୂରଣ କରିପାରିବ। ଧର୍ମଘଟ ଅଧିକ ଦିନ ରହିଲେ ପେଟ୍ରୋଲ, ଡିଜେଲର ଅଭାବ ଦେଖା ଦେଇପାରେ ବୋଲି ଶ୍ରୀ ଲାଠ କହିଛନ୍ତି। ଏହି ବିବାଦର ସମାଧାନ ଓ ଗାଡ଼ି ଚଳାଚଳ ସ୍ୱାଭାବିକ ନ ହେଲେ ଖାଉଟି ବଜାର ବିପର୍ଯ୍ୟସ୍ତ ହେବ ବୋଲି ରାଜ୍ୟ ବ୍ୟବସାୟୀ ମହାସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ'(वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिक उपयुक्त उत्तर वाले विकल्प चुनकर लिखिए ।** (1x5=5)

आज जो समाज है, वह विसंगतियों से भरा है। यह विसंगति विरोध की बजह से नहीं है, बल्कि विरोधियों के बीच संगति न खोजने की बजह से है। इसलिए बहुत से लोगों को इस उपद्रवपूर्ण स्थिति को देखकर लग सकता है, कि हम सभी प्रकार के विरोध समाप्त कर दें, लेकिन जिस दिन विरोध समाप्त होंगे, उस दिन जीवन भी समाप्त हो जाएगा । जीवन को खड़ा ही नहीं किया जा सकता । जब आप सड़क पर चल रहे हैं , तब भी आपको ख्याल नहीं है कि आप दो विरोधियों के कारण ही चल पा रहे हैं । जब आप सड़क पर चल रहे हैं तब आप गति कर रहे हैं और जमीन का गुरुत्वाकर्षण आप की गति को रोक रहा है। जमीन कह रही है रुकने के लिए और आप चल रहे हैं । इन दोनों के बीच एएक 'तालमेल' स्थापित हो जाता है इसलिए आप चल पाते हैं । अगर जमीन में गुरुत्वाकर्षण न हो , तो आप चल ही नहीं पाएंगे या आप में चलने की इच्छा न हो तो भी आप रुक न पाएंगे । जमीन का गुरुत्वाकर्षण और चलने की इच्छा , इन दोनों के बीच का 'तालमेल' आप को गति देता और चला है । अगर जमीन में गुरुत्वाकर्षण न हो तो आप जमीन से ही छुट जाएंगे, चलने का सवाल ही नहीं है और यदि आप में चलने की इच्छा न हो तो आप बैठ जाएंगे । इन दो विरोधों के बीच हम चल रहे हैं, हम जी रहे हैं। जीने के प्रतिपक्ष में मृत्यु का विरोध खड़ा है । जीने का सारा रस ही इसलिए है कि मृत्यु भी है। यदि यह निश्चित हो जाये कि मृत्यु नहीं है तो जीवन का रस तत्क्षण विलीन हो जाएगा । जीवन में जो आनंद और पुलक है, वह प्रतिपक्ष मृत्यु के साथ खड़े होने से है।

जिस दिन मनुष्य ने मृत्यु पर विजय प्राप्त कर ली और ऐसी व्यवस्था कर ली कि कोई नहीं मरेगा । तो उसी दिन से फिर कोई जी भी नहीं पायेगा क्योंकि , जीवन का सारा अर्थ ही खो जाएगा, जिसे एक चित्रकार चित्र बनाता है तो बहुत सारे रंगों का प्रयोग करता है और अक्सर ऐसा होता है कि उसे यदि सफेद रंग उभारना हो ,तो पीछे काले रंग का बैकग्राउंड बनाता है। काले रंग की पृष्ठभूमि में सफेद रंग उभरता हु आ दिखाई पड़ता है । वह उतना सफेद दिखाई पड़ता है , जितना वह सफेद होता भी नहीं। वह काले रंग के बजह से अधिक सफेद दिखाई पड़ता है। काले और सफेद रंग के बीच वह संगति खोजता है तभी चित्र बन पाता है

जीवन की बहुत गहरी व्याख्या में विरोध स्वीकृति होगा। इससे इंकार नहीं है, लेकिन इसका यह अर्थ नहीं है कि विरोध अराजक हो जाए। विरोध के बीच कोई संबंध ही न रह जाए। दो व्यक्ति बात कर रहे हैं , दोनों विरोधी हैं। एक संगति यह हो सकती है ,क्योंकि दोनों विरोधी होते हुए भी एक दूसरे को समझने के लिए आतुर या उत्सुक ही उनकी बातचीत एक संवाद है , एक डॉयलाग है और आपसी बातचीत से सत्य के करीब वे दोनों पहुँचेंगे । दो व्यक्ति ऐसे विरोधी हो सकते हैं , जो एक दूसरे की सुनने को राजी नहीं है। वे अपना-अपना बोल रहे हैं। एक दूसरे को सुन ही नहीं रहे हैं , तब वह स्थान पागलखाने का हो जाएगा। तब वे अपना बोल रहे है ,लेकिन दूसरों से उसका कोई संबंध नहीं है। तब वे सत्य के करीब नहीं, पागलपन के करीब पहुँचेंगे। विरोध कैसा होना चाहिए ? विरोधाभास कैसे हो ? यह एक महत्वपूर्ण सवाल है । इसलिए मेरा मानना है कि , हमें इसकी भी शिक्षा देनी चाहिए कि जीवन में विरोध कैसा हो ?

१) गद्यांश का सर्वाधिक शीर्षक छाँटिए ।
   क) मैं और मेरी संगती   ख) विसंगति जीवन का सत्य
   ग) जीवन में विसंगतियों की भूमिका   घ) जीवन ही विसंगति है

२) 'तालमेल' शब्द से क्या अभिप्राय है ?
   क) जीवन में तालमेल होनी चाहिए।   ख) जीवन ही तालमेल है।
   ग) जीवन में जीवन तथा विरोध के मध्य तालमेल बनाने से ही मनुष्य का जीवन चलपाता है ।
   घ) इच्छा शक्ति और चलन शक्ति में तालमेल नहीं चाहिए ।

३) निम्नलिखित कथन (A) तथा कारण (R) को ध्यानपूर्वक पढ़िए। उसके बाद दिए गए विकल्पों में से कोई एक सही विकल्प चुनकर लिखिए-
   कथन (A) जब कोई आदमी चलता है , तो उसे ज्ञात भी नहीं कि वो विरोधों के मध्य चलता है ।
   कारण (R) जमीन का गुरुत्वाकर्षण बल एवं व्यक्ति की चलने की इच्छा के बीच चलन प्रक्रिया को गति देता है ।
   क) कथन (A) तथा कारण (R) दोनों गलत हैं।
   ख) कथन (A) गलत है, परंतु कारण (R) सही है।
   ग) कथन (A) और कारण (R) दोनों सही हैं, लेकिन कारण (R) कथन (A) की गलत व्याख्या करता है ।
   घ) कथन (A) और कारण (R) दोनों सही हैं, लेकिन कारण (R) कथन (A) की सही व्याख्या करता है ।

४) गद्यांश में क्या स्पष्ट कहा गया है ?
   क) आज का समाज पूरी तरह विसंगतियों से भरा हुआ है।
   ख) जीवन में कदम-कदम पर विसंगतियों का, विरोधों का सामना करना पड़ता है।
   ग) विरोध नहीं बल्कि प्रगति के लिए ऐसा आवश्यक है।
   घ) उपर्युक्त सभी ।

५) दो विरोधी का आपस में संबंध करना क्या स्पष्ट करता है ?
   क) संवाद करना मनुष्य व मानव जाति के लियें हानिकारक है।
   ख) संवाद करना मनुष्य एवं मानव जाति के लिये अत्यंत स्वास्थ्यप्रद एवं सकारात्मक है ।
   ग) संवाद करना मनुष्य एवं मानव जाति के लिए अत्यंत अनावश्यक बात है ।
   घ) संवाद करना मनुष्य एवं मानव जाति के लिए नकारात्मक पक्षों को बेहतर बनाता है।

**व्यावहारिक व्याकरण**

2 **निर्देशानुसार समास पर आधारित पाँच बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए ।** (1x4)

(क) 'मार्गव्यय शब्द / समस्तपद कौन-से समास का उदाहरण है?
   (i) द्विगु समास   (ii) कर्मधारय समास
   (iii) तत्पुरुष समास   (iv) अव्ययीभाव समास

(ख) 'महाजन'- समस्त पद का विग्रह होगा
   (i) महान है जो जन   (ii) महा है जो जन
   (iii) महान का जन   (iv) जन की महानता

(ग) निम्नलिखित युग्मों पर विचार कीजिए
   समस्त पद — समास
   I. रोगग्रस्त — (a) तत्पुरुष समास   II. पुरूषोतम — (b) अव्ययीभाव समास
   III. अंशुमाली — (c) कर्मधारय समास   IV. नवनिधि — (d) द्विगु समास
   उपर्युक्त युग्मों में से कौन-से सही सुमेलित हैं?
   (i) I और II   (ii) I और III   (iii) I और IV   (iv) III और IV

(घ) 'यथोचित ' सही समास विग्रह और समास का चयन कीजिए ।
   (i) यथा और चित– द्वंद्व समास   (ii) यथा की चित – तत्पुरुष समास
   (iii) जितना उचित हो - अव्ययीभाव समास
   (iv) उचित का धनी अर्थात् व्यक्ति विशेष – बहुव्रीहि समास

(ङ) 'त्रिरत्न' का समास विग्रह एवं भेद होगा-
   (i) तीन रत्न– द्विगु समास   (ii) तीन रत्नों का समाहार - द्वीगु समास
   (iii) तीन हैं रत्न जहाँ- अव्ययीभाव समास   (iv) तीन रंगों वाला रत्न – बहुव्रीहि

3 **निर्देशानुसार मुहावरे पर आधारित छः बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए ।** (1x4)

(क) मुहावरे और अर्थ के उचित मेल वाले विकल्प का चयन कीजिए।
   (i) आँख भरकर देखना- मनभर देखना   (ii) कलम तोड़ना- चीजें तोड़ना
   (iii) आकाश पाताल एक करना- खोजना   (iv) दीर्घ निःश्वास लेना- बहुत सोचना

(ख) 'उलझ जाना' के लिए उपयुक्त मुहावरा है
   (i) सुध-बुध खोना   (ii) अलख जगाना
   (iii) दिमाग होना   (iv) चक्कर खा जाना

(ग) 'इज्जत उतारना' निम्नलिखित में किस मुहावरे का अर्थ है ?
   (i) घमंड करना   (ii) विरोध करना   (iii) नाक काटना   (iv) तंद्रा भंग होना

(घ) रेखांकित अंश के लिए कौन-सा मुहावरा प्रयुक्त करना उचित रहेगा?'
   रितु हमेशा जानबूझ कर मुसीबत मोल लेती है।
   (i) औंधे मुँह गिरना।   (ii) एड़ी चोटी का ज़ोर लगाना,
   (iii) ओखली में सिर देना,   (iv) जान हथेली पर रखना।

(ङ) रेखांकित अंश के लिए कौन सा मुहावरा प्रयुक्त करना उचित होगा? पिछले कई वर्षों से कंपनी बहुत उंचाई पर पहुँच रही है।
   (i) रंग दिखाना   (ii) गाढ़ी कमाई
   (iii) सातवें आसमान पर होना   (iv) किस्मत चमक

(च) 'भयंकर शत्रु' अर्थ के लिए उपयुक्त मुहावरा है
   (i) हाथ-पाँव फूल जाना   (ii) प्राण ले लेना
   (iii) खून का प्यासा   (iv) ठंडा पड़ना

**खंड 'ब' (वर्णनात्मक प्रश्न)**

4 **निम्नलिखित प्रश्नों में से किन्हीं दो प्रश्नों के उत्तर लगभग 60 शब्दों में दीजिए।** (3x2=6)

(क) कबीर ने निंदक को पास रखने की सलाह क्यों दी है? क्या यह सलाह आपको उचित प्रतीत होती है? कारण सहित स्पष्ट कीजिए।

(ख) आपके द्वारा इस पाठ्यक्रम में पढ़ी गई किस कविता की अंतिम पंक्तियाँ आपको सर्वाधिक प्रभावित करती है और क्यों ? अपने विचार व्यक्त कीजिए ।

(ग) रवींद्रनाथ ठाकुर और मीरा की भक्ति का तुलनात्मक विश्लेषण कीजिए ।

**लेखन**

5. संस्कृति क्लब की ओर से 'एक भारत श्रेष्ठ भारत' कार्यक्रम को बढ़ावा देने के लिए सांस्कृतिक कार्यक्रम का आयोजन किया जा रहा है। इसकी जानकारी देते हुए तथा सहभागिता के लिए प्रेरित करते हुए अध्यक्ष की ओर से एक सूचना पत्र लिखिए ।

6. योग को बढ़ावा देते हुए एक आकर्षक विज्ञापन लगभग 40 शब्दों में तैयार कीजिए ।

अथवा (3x1=3)

अंतर्राष्ट्रीय पोषक अनाज वर्ष 2024 के प्रचार-प्रसार के लिए एक आकर्षक विज्ञापन लगभग 40 शब्दों में तैयार कीजिए ।

*****

*All the Best...*

**ANSWER KEY**

| | | | | | |
|---|---|---|---|---|---|
| 1. १)ग | २)ग | ३)ग | ४)घ) | ५)ख | |
| 2. (क)(iii) | (ख)(i) | (ग)(iii) | (घ)(iii) | (ङ)(ii) | |
| 3. (क)(i) | (ख)(iv) | (ग)(iii) | (घ)(iii) | (ङ)(iii) | (च)(iii) |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

### ଆଜିଠୁ ବରୋଦା-ଓଡ଼ିଶା ରଣଜୀ ମୁକାବିଲା

# ୧୭ ବର୍ଷରେ ୫ଥର ମୁହାଁମୁହିଁ; ବରୋଦା ହାରିନି

କଟକ,୪।୧(ସମିସ)

ବିସିସିଆଇର ଘରୋଇ କ୍ରିକେଟ ମହାକୁମ୍ଭ ରଣଜୀ ଟ୍ରଫି ଶୁକ୍ରବାରଠାରୁ ଆରମ୍ଭ ହେବ। ଓଡ଼ିଶା ତା'ର ପ୍ରଥମ ମୁକାବିଲାରେ ବରୋଦାକୁ ଭେଟିବ। ବରୋଦାର ମୋତିବାଗ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଉଭୟ ଦଳ ଗତ ୧୭ବର୍ଷ ଭିତରେ ୫ଥର ମୁହାଁମୁହିଁ ହୋଇଛନ୍ତି। ଯେଉଁଥିରୁ ୪ଟି ମ୍ୟାଚ୍ ଅମୀମାଂସିତ ଥିବାବେଳେ ଗୋଟିଏ ମ୍ୟାଚ୍ ବରୋଦା ଜିତିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ପଡ଼ିଆକୁ ଓହ୍ଲାଇବ।

ଗତ ସିଜନରେ ବରୋଦା ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ଡ୍ର ରଖିଥିଲା। ବିଷ୍ଣୁ ସୋଲାଙ୍କିଙ୍କ ନେତୃତ୍ୱାଧିନ ବରୋଦା ପାଳି ଅଗ୍ରଣୀ ହାସଲ କରି ଅଧିକ ପଏଣ୍ଟ ହାତେଇଥିଲା। ବିଷ୍ଣୁଙ୍କ ନେତୃତ୍ୱରେ ଗଠିତ ବରୋଦା ଦଳରେ ଅଧିକ ପରିବର୍ତ୍ତନ ଅଣାଯାଇ ନାହିଁ। ଦଳରେ ଜ୍ୟୋସ୍ନିଲ ସିଂହ, ଭାର୍ଗବ ଭଟ୍ଟ, କୃନାଲ ପାଣ୍ଡ୍ୟା, ଲୁକମାନ ମେରିୱାଲା, ଅତିତ ସେଠଙ୍କ ଭଳି ନାମିଦାମୀ ଖେଳାଳି ରହିଛନ୍ତି। ଭାର୍ଗବ ଓ ନିନାଦଙ୍କ ସ୍ପିନ୍ ଆଟାକ୍ ଓଡ଼ିଶା ବ୍ୟାଟରଙ୍କୁ ସମସ୍ୟାରେ ପକାଇପାରେ। ସେହିପରି ଜ୍ୟୋସ୍ନିଲ ଓ ବିଷ୍ଣୁ ବିଗତ କିଛି ବର୍ଷ ହେବ ବରୋଦା ପାଇଁ ରନ୍‌ମେସିନ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ସନ୍ତୁଳିତ ଦଳ ନେଇ ଶାନ୍ତନୁଙ୍କ ନେତୃତ୍ୱାଧୀନ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରଖିଛି। ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ସେନାପତି, କାର୍ତ୍ତିକ ବିଶ୍ୱାଳ, ରାଜେଶ ଧୂପରଙ୍କ ସହ ନବାଗତ ଆଶୀର୍ବାଦ ସ୍ୱାଇଁ ଓଡ଼ିଶାର ବ୍ୟାଟିଂ ଭାର ସମ୍ଭାଳିବେ। ୱିକେଟକିପର ଭାବେ ଆଶୀର୍ବାଦଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏକମାତ୍ର ସ୍ପିନର ଭାବେ ଚୂଡାନ୍ତ ଏକାଦଶରେ ଜୟନ୍ତ ବେହେରାଙ୍କୁ ସାମିଲ କରାଯାଇ ପାରେ। ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୁନୀଲ ରାଉଳ ଓଡ଼ିଶାର ପେସ୍ ବୋଲିଂ ଭାର ବହନ କରିବେ। ପ୍ରଶିକ୍ଷକ ଦୀନେଶ ମୋଙ୍ଗିଆଙ୍କ ପାଇଁ ଏହି ପ୍ରତିଯୋଗିତା ମଧ୍ୟ ବେଶ୍ ମହତ୍ୱପୂର୍ଣ୍ଣ ରଖୁଛି।

**ଓଡ଼ିଶା ଦଳ:** ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂହ।



ନେଟ୍ସରେ ବୋଲିଂ ଅବସରରେ ସୂର୍ଯ୍ୟକାନ୍ତ ପ୍ରଧାନ

● ମ୍ୟାଚ୍ ପୂର୍ବରୁ ଓଡ଼ିଶାକୁ ବଡ଼ ଝଟକା

## ବୟସ ଜାଲିଆତି ଅଭିଯୋଗରେ ସୁମିତ ବାସନ୍ଦ



ରଣଜୀ ଟ୍ରଫି ଆରମ୍ଭ ପୂର୍ବରୁ ଓଡ଼ିଶା କ୍ରିକେଟକୁ ଏକ ବଡ଼ ଝଟକା ଲାଗିଛି। ଦଳ ସହ ବରୋଦା ଯାତ୍ରା କରିଥିବା ବାମହାତୀ ସ୍ପିନର ସୁମିତ ଶର୍ମାଙ୍କୁ ବୟସ ଜାଲିଆତି ଘଟଣାରେ ବିସିସିଆଇ ଦୁଇ ବର୍ଷ ବାସନ୍ଦ କରିଛି। କିଛି ବର୍ଷର ବ୍ୟବଧାନ ପରେ ପୁଣିଥରେ ରାଜ୍ୟ କ୍ରିକେଟରେ ବୟସ ଜାଲିଆତି ଯୋଗୁଁ ଜଣେ ଖେଳାଳିଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଜନ୍ମପ୍ରମାଣ ପତ୍ର ଦାଖଲରେ ତ୍ରୁଟି କରିଥିବା ହେତୁ ସୁମିତଙ୍କୁ ଏଭଳି ବାସନ୍ଦାଦେଶ ମିଳିଛି ବୋଲି ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। ୨୦୧୫-୧୬ ମସିହାରେ କନିଷ୍ଠ ବର୍ଗରୁ ଖେଳୁଥିବାବେଳେ ସୁମିତ ଯେଉଁ ଜନ୍ମ ପ୍ରମାଣପତ୍ର ଦାଖଲ କରିଥିଲେ ତାହା ଚଳିତ ସଂସ୍କରଣ ନିମନ୍ତେ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ର ସହ ମେଳ ଖାଉନାହିଁ। ଏହି ପରିପ୍ରେକ୍ଷୀରେ ସୁମିତଙ୍କ ବିରୋଧରେ ବିସିସିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଶୁକ୍ରବାରଠାରୁ ରଣଜୀ ଟ୍ରଫି ଆରମ୍ଭ ହେବ। ବରୋଦାରେ ଥିବା ସୁମିତ ଓଡ଼ିଶା ଫେରିବେ। ତାଙ୍କ ବଦଳରେ ଦ୍ରୁତ ବୋଲର ତାରିଣୀ ସ'ଙ୍କୁ ଦଳରେ ସାମିଲ କରାଯାଇଛି।

## ୪୮ ଭେନ୍ୟୁରେ ୩୮ ଦଳ ମଧ୍ୟରେ ରଣଜୀ ଟ୍ରଫି ଲଢ଼େଇ

ନୂଆଦିଲ୍ଲୀ, ୪।୧ (ଏଜେନ୍ସି)

ଦେଶର ସବୁଠାରୁ ଶ୍ରେଷ୍ଠ କ୍ରିକେଟ୍ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫିର ୮୯ତମ ସଂସ୍କରଣ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ଏହି ଅଗ୍ରଣୀ ପ୍ରଥମଶ୍ରେଣୀ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ୩୨ ଗୋଟି ଦଳ ଏଲିଟ୍ ଗ୍ରୁପ୍‌ରେ ରହି ଟ୍ରଫି ପାଇଁ ଲଢ଼େଇ କରିବେ। ଏହି ୩୨ ଗୋଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ରେ ରହିଥିବା ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ କରି ୭ଟି ମ୍ୟାଚ୍ ଖେଳିବେ। ଏହାପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଗୋଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଏହାପରେ ମାର୍ଚ୍ଚ ୧୦ରୁ ଫାଇନାଲ ମ୍ୟାଚ୍ ଆରମ୍ଭ ହେବ।

ସେହିଭଳି ପ୍ଲେଟ୍ ପର୍ଯ୍ୟାୟରେ ୬ ଗୋଟି ଦଳକୁ ନେଇ ମ୍ୟାଚ୍ ଫେବୃଆରୀ ୧୭ରୁ ଆରମ୍ଭ ହେବ। ଏହି ୬ ଗୋଟି ଦଳ ହେଲେ ହାଇଦରାବାଦ୍, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ ଓ ସିକ୍କିମ। ଏମାନେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ ଏବଂ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳ ହିଁ ପରବର୍ତ୍ତୀ ରଣଜୀ ଟ୍ରଫି ସିଜନରେ ଏଲିଟ୍ ଗ୍ରୁପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଗତ ସଂସ୍କରଣରେ ବିହାର ଓ ମଣିପୁର ଫାଇନାଲରେ ପ୍ରବେଶ କରିଥିବାରୁ ଚଳିତ ରଣଜୀ ଟ୍ରଫିରେ ଏଲିଟ୍ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି।

ଚଳିତ ରଣଜୀ ସଂସ୍କରଣରେ ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ ସୌରାଷ୍ଟ୍ର ସହ ଦୁଇଥରର ବିଜେତା ବିଦର୍ଭ, ହରିୟାଣା ଓ ସର୍ଭିସେସ୍ ଭଳି ଶକ୍ତିଶାଳୀ ଦଳ ରହିଛନ୍ତି। ସେହିଭଳି ୪୧ଥରର ଚାମ୍ପିଅନ ମୁମ୍ବାଇ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଅନ୍ୟମାନଙ୍କ ମଧ୍ୟରେ ୮ଥରର ବିଜେତା କର୍ଣ୍ଣାଟକ, ଗତ ସଂସ୍କରଣର ଉପବିଜେତା ବେଙ୍ଗଲ, ଆନ୍ଧ୍ରପ୍ରଦେଶ ପ୍ରମୁଖ ରହିଛନ୍ତି। ଚଳିତ ରଣ୍‌ଜୀ ଟ୍ରଫି ଦେଶର ୪୮ ଗୋଟି ଭେନ୍ୟୁରେ ଖେଳାଯିବ। ଚଳିତ ବର୍ଷ ରଣ୍‌ଜୀ ଟ୍ରଫିରେ ଅଜିଙ୍କ୍ୟା ରାହାଣେ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ମୟଙ୍କ ଅଗ୍ରୱାଲ, ଉମେଶ ଯାଦବ, ଇଶାନ୍ତ ଶର୍ମାଙ୍କ ଭଳି ଭେଟେରାନ ତାରକାଙ୍କୁ ବିଭିନ୍ନ ଦଳରେ ଦେଖିବାକୁ ମିଳିବ।



● ଓଡ଼ିଶା ମହିଳା ଲିଗ୍

## ସ୍ପୋର୍ଟ୍ସ ଓଡ଼ିଶା, ଓଜିପି ବିଜୟୀ

କଟକ,୪।୧(ସମିସ): ଓଡ଼ିଶା ମହିଳା ଲିଗ୍‌ରେ ଗୁରୁବାର ଅନୁଷ୍ଠିତ ଦୁଇ ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ଏବଂ ଓଡ଼ିଶା ସରକାରୀ ପ୍ରେସ୍ (ଓଜିପି) ଦଳ ବିଜୟୀ ହୋଇଛି। ଭୁବନେଶ୍ୱର ୟୁନିଟ-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧର ୬୯ତମ ଓ ୮୬ତମ ମିନିଟରେ ଶୁଭସ୍ମିତା ଶୁଭଦର୍ଶିନୀ ଦାସ ଏବଂ ଆଞ୍ଚଲ ସିଂହ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଟିଏମ ଚୌଦ୍ୱାର ଗ୍ରାଉଣ୍ଡରେ ଓଜିପି କ୍ଲବ ୩-୦ ଗୋଲରେ କିଟ-କିସ୍‌କୁ ହରାଇଥିଲା। ଓଜିପି ପକ୍ଷରୁ ସୁନୀତା ସ୍ୱାଇଁ, ଶୀଲା ସିଂହ ଓ ଅଙ୍କିତା ସିଂହ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି।

● ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଟେନିସ

## ସେମିରେ ପହଞ୍ଚିଲା କିଟ୍

ଭୁବନେଶ୍ୱର, ୪।୧ (ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ରାଜସ୍ଥାନ ଜୟପୁରଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ପୁରୁଷ ଟେନିସ ପ୍ରତିଯୋଗିତାରେ କିଟ୍ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କିଟ୍ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍ ୩-୧ରେ ବିଜୟୀ ହୋଇଥିଲା। କିଟ୍ ଦଳର ଅଧିନାୟକ କବୀର ହଂସ ଉଭୟ ଏକକ ଓ ଯୁଗଳରେ ବିଜୟ ଲାଭ କରିଥିଲେ। ବିଜୟୀ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ରହିଛନ୍ତି। ମହମ୍ମଦ ଏନାମୁଲ ହକ୍ କିଟ୍ ଦଳ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ରେଳବାଇ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅତିଥିଙ୍କ ସହ ପଦକ ବିଜୟିନୀ ମହିଳା ଜିମ୍ନାଷ୍ଟ।

## ମହିଳା କ୍ରିକେଟ: ଆସାମଠାରୁ ଓଡ଼ିଶା ପରାସ୍ତ

କଟକ,୪।୧(ସମିସ)

ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଛି। ପୁଡୁଚେରୀର କାପ-୨ ଗ୍ରାଉଣ୍ଡରେ ଆସାମଠାରୁ ୫ ୱିକେଟରେ ଓଡ଼ିଶା ପରାସ୍ତ ହୋଇଛି। ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୫ ୱିକେଟ ବିନିମୟରେ ୨୧୭ ରନ କରିଥିଲା। ଉପଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୫୪, ତନ୍ମୟୀ ବେହେରା ୪୪ ରନ ସଂଗ୍ରହ କରିଥିଲେ। ଆସାମ ପକ୍ଷରୁ ମୌସୁମୀ ନାରହାଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଆସାମ ୪୯ତମ ଓଭରର ଅନ୍ତିମ ବଲରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗାୟତ୍ରୀ ଗୁରୁଙ୍ଗ ୬୮ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ସୁଶ୍ରୀ ଓଡ଼ିଶା ନିମନ୍ତେ ୨ଟି ୱିକେଟ ଦଖଲ କରିଥିଲେ। ଲକ୍ଷ୍ମୀପ୍ରିୟା ନାଏକଙ୍କୁ ମଧ୍ୟ ୨ଟି ୱିକେଟ ମିଳିଥିଲା। ୬ ତାରିଖରେ ମଣିପୁର ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଆରମ୍ଭ

## ରମାଦେବୀ, ଉତ୍କଳ, କିସ୍ ବିଜୟୀ

ଭୁବନେଶ୍ୱର, ୪।୧ (ସମିସ): କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଓଡ଼ିଶା ଭଲିବଲ୍ ସଂଘର ଉପସଭାପତି ବିଜୟ କୁମାର ଧଳ, ସମ୍ପାଦକ ତଥା କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କୋଷାଧକ୍ଷ ସୁଧାଂଶୁ ଭୂଷଣ ମିଶ୍ର, ଜାତୀୟ ରେଫରୀ ପ୍ରମୋଦ ବେହେରା, କିଟ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି, କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା।

ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ ରମାଦେବୀ, ଉତ୍କଳ ଓ ଆୟୋଜକ କିସ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ରମାଦେବୀ ପ୍ରତିପକ୍ଷ ତେଜପୁର ବିଶ୍ୱବିଦ୍ୟାଳୟକୁ, କିସ୍ ପାଟାଳିପୁତ୍ର ବିଶ୍ୱବିଦ୍ୟାଳୟକୁ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୂର୍ବାଞ୍ଚଳର ୪୨ ବିଶ୍ୱବିଦ୍ୟାଳୟରୁ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବ। ଜାନୁଆରୀ ୯ରୁ ଏହି ପ୍ରତିଯୋଗିତା ମଧ୍ୟ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହେବ।



ଅତିଥିଙ୍କ ଗହଣରେ ରମାଦେବୀ ଭଲିବଲ୍ ଦଳ

## ଜାତୀୟ ଭାରୋତ୍ତୋଳନରେ ସୁରେଶଙ୍କୁ ୨ ପଦକ

ଭୁବନେଶ୍ୱର, ୪।୧ (ସମିସ): ଅରୁଣାଚଳ ପ୍ରଦେଶ ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଜାତୀୟ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ଭାରୋତ୍ତୋଳନରେ ଓଡ଼ିଆ ଖେଳାଳିଙ୍କ ପଦକ ବିଜୟ ଧାରା ଜାରି ରହିଛି। ଗୁରୁବାର ପୁନିତ୍ ଚନ୍ଦ୍ର ସାହୁ କନିଷ୍ଠ ୯୬ କିଗ୍ରା ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ସେ ସ୍ନାଚରେ ୧୨୫, କ୍ଲିନ ଆଣ୍ଡ ଜର୍କରେ ୧୭୭ ସହ ମୋଟ୍ ୩୦୨ କିଗ୍ରା ଭାର ଉଠାଇଥିଲେ। ସେହିଭଳି ସୁରେଶ ଯାଦବ ବରିଷ୍ଠ ୯୦ କିଗ୍ରା ବିଭାଗରେ ମୋଟ୍ ୩୧୧ କିଗ୍ରା ସହ ଓଭରଅଲ୍ କାଂସ୍ୟ ଓ ଇଣ୍ଟରଷ୍ଟେଟ୍‌ରେ ସ୍ୱର୍ଣ୍ଣ ସହ ୨ଟି ପଦକ ଜିତିଛନ୍ତି। ପୂର୍ବରୁ ବରିଷ୍ଠ ବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ମହିଳା ୫୫ କିଗ୍ରା ଯୁବା ବର୍ଗରେ ମୀନା ସାଣ୍ଟା ରୌପ୍ୟ ପଦକ ହାସଲ କରିଥିଲେ।





ପୁନିତ୍ ଚନ୍ଦ୍ର ସାହୁ ଓ ସୁରେଶ ଯାଦବ

## ଧନଞ୍ଜୟ ଶ୍ରୀଲଙ୍କା ନୂଆ ଟେଷ୍ଟ ଅଧିନାୟକ

କଲମ୍ବୋ,୪।୧(ଏଜେନ୍ସି)

ଟି-୨୦ ଓ ଦିନିକିଆ ପରେ ଶ୍ରୀଲଙ୍କା ଟେଷ୍ଟ ଫର୍ମାଟର ନେତୃତ୍ୱ ପରିବର୍ତ୍ତନ କରିଛି। ଦିମୁଥ କରୁଣାରତ୍ନେଙ୍କୁ ହଟାଇ ଧନଞ୍ଜୟ ଡିସିଲଭାଙ୍କୁ ଟେଷ୍ଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏନେଇ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ମୁଖ୍ୟ ଚୟନକର୍ତ୍ତା ଉପୁଲ ଥରଙ୍ଗା ଗୁରୁବାର ସୂଚନା ଦେଇଛନ୍ତି। ପୂର୍ବରୁ ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଜିମ୍ବାୱେ ବିପକ୍ଷ ଘରୋଇ ଟି-୨୦ ଓ ଦିନିକିଆ ସିରିଜ ପାଇଁ ଭିନ୍ନ ଭିନ୍ନ ଅଧିନାୟକଙ୍କୁ ନିଯୁକ୍ତ କରାଯାଇଥିଲା। କୁସଲ ମେଣ୍ଡିସଙ୍କୁ ଦିନିକିଆ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଟି-୨୦ ଦଳର ଅଧିନାୟକ ନିଯୁକ୍ତି କରାଯାଇଥିଲା। ଧନଞ୍ଜୟ ଏଥିସହ ଶ୍ରୀଲଙ୍କାର ୧୮ତମ ଟେଷ୍ଟ ଅଧିନାୟକ ବିବେଚିତ ହୋଇଛନ୍ତି।

ସେ ଶ୍ରୀଲଙ୍କା ପାଇଁ ଏପର୍ଯ୍ୟନ୍ତ ୫୧ ଟେଷ୍ଟ ଖେଳି ୩୯.୭୭ ହାରରେ ୩୩୦୧ ରନ ସଂଗ୍ରହ କରିଛନ୍ତି।

ସକାଳ
THE SAKALA
www.thesakala.in
We require the following posts for various locations urgently.
1. District Correspondent
For Various District
Qualification: MJMC with 5 yrs. experience.
2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience
3. Layout Designer
For Bhubaneswar
Qualification: Minimum 3 yrs experience in respective field.
4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.
Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଦ୍ୱିତୀୟ ଦିନରେ ବର୍ଷା ବାଧକ; ଅଷ୍ଟ୍ରେଲିଆ ୧୧୬/୨

ସିଡନୀ, ୪।୧(ଏଜେନ୍ସି)



ଡେଭିଡ୍ ୱାର୍ଣ୍ଣର

ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ପାକିସ୍ତାନ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଓଦା ଆଉଟଫିଲ୍ଡ ଯୋଗୁ ବାଧାପ୍ରାପ୍ତ ହୋଇଛି। ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୪୬ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ତା'ର ପ୍ରଥମ ପାଳିରେ ୪୭ ଓଭରରେ ଦୁଇ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରିଛି। ଫଳରେ ୮ ୱିକେଟ ବାକି ଥାଇ ଅଷ୍ଟ୍ରେଲିଆ ଏବେ ୧୯୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ମାର୍ନସ ଲାବୁସେନ ୨୩ ଓ ଅଭିଜ୍ଞ ଷ୍ଟିଭେନ ସ୍ମିଥ୍ ୬ ରନ କରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ପାଳି ସ୍କୋର ୬/୦ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରି ଦୁଇ ୱିକେଟ ହରାଇଥିଲା। ଅପରାଜିତ ଥିବା ଦୁଇ ଓପନର ଡେଭିଡ୍ ୱାର୍ଣ୍ଣର ୬ ଓ ଉସମାନ ଖୱାଜା ଶୂନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୪ ଓ ୪୭ ରନକରି ଆଉଟ ହୋଇଥିଲେ। ୱାର୍ଣ୍ଣର ଆଘା ସଲମାନଙ୍କ ବଲରେ ସ୍ଲିପ୍ ରେ ବାବର ଆଜମଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ଖୱାଜା ଆମୀର ଜମାଲଙ୍କ ବଲରେ ୱିକେଟରକ୍ଷକ ମହମ୍ମଦ ରିଜୱାନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ।

ପୂର୍ବରୁ ଟସ୍ ଜିତି ପାକିସ୍ତାନ ପ୍ରଥମ ପାଳିରେ ବୁଧବାର ୭୭.୧ ଓଭରରେ ୩୧୩ ରନକରି ଆଉଟ ହୋଇଥିଲା। ଦଳ ତରଫରୁ ରିଜୱାନ ୮୮, ସଲମାନ ୫୩ ଓ ଆମୀର ଜମାଲ ୮୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଅଧିନାୟକ ସାନ ମାସୁଦ ୩୫, ବାବର ୨୬ ଓ ସାଜିଦ ଖାନ୍ ୧୫ ରନକରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ସ୍ପର୍ଶ କରିପାରି ନଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ କମିନ୍ସ ସର୍ବାଧିକ ଓ ମିଚେଲ ଷ୍ଟାର୍କ ୨ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ପାଳି- ୩୧୩/୧୦, ୭୭.୧ଓଭର।

ଅଷ୍ଟ୍ରେଲିଆ ପ୍ରଥମ ପାଳି- ୧୧୬/୨, ୪୭ ଓଭର (ୱାର୍ଣ୍ଣର- ୩୪, ଖୱାଜା- ୪୭, ଲାବୁସେନ- ଅପରାଜିତ ୨୩, ଜମାଲ- ୧/୨୬, ସଲମାନ- ୧/୧୮)।

■ ବୁମ୍‌ରାଙ୍କୁ ୬ ୱିକେଟ, ମାର୍କରାମଙ୍କ ଶତକ ■ ସିରାଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ■ ସିରିଜ ୧-୧ରେ ବରାବର

# ଦେଢ଼ ଦିନରେ ଟେଷ୍ଟ ଜିତିଲା ଭାରତ

କେପ୍‌ଟାଉନ୍, ୪।୧ (ଏଜେନ୍ସି)

ସ୍ଥାନୀୟ ନ୍ୟୁଲାଣ୍ଡସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ମାତ୍ର ଦେଢ଼ ଦିନରେ ଶେଷ ହୋଇଛି। ଏହି ଦେଢ଼ଦିନର ଲଢ଼େଇରେ ଭାରତ ୭ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏସିଆ ମହାଦେଶର ପ୍ରଥମ ଦେଶ ଭାବେ ଏଠାରେ ଟେଷ୍ଟ ଜିତିବା ପରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଅମୀମାଂସିତ ରହିଛି। ଏହା ପୂର୍ବରୁ ସେଞ୍ଚୁରିଆନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦକ୍ଷିଣ ଆଫ୍ରିକା ଏକ ପାଳି ଓ ୩୨ ରନ୍‌ରେ ବିଜୟୀ ହୋଇଥିଲା। କେପ୍‌ଟାଉନ୍‌ରେ ଘରୋଇ ଦଳର ପ୍ରଥମ ପାଳିରେ ୧୫ ରନ୍ ଦେଇ ୬ଟି ଓ ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ମହମ୍ମଦ ସିରାଜଙ୍କୁ ଏହି ଟେଷ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୨ଟିଯାକ ଟେଷ୍ଟରେ ମୋଟ ୧୨ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ୨୦୧ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଓପନର ଡିନ୍ ଏଲଗାରଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମୁକାବିଲା ସହ ଦିନିକିଆ ବିଶ୍ୱକପ୍ ପରେ ଭାରତର ପ୍ରଥମ ପୂର୍ଣ୍ଣାଙ୍ଗ ସିରିଜ୍ ଶେଷ ହୋଇଛି। ପୂର୍ବରୁ ଟି-୨୦ ସିରିଜ ୧-୧ରେ ବରାବର ରହିଥିଲା। କିନ୍ତୁ ଦିନିକିଆ ସିରିଜ୍‌କୁ ଭାରତ ୨-୧ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହା ପରେ ଭାରତ ଘରୋଇ ମାଟିରେ ଆଫଗାନିସ୍ତାନ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହି ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମୋହାଲି, ଇନ୍ଦୋର ଓ ବେଙ୍ଗାଲୁରୁରେ ଯଥାକ୍ରମେ ଜାନୁଆରୀ ୧୧, ୧୪ ଓ ୧୭ରେ ଖେଳାଯିବ। ଏହା ପରେ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜିତ ହେବ।



### ୧୨ ଓଭରରେ ବିଜୟ

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ପାଳି ୧୭୬ ରନ୍‌ରେ ଶେଷ ହେବା ପରେ ଭାରତ ଆଗରେ ମାତ୍ର ୭୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ମାତ୍ର ୧୨ ଓଭର ଖେଳରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୨୩ ବଲ୍‌ରେ ୬ ଚୌକା ସହ ସର୍ବାଧିକ ୨୮, ଶୁବମାନ ଗିଲ୍ ୧୦ ଓ ବିରାଟ କୋହଲି ୧୨ ରନ୍ କରି ଆଉଟ ହୋଇଥିଲେ। ରୋହିତ ଶର୍ମା ୧୭ ଓ ଶ୍ରେୟସ ଆୟର ୪ ରନ୍‌କରି ଶେଷଯାଏ ଅପରାଜିତ ରହିଥିଲେ। ପୂର୍ବରୁ ପ୍ରଥମ ପାଳିରେ ଦ. ଆଫ୍ରିକା ୫୫ ଓ ଭାରତ ୧୫୩ ରନ୍ କରିଥିଲା।

### ମାର୍କରାମଙ୍କ ପରାକ୍ରମୀ ଶତକ

ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସ ପିଚ୍‌ରେ ପ୍ରଥମ ବଲରୁ ହିଁ ବୋଲରଙ୍କୁ ସହାୟତା ମିଳିଥିଲା। ଏଠାରେ ରନ୍ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇଥିଲାବେଳେ ଦକ୍ଷିଣ ଆଫ୍ରିକାର ଓପନର ଏଡେନ ମାର୍କରାମ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ କରି ଶତକ ହାସଲ କରିଥିଲେ। ସେ ଭାରତର ସମସ୍ତ ବୋଲରଙ୍କୁ ଚମତ୍କାର ସଟ୍‌ମାରି ଏଠାରେ ଏକ ସ୍ମରଣୀୟ ପାଳି ଖେଳିଥିଲେ। ସେ ୭୩ ରନ୍ କରିଥିଲାବେଳେ ବୁମ୍‌ରାଙ୍କ ବୋଲିଂରେ ଲୋକେଶ ରାହୁଲ ତାଙ୍କ କ୍ୟାଚ୍ ଛାଡ଼ିଦେଇଥିଲେ। କିନ୍ତୁ ସିରାଜ ପ୍ରଥମପାଳି ଭଳି ପ୍ରଭାବୀ ବୋଲିଂ କରିପାରି ନ ଥିଲେ ମଧ୍ୟ ଦ୍ୱିତୀୟ ପାଳିରେ ମାର୍କରାମଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରିଥିଲେ। ମାର୍କରାମ ୧୦୩ଟି ବଲ୍ ଖେଳି ୧୭ଟି ଚୌକା ଓ ୨ଟି ଆକର୍ଷଣୀୟ ଛକା ସହ ୧୦୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ୧୩.୫ ଓଭରରେ ୬୧ ରନ୍ ଦେଇ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ମୁକେଶ କୁମାରଙ୍କୁ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଗୋଟିଏ ୱିକେଟ ମିଳିଛି।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି:** ୫୫/୧୦, ୨୩.୨ ଓଭର (ଭେରିନ୍-୧୫, ସିରାଜ- ୯-୩-୧୫-୬, ମୁକେଶ-୨.୨-୨-୦-୨. ବୁମ୍‌ରା-୨/୨୫)।

**ଭାରତ ପ୍ରଥମ ପାଳି:** ୧୫୩/୧୦, ୩୪.୫ ଓଭର (ବିରାଟ କୋହଲି-୪୬, ରୋହିତ ଶର୍ମା-୩୯, ଶୁବମାନ ଗିଲ-୩୬, ଲୁଙ୍ଗି ଏନ୍‌ଗିଡି-୩/୩୦, କାଗିସୋ ରାବାଡା-୩/୩୮, ନାନ୍ଦ୍ରେ ବର୍ଗର-୩/୪୨)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି:** ୧୭୬/୧୦, ୩୬.୫ ଓଭର (ମାର୍କରାମ-୧୦୬, ବୁମ୍‌ରା-୧୩.୫-୦-୬୧-୬, ମୁକେଶ-୨/୫୬)।

**ଭାରତ ଦ୍ୱିତୀୟ ପାଳି:** ୮୦/୩, ୧୨ ଓଭର (ଯଶସ୍ୱୀ ଜୟସ୍ୱାଲ-୨୮, ରୋହିତ ଶର୍ମା-୧୭*, କୋହଲି-୧୨, ଜାନସେନ-୧/୧୫)।

# ଛୋଟିଆ ଟେଷ୍ଟ ମ୍ୟାଚ୍‌ରେ ବିଶ୍ୱରେକର୍ଡ

କେପ୍‌ଟାଉନ୍, ୪।୧ (ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଦ୍ୱିତୀୟ ଦିନ ଅଧାରେ ଶେଷ ହୋଇଛି। ଏହି ମ୍ୟାଚ୍ ୪ଟି ପୂରା ଓ ଆଉ ଅଧା ସେସନ ଖେଳ ଓ ୬୪୨ଟି ବଲ୍ ବୋଲିଂ ହେବା ପରେ ଫଳାଫଳ ବାହାରିଛି। ଭାରତ ୭ ୱିକେଟରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ କମ୍‌ବଲ ବୋଲିଂ ହେବାରେ ଏହି ମ୍ୟାଚ୍‌ରେ ବିଶ୍ୱରେକର୍ଡ ହୋଇଛି। ଏହା ପୂର୍ବରୁ ୧୯୩୨ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ଟେଷ୍ଟ ମାତ୍ର ୬୫୬ଟି ବଲ୍‌ରେ ଶେଷ ହୋଇଥିଲା। ମେଲବୋର୍ଣ୍ଣରେ ହୋଇଥିବା ରେକର୍ଡ କେପ୍‌ଟାଉନ୍‌ରେ ଭାଙ୍ଗିଛି।

**୫ଟି ସେସନ ଓ ୬୪୨ଟି ବଲ୍‌ରେ ମ୍ୟାଚ୍ ଶେଷ**

**କେପ୍‌ଟାଉନ୍‌ରେ ପ୍ରଥମ ବିଜୟ:** ନ୍ୟୁଲାଣ୍ଡସରେ ଭାରତ ଖେଳିଥିବା ସପ୍ତମ ମୁକାବିଲାରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ଦକ୍ଷିଣ ଆଫ୍ରିକା ସହ ଭାରତ ଏଠାରେ ପୂର୍ବରୁ ୬ଟି ମ୍ୟାଚ୍ ଖେଳି ୪ଟିରେ ହାରିଥିଲାବେଳେ ୨ଟି ମ୍ୟାଚ୍ ଅମୀମାଂସିତ ରଖିଥିଲା।

**୪ଟି ମ୍ୟାଚ୍ ଦୁଇ ଦିନରେ ଶେଷ:** ନ୍ୟୁଲାଣ୍ଡସରେ ଖେଳାଯାଇଥିବା ଟେଷ୍ଟ ମଧ୍ୟରୁ ଏହାକୁ ମିଶାଇ ୪ଟି ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ସେହିପରି ଟେଷ୍ଟ କ୍ରିକେଟ ଇତିହାସରେ ୨୮ଟି ଟେଷ୍ଟର ଫଳାଫଳ ଦୁଇଦିନରେ ନିର୍ଣ୍ଣିତ ହୋଇଛି। ଏହା ମଧ୍ୟରେ ଭାରତ ଖେଳିଥିବା ୩ଟି ଟେଷ୍ଟ ସାମିଲ। ଏହା ପୂର୍ବରୁ ୨୦୨୧ ଅହମ୍ମଦାବାଦ୍‌ରେ ଭାରତ ବନାମ ଇଂଲଣ୍ଡ ଓ ୨୦୧୮ ବେଙ୍ଗାଲୁରୁରେ ଭାରତ ବନାମ ଆଫଗାନିସ୍ତାନ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଥିଲା।

**ଗୋଟିଏ ଟେଷ୍ଟରେ ସବୁଠାରୁ କମ୍ ରନ୍:** ଏହି ଟେଷ୍ଟରେ ଉଭୟ ଦଳ ମିଳିତ ଭାବେ ୪୬୪ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ଟେଷ୍ଟରେ ଏହା ହେଉଛି ସବୁଠାରୁ କମ୍ ରନ୍ ସଂଗ୍ରହ। ପୂର୍ବରୁ ଏହି ରେକର୍ଡ ନାଗପୁରରେ ହୋଇଥିଲା। ୨୦୧୫ରେ ଖେଳାଯାଇଥିବା ଏହି ଟେଷ୍ଟରେ ୬୫୨ ରନ୍ ସ୍କୋର ହୋଇଥିଲା।

**ବିଜୟୀ ଦଳର ଅର୍ଦ୍ଧଶତକ ଶୂନ:** ଭାରତୀୟ ପାଳିରେ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ ନ କରି ମ୍ୟାଚ୍ ଜିତିବାରେ ଏହା ଦ୍ୱିତୀୟ ଅବସର। ଏହି ଟେଷ୍ଟରେ ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୪୬ ରନ୍ କରିଥିଲେ। ସେହିପରି ୨୦୧୫ ନାଗପୁରରେ ଭାରତ ୧୨୪ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୁରଲୀ ବିଜୟ ସର୍ବାଧିକ ୪୦ ରନ୍ କରିଥିଲେ।

# ଜାତୀୟ ଜିମ୍ନାଷ୍ଟିକ୍ସ: ରାକେଶଙ୍କୁ ୪ ପଦକ



ଭୁବନେଶ୍ୱର, ୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ବରିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ଏଥିରେ ଓଡ଼ିଶାର ରାକେଶ ପାତ୍ରଙ୍କୁ ୪ଟି ପଦକ ମିଳିଛି। ସେ ଅଲରାଉଣ୍ଡ ଓ ରିଙ୍ଗ୍ସରେ ସ୍ୱର୍ଣ୍ଣ, ପାରାଲେଲ ବାରରେ ରୌପ୍ୟ ଓ ହୋରାଇଜୋଣ୍ଟାଲ ବାର୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ତାଙ୍କ ବ୍ୟତୀତ ସର୍ଭିସେସ୍‌ର ଗୌରବ କୁମାରଙ୍କୁ ମଧ୍ୟ ୪ଟି ପଦକ ମିଳିଛି। ରେଳବାଇର ସିଦ୍ଧାର୍ଥ ବର୍ମା ସେ ଫ୍ଲୋର ଏକ୍ସରସାଇଜ୍‌ରେ ସ୍ୱର୍ଣ୍ଣ ସହ ଏହି ପଦକ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଅଲିମ୍ପିଆନ ପ୍ରଣତି ଦାସଙ୍କୁ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ, ପ୍ରଣତି ନାୟକଙ୍କୁ ଭଲ୍ଟରେ ସ୍ୱର୍ଣ୍ଣ ଓ ବାଲାନ୍ସ ବିମ୍‌ରେ କାଂସ୍ୟ ପଦକ ମିଳିଛି। ଖେଳ ଶେଷରେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟକ୍ତିଗତ ମହିଳା ବିଭାଗ ଭଲ୍ଟରେ ରେଳବାଇର ପ୍ରଣତି ନାୟକ, ଅନ୍‌ଇଭିନ୍ ବାରରେ ରେଳବାଇର ପ୍ରଣତି ଦାସ, ବାଲାନ୍ସ ବିମ୍‌ରେ ବେଙ୍ଗଲର ରୀତୁ ଦାସ, ଫ୍ଲୋର ଏକ୍ସରସାଇଜ୍‌ରେ ପ୍ରଣତି ଦାସ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ପୁରୁଷ ବିଭାଗ ଫ୍ଲୋର ଏକ୍ସରସାଇଜ୍‌ରେ ଗୌରବ କୁମାର, ପୋମେଲ ହର୍ଷରେ ହରିକ୍ରିଷ୍ଣା, ରିଙ୍ଗସରେ ରାକେଶ, ଭଲ୍ଟରେ ସିଦ୍ଧାର୍ଥ ବର୍ମା, ପାରାଲେଲ ବାରରେ ସୈଫ ତାମ୍ବୋଲି, ହୋରାଇଜୋଣ୍ଟାଲ ବାରରେ ଯୋଗେଶ୍ୱର ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଓଡ଼ିଶାର ତପନ ମହାନ୍ତି ରିଙ୍ଗସରେ କାଂସ୍ୟ ପଦକ ପାଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର